

୧୪ ବର୍ଷ ପରେ
ଅକ୍ଷୟ-ସାଜିଦ୍ ଯୋଡ଼ି
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-105 ◆THURSDAY ◆08 OCTOBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୦୫ ◆ଗୁରୁବାର ◆୦୮ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୪ ବର୍ଷ ପରେ ସୁଧହାର ବଢ଼ାଇଲା ରିଜର୍ଭ ବ୍ୟାଙ୍କ

■ ମୁମ୍ବଇ, ୭।୧୦ (ଏଜେନ୍ସି): ଦେଶରେ ମହଙ୍ଗାମାଡ଼ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରାୟ ୪ ବର୍ଷ ପରେ ପ୍ରଥମ ଥର ପାଇଁ ରେପୋ ରେଟ୍ ବା ପ୍ରମୁଖ ସୁଧ ହାରରେ ବୃଦ୍ଧି ଘଟାଇଛି । ରେପୋ ହାର ୨୫ ବେସିସ୍ ପଏଣ୍ଟ ବୃଦ୍ଧି ପାଇ ୫.୫୦ ପ୍ରତିଶତ ହୋଇଛି । ପୂର୍ବରୁ ପ୍ରାୟ ୪ ବର୍ଷ ଧରି ଏହା ୫.୨୫ବେସିସ୍ ପଏଣ୍ଟ ରହିଥିଲା । ଆଜି ରିଜର୍ଭ ବ୍ୟାଙ୍କର ତିନିଦିନିଆ ମୁଦ୍ରା ନୀତି କମିଟି ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି । ରିଜର୍ଭ ବ୍ୟାଙ୍କର ଏହି ନିଷ୍ପତ୍ତି କାର, ଗୃହ ଏବଂ ଅନ୍ୟ ଋଣ ନେଉଥିବା ଗ୍ରାହକଙ୍କୁ ବଡ଼ ଝଟ୍‌କା ଦେବ । କାରଣ ରେପୋ ହାରରେ ବୃଦ୍ଧି ଯୋଗୁ ବଜାରରେ କାର୍, ଗୃହ ଏବଂ ଅନ୍ୟ ଋଣ ମହଙ୍ଗା ହେବ । ଏହା ସହିତ, ସ୍ଥାୟୀ ଜମା ସୁବିଧା (ଏସ୍‌ଡିଏଫ୍) ହାର ।।ରେ ମଧ୍ୟ ବୃଦ୍ଧି କରାଯାଇଛି । ଏସ୍‌ଡିଏଫ୍ ହାର ବର୍ତ୍ତମାନ ୫.୨୫ ପ୍ରତିଶତ ଏବଂ ମାର୍ଜିନାଲ୍ ସ୍ଥାୟୀ ସୁବିଧା (ଏମ୍‌ଏସ୍‌ଏଫ୍) ହାର ବର୍ତ୍ତମାନ ୫.୭୫% ରହିଛି । ଏହାବ୍ୟତୀତ, ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ଭୂ-ରାଜନୈତିକ ଘଟଣାକ୍ରମ ଯୋଗୁଁ ବିଶ୍ୱ ▶ପୃଷ୍ଠା-୧୦




### ସବୁଠୁ ଦୁର୍ବଳ ହେଲା ଟଙ୍କା



■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସୁଧ ହାରରେ ବୃଦ୍ଧିର ପ୍ରଭାବ ଭାରତୀୟ ମୁଦ୍ରାଟଙ୍କା ଉପରେ ପଡିଛି । ଫଳରେ ବୁଧବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୪୩ ପଇସା ହ୍ରାସ ଘଟି ୯୭ ଟଙ୍କା ସ୍ତରକୁ ଛୁଇଁଛି । ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଟଙ୍କା ପ୍ରତି ଡଲାର ୯୬.୩୭ ଟଙ୍କା ସ୍ତରରେ ଖୋଲିଥିଲା । ଡଲାରର ଶକ୍ତି , ଅଶୋଧିତ ▶ପୃଷ୍ଠା-୭

## ରସାୟନରେ କାଗାନ ଓ ସୋଆଇଙ୍କୁ ନୋବେଲ

■ ଷ୍ଟକହୋମ୍, ୭।୧୦ (ଏଜେନ୍ସି): ଅସମମିତ ଜୈବ ସଂଶ୍ଲେଷଣରେ ଅଣରୈଖିକ ପ୍ରଭାବ ଓ ସ୍ୱୟଂ-ଅନୁପ୍ରେରଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ପାଇଁ ୨୦୨୬ ମସିହାର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ହେନରି ବି. କାଗାନ ଓ କେନ୍‌ସୋ ସୋଆଇଙ୍କୁ ପ୍ରଦାନ କରାଯିବ । ନୋବେଲ ପୁରସ୍କାର ପ୍ରଦାନକାରୀ ସଂସ୍ଥା ବୁଧବାର ଏହି ଘୋଷଣା କରିଛି । ନୋବେଲ କମିଟି ଅନୁଯାୟୀ, ଚଳିତ ବର୍ଷର ରସାୟନ ନୋବେଲ ମୌଳିକ ରସାୟନ ବିଜ୍ଞାନ ସହ ଜଡ଼ିତ । ଅନେକ ଅଣୁ ଦୁଇଟି ଭିନ୍ନ ରୂପରେ ରହିପାରନ୍ତି । ଏହି ଦୁଇ ରୂପ ପରସ୍ପରର ଦର୍ପଣ ପ୍ରତିବିମ୍ବ ଭଳି ଦେଖାଯାଏ, କିନ୍ତୁ ସମାନ ନୁହନ୍ତି । ଏପରି ଅଣୁକୁ 'କାଇରାଲ୍' ଅଣୁ କୁହାଯାଏ । ରସାୟନ ବିଜ୍ଞାନ ନୋବେଲ ସାଧାରଣତଃ ନୋବେଲ ସପ୍ତାହରେ ଘୋଷିତ ହେଉଥିବା ତୃତୀୟ ପୁରସ୍କାର । ଚଳିତବର୍ଷ ସୋମବାର ଚିକିତ୍ସା ବିଜ୍ଞାନ ଏବଂ ମଙ୍ଗଳବାର ପଦାର୍ଥ ବିଜ୍ଞାନ ନୋବେଲ ଘୋଷଣା ପରେ ବୁଧବାର ରସାୟନ ବିଜ୍ଞାନ ପୁରସ୍କାର ଘୋଷିତ ହୋଇଛି । ସ୍ୱିଡେନର ଆବିଷ୍କାରକ ଓ ଶିଳ୍ପପତି ଆଲଫ୍ରେଡ ନୋବେଲଙ୍କ ଇଚ୍ଛାପତ୍ର ଅନୁସାରେ ୧୯୦୧ ମସିହାରୁ ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି । ଆଲଫ୍ରେଡ ନୋବେଲଙ୍କ ମୃତ୍ୟୁବାର୍ଷିକୀ ଅବସରରେ ଏହି ସମାରୋହ ଆୟୋଜିତ ହୁଏ । ପୁରସ୍କାର ସହ ଉଭୟ ବୈଜ୍ଞାନିକ ୧୨ ନିୟୁତ ସ୍ୱିଡିଶ୍ କ୍ରୋନା ପୁରସ୍କାର ରାଶି ମଧ୍ୟ ବାଣ୍ଟିନେବେ ।



# ବିସ୍ଫୋରକ ହେଉଛି ଜ୍ଞାନେଶ ବିରୋଧୀ ଆନ୍ଦୋଳନ

## ଯନ୍ତରମନ୍ତର ଯାଉଥିବା ସାଂସଦଙ୍କୁ ଅଟକାଇଲା ପୁଲିସ

■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): 'ଭୋଟଚୋରି' ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଆନ୍ଦୋଳନ ବ୍ୟାପକ ହେବାକୁ ଲାଗିଛି ।

**ଜନପଥରେ ମୁହାଁମୁହିଁ, ରାହୁଲ, ପ୍ରିୟଙ୍କାଙ୍କୁ ଘୋଷାଡ଼ି ନେଲେ**

**ରାହୁଲଙ୍କ ବିରୋଧରେ ୪୫ଟି ଏଫ୍‌ଆଇଆର୍**

**ଆଜି ବି ଜାରି ରହିବ ପ୍ରତିବାଦ ଆନ୍ଦୋଳନ**

**ସମର୍ଥନ ଜଣାଇଲା ଡିଏମ୍‌କେ**



ଗତକାଲି ନିର୍ବାଚନ ସଦନ ଆଡ଼କୁ ଇଣ୍ଡିଆ ମେଣ୍ଟର ପଦଯାତ୍ରା ଆ।।ନ୍ଦୋଳନ ଜାତୀୟ ରାଜନୀତିରେ ହଲଚଲ ସୃଷ୍ଟି କରିଥିବା ବେଳେ ଆଜି ମେଣ୍ଟର ସାଂସଦମାନେ ଯନ୍ତରମନ୍ତରରେ ଧାରଣା ଦେବାକୁ ଉଦ୍ୟମ କରିଛନ୍ତି । କିନ୍ତୁ ଏହି ପ୍ରତିବାଦ ଆନ୍ଦୋଳନକୁ ଭଣ୍ଡୁର କରିବା ଲାଗି ପୁଲିସ ସେମାନଙ୍କୁ ବାଟରେ ଅଟକାଇବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ପୁଲିସର ଏଭଳି ଆଚରଣରେ କ୍ଷୁବ୍ଧ ସାଂସଦମାନେ ରାସ୍ତା ଉପରେ ଧାରଣାରେ ବସିଯାଇଥିଲେ । କିନ୍ତୁ ପୁଲିସ ସେମାନଙ୍କୁ ବଳ ପ୍ରୟୋଗ କରି ହଟାଇଦେଇଛି । ଏଥିରେ ବିରୋଧୀ ଦଳମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଜ୍ଞାନେଶ କୁମାର ନହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଶୁଣାଇଛନ୍ତି ।

ଗତକାଲି ନିର୍ବାଚନ ସଦନ ଆଡ଼କୁ ପଦଯାତ୍ରାକୁ ପୁଲିସ ଅଟକାଇବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ନେତାମାନେ ଆକାଶବାଣୀ ଭବନ ଯାଇ ସେଠାରେ ଧାରଣା ଦେଇଥିଲେ । ତେବେ ୯ ଘଣ୍ଟା ପରେ ପୁଲିସ ସେମାନଙ୍କୁ ସେଠାରୁ ହଟାଇଦେଇଥିଲା । କିନ୍ତୁ ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଅଟଳ ଥିବା ଇଣ୍ଡିଆ ମେଣ୍ଟ ନେତାମାନେ ଆଜି ଏକତ୍ରିତ ହୋଇ ପରବର୍ତ୍ତୀ ରଣନୀତି ଉପରେ ବିଚାର ଆଲୋଚନା କରିଥିଲେ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମେଣ୍ଟର ନେତାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ । ଏହି ଅବସରରେ ନିଷ୍ପତ୍ତି ହୋଇଥିଲା ଯେ ମେଣ୍ଟର ସାଂସଦମାନେ ସନ୍ଧ୍ୟା ବେଳେ ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ । ଖଡ଼ଗେ କହିଥିଲେ ଯେ ଜ୍ଞାନେଶ କୁମାର ଇସ୍ତଫା ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତ ।।ରେ ଜ୍ଞାନେଶ କୁମାର ଗୋଟିଏ ପରେ ଗୋଟିଏ ଭୁଲ କରି ଚାଲିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ । ଏହି ଅବସରରେ ରାହୁଲ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ମିଶି ଜ୍ଞାନେଶ କୁମାର ଗଣତନ୍ତ୍ରକୁ ହତ୍ୟା କରିଛନ୍ତି । ସେମାନେ ଦେଶଦ୍ରୋହୀ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ଏହି ଦାବି ହାସଲ ଲାଗି ମେଣ୍ଟର ସମସ୍ତ ସାଂସଦ ଯନ୍ତରମନ୍ତର ଯିବେ ବୋଲି ସେ କହିଥିଲେ । ସେ ▶ପୃଷ୍ଠା-୧୦

### ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଭାବେ ସାର୍ବଜନୀନ ଜୀବନର ୨୫ ବର୍ଷ ପୂରଣ

# ଭାରତ ବିକଶିତ ନ ହେବା ପର୍ଯ୍ୟନ୍ତ ଥକିବିନି: ମୋଦୀ

■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ସାର୍ବଜନୀନ ଜୀବନର ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ନିଜ ଯାତ୍ରା ଓ ଭବିଷ୍ୟତର ଲକ୍ଷ୍ୟ ନେଇ ଉଦ୍‌ବୋଧନ ଦେଇଛନ୍ତି । ଭାରତ ବିକଶିତ ରାଷ୍ଟ୍ର ନହେବା ପର୍ଯ୍ୟନ୍ତ ସେ ଥକିବେ ନାହିଁ କିମ୍ବା ଅଟକିବେ ନାହିଁ ବୋଲି କହିଛନ୍ତି । ପ୍ରାୟ ୫୦ ମିନିଟ୍‌ର ଭାଷଣରେ ମୋଦୀ 'ଆମେ କରିବୁ, ଆମେ କରି ଦେଖାଇବୁ' ବାର୍ତ୍ତାକୁ ୧୯ ଥର ଉଚ୍ଚାରଣ କରିଥିଲେ । ସେ କହିଥିଲେ, 'ମୁଁ ଆକାଂକ୍ଷା ପାଇଁ ନୁହେଁ, ଏକ ଲକ୍ଷ୍ୟ ନେଇ ବଞ୍ଚୁଛି ।' ଗତ ୨୫ ବର୍ଷକୁ ମନେ ପକାଇ ସେ ସଫଳତା ଅପେକ୍ଷା କୃତଜ୍ଞତା ଅଧିକ ଅନୁଭବ କରୁଥିବା କହିଥିଲେ । ଜୀବନର ପ୍ରତ୍ୟେକ ଘଟଣା ତାଙ୍କୁ କିଛି ନା କିଛି ଶିଖାଇଛି ଏବଂ ବିନମ୍ର ରହିବାକୁ ପ୍ରେରଣା ଦେଇଛି ବୋଲି ସେ କହିଥିଲେ । ଭାରତକୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ କରିବା ଉପରେ ମୋଦୀ ଗୁରୁତ୍ୱ ଦେଇଥିଲେ । ପ୍ରଯୁକ୍ତି, କ୍ରୀଡ଼ା ଓ ଶିଳ୍ପ କ୍ଷେତ୍ରରେ ଭାରତୀୟ ପତାକା ଉଚ୍ଚରେ ଉଡ଼ିବା ଆବଶ୍ୟକ ବୋଲି ସେ କହିଥିଲେ । ଦେଶରେ ନିର୍ମିତ ବିମାନ ଦିନେ ବିଶ୍ୱସ୍ତରରେ ଚର୍ଚ୍ଚାର ବିଷୟ ହେବ ବୋଲି ମଧ୍ୟ ସେ ଆଶା ପ୍ରକାଶ କରିଥିଲେ । 'ଏହା ବିଶ୍ରାମ ନେବାର ସମୟ ନୁହେଁ, ଦୂରଦୃଷ୍ଟି ସହ ଆଗକୁ ବଢ଼ିବାର ସମୟ । ଦେଶ ପାଇଁ ନିଜକୁ ସମର୍ପିତ କରିବାର ସମୟ' ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଦେଶର ଯୁବପିଢ଼ିଙ୍କ ପାଇଁ ଇତିହାସ ଏକ ବଡ଼ ସୁଯୋଗ ଦେଇଛି ଏବଂ ଏହାକୁ ହାତଛଡ଼ା ନକରିବାକୁ ସେ ଆହ୍ୱାନ ଦେଇଥିଲେ । ପୁରାତନ ଭାରତର ଗୌରବକୁ ପୁନରୁଦ୍ଧାର କରିବାର ସଂକଳ୍ପ ପ୍ରତ୍ୟେକ ଭାରତୀୟଙ୍କ ମନରେ ରହିବା ଆବଶ୍ୟକ ବୋଲି ମୋଦୀ କହିଥିଲେ । ଦେଶ ଅତୀତରେ ଦୁର୍ଭିକ୍ଷ, ବିପର୍ଯ୍ୟୟ ଓ ଦାସତ୍ୱ ଭଳି ଅନେକ ସଙ୍କଟ ଦେଇ ଗତି କରିଥିଲେ ମଧ୍ୟ ଭାରତୀୟଙ୍କ ସାହସ କେବେ ଭାଙ୍ଗିନଥିଲା ବୋଲି ସେ କହିଥିଲେ ।




## ଆଜି ଇଣ୍ଡିଆ ମେଣ୍ଟର 'ଓଡ଼ିଶା ବନ୍ଦ'

■ ଭୁବନେଶ୍ୱର, ୭।୧୦ (ସମିସ): ସିଇସିଙ୍କ ଇସ୍ତଫା, ଖଣି ଆଇନ ରଦ୍ଦ, ରାଜ୍ୟ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆସନ୍ତାକାଲି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ କରିବ ଇଣ୍ଡିଆ ମେଣ୍ଟ । ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ, ଗଣତାନ୍ତ୍ରିକ ଓ ଶୃଙ୍ଖଳିତ ଭାବେ ସଫଳ କରିବାକୁ ଇଣ୍ଡିଆ ମେଣ୍ଟ ଲୋକଙ୍କୁ ଆହ୍ୱାନ ଦେଇଥିବା ବେଳେ ବନ୍ଦ ବେଳେ ଦୋକାନ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଘରୋଇ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସାଧାରଣ ବ୍ୟବସାୟିକ କାର୍ଯ୍ୟକଳାପ ବନ୍ଦ ରଖିବା ପାଇଁ ଅନୁରୋଧ କରାଯାଇଛି । ସେହିପରି ସରକାରୀ ଓ ବେସରକାରୀ ଅଫିସ୍, ଶିକ୍ଷାନୁଷ୍ଠାନ, ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନର ସାଧାରଣ କାର୍ଯ୍ୟକଳାପ ବନ୍ଦ ପାଇଁ ଗଣତାନ୍ତ୍ରିକ ଭାବେ ପ୍ରଚାର ଓ ପିକେଟିଂ କରାଯିବ । ବସ୍, ଅଟୋ, ଟ୍ରକ୍ ଓ ଅନ୍ୟାନ୍ୟ ସାଧାରଣ/ବାଣିଜ୍ୟିକ ଯାତାୟାତ ବନ୍ଦ ରଖିବା ପାଇଁ ମଧ୍ୟ ଦଳ ଅନୁରୋଧ କରିଛି । ବନ୍ଦ ସମୟରେ ରାସ୍ତାରେ ଶାନ୍ତିପୂର୍ଣ୍ଣ ପିକେଟିଂ, ଧାରଣା ଓ ପ୍ରତିବାଦ କରାଯିବ । ତେବେ ବନ୍ଦ ସମୟରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବାକୁ ବାଦ ଦିଆଯାଇଛି । ସ୍ୱାସ୍ଥ୍ୟାନୁଷ୍ଠାନ, ରକ୍ତ ଭଣ୍ଡାର, ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଅନୁମତି ▶ପୃଷ୍ଠା-୧୦

**ସମର୍ଥନ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ**

**ଜରୁରୀ ସେବାରେ ଦିଆଯିବ ନାହିଁ ବାଧା**

**ଜିଲ୍ଲାପାଳଙ୍କୁ ସତର୍କ କଲା ଗୃହ ବିଭାଗ**

## ଏସ୍‌ଇବିସି କମିଶନ ଗଠିତ

■ ଭୁବନେଶ୍ୱର, ୭।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ (ପଞ୍ଚାୟତ ଓ ପୌରାଞ୍ଚଳ) ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗର ଲୋକ (ଏସଇବିସି)ଙ୍କ ସଂଖ୍ୟା, ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହି ସବୁ ସଂସ୍ଥାରେ ସେମାନେ ରାଜନୈତିକ ଭାବେ କେତେ ପଛୁଆ ସେ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଶନ ଗଠନ କରାଯାଇଛି । ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ▶ପୃଷ୍ଠା-୧୦

**ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ପ୍ରମଥ ପଟ୍ଟନାୟକ ଅଧ୍ୟକ୍ଷ**

**ଅନୁଧ୍ୟାନ ହେବ ଏସଇବିସି ଅନୁପାତ, ରାଜନୈତିକ ପ୍ରତିନିଧିତ୍ୱ**

## କାଠଯୋଡ଼ି ନଦୀକୂଳରେ ଯୁବତୀଙ୍କୁ ନିର୍ମମ ହତ୍ୟା

■ କଟକ, ୭।୧୦ (ସମିସ): ପାର୍ବଣ ପୂର୍ବରୁ ସହରରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ । କାଠଯୋଡ଼ି ନଦୀକୂଳରେ ଜଣେ ଯୁବତୀଙ୍କୁ ଅତି ଅମାନବୀୟ ଭାବେ ହତ୍ୟା କରାଯାଇଛି । ହତ୍ୟା ପରେ ପରିଚୟ ଲୁଚାଇବା ପାଇଁ ଦୁର୍ବୃତ୍ତମାନେ ଯୁବତୀଙ୍କ ଆଖି ଦୁଇଟି ତାଡ଼ି ଦେବା ସହ

**ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ**

ପଥରରେ ମୁହଁକୁ ବିକୃତ କରିଦେଇଛନ୍ତି । ଏପରିକି ମୁଣ୍ଡରେ ଥିବା ଚୁଟିକୁ ମଧ୍ୟ ଅଧା କାଟି ଦିଆଯାଇଛି । ବାଦାମବାଡ଼ି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ମୃତ ଯୁବତୀଙ୍କ ପରିଚୟ ଜାଣିବା ପାଇଁ ପୁଲିସ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି ।



ସୂଚନା ଅନୁଯାୟୀ, ଖାନନଗର ମଲାଚଣ୍ଡିଆ ଛକରୁ ସିଟି କଲେଜ ଯିବା ରାସ୍ତାର ବାମପଟେ ଥିବା ଜଳେଶ୍ୱର ଗଡ଼ା ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ କିଛି ସ୍ଥାନୀୟ ଯୁବକ କାଠଯୋଡ଼ି ନଦୀକୁ ଯାଇଥିଲେ । ଫେରିବା ବେଳେ ନଦୀକୂଳରେ ଥିବା ଜଙ୍ଗଲିଆ ସ୍ଥାନରେ ଜଣେ ଯୁବତୀଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିଥିଲେ । ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ବେଳେ ଯୁବତୀଙ୍କୁ ଅତି ଜଘନ୍ୟ ଭାବେ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା । ପ୍ରାୟ ୫୦ ମିଟର ଦୂରରେ ଯୁବତୀଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଘୋଷାଡ଼ି ଆଣି ନଦୀକୂଳରେ ଫିଙ୍ଗି ଦିଆଯାଇଥିବା ଚିହ୍ନ ମିଳିଛି । ଘାସ ଓ ମାଟି ଉପରେ ଥିବା ଘୋଷାଡ଼ିବାର ଦାଗରୁ ଏହା ସ୍ପଷ୍ଟ ହେଉଛି । ଘଟଣାସ୍ଥଳରୁ ଏକ ପ୍ଲାଷ୍ଟିକ୍ ମସିଣା, ଏକ କଢେଇ, ▶ପୃଷ୍ଠା-୧୦

### ଓଲଟ ପାଲଟ



ଜୟ ଶ୍ରୀରାମ ଜୟ ଶ୍ରୀରାମ
ଭାରତେ ପଡିଲା ହୁରି,
ଗେରୁଆ ଦଳଟି ନାଆଁ ନେଇଗଲା
ଶ୍ରୀରାମ ମନ୍ଦିର କରି ।
ଶ୍ରଦ୍ଧାଳୁଙ୍କ ମନୋସ୍କାମନା ପୂରଣ
ଦେଉଛନ୍ତି ଦାନ ଭରି,
ସବୁ ମନ୍ଦିରରେ ଦାନ ବ୍ୟାକ୍ସ ଚୋରି
ନାହିଁକେ ହାରି ଗୁହାରି ।।

- ଯାଯାବର

### ଯାଜପୁର ସର୍କିଟ୍ ହାଉସ୍‌ରେ ତୁମୂଳକାଣ୍ଡ

# ସାଂସଦଙ୍କ ଆଗରେ ସିଡିଓଙ୍କୁ ମରଣାନ୍ତକ ଆକ୍ରମଣ

■ ଯାଜପୁର, ୭।୧୦ (ସମିସ): ରାଉରକେଲା ସର୍କିଟ ହାଉସ ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ ଯାଜପୁର ସର୍କିଟ ହାଉସରେ ତୁମୂଳକାଣ୍ଡକୁ ନେଇ ଜୋରଦାର ଚର୍ଚ୍ଚା । ଯାଜପୁର ସାଂସଦଙ୍କ ଉପସ୍ଥିତିରେ ଦୁଇ ଜଣ ସମର୍ଥକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ)ଙ୍କୁ କଲର ଧରି ଘୋଷାଡ଼ି ମାଡ଼ ମାରିବା ସହିତ ଗୁପ୍ତାଙ୍ଗଙ୍କୁ ଆଘାତ ଦେଇ ଆଗକୁ ଗୁଳି କରିବେ ବୋଲି ଧମକ ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏ ସଂକ୍ରାନ୍ତରେ ସିଡିଓ ଦେବୀ ପ୍ରସାଦ ମହାନ୍ତି ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (କେସ ନଂ ୫୨୫/୨୬) ରୁଜୁ କରିଥିବା ଜଣାପଡିଛି । ଅଭିଯୋଗ ମୁତାବକ ଗତ ୫ ତାରିଖ ସୋମବାର ରାତି ପ୍ରାୟ ୮ଟା ସମୟରେ ଯାଜପୁର ସାଂସଦ ତାଙ୍କର ପ୍ରତିନିଧିମାନଙ୍କ ସହିତ ସର୍କିଟ ହାଉସରେ ଏକ ବୈଠକ କରିଥିଲେ । ଏହି ବୈଠକରେ ଯାଜପୁର ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଯୋଗ ଦେଇ ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ସଂପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ କଳିଙ୍ଗ ମହାନ୍ତି ଏବଂ ପ୍ରତାପ ମହାନ୍ତି ସିଡିଓଙ୍କୁ ଦୁର୍ବ୍ୟବହାର କରିବା ସହିତ ଧକ୍କା ମାରିଥିଲେ । ବିଭିନ୍ନ ପ୍ରକଳ୍ପକୁ ବାତିଲ କରିବା ପାଇଁ ଉଭୟ ସିଡିଓଙ୍କ ଉପରେ ଚାପ ପକାଇ ଅଶ୍ଳୀଳ ଗାଳିଗୁଲଜ କରିଥିଲେ । ପ୍ରତାପ ମହାନ୍ତି ସିଡିଓଙ୍କୁ ଧକ୍କା ମାରି ତଳେ ପକାଇ ଦେବା ପରେ ତାଙ୍କୁ ଗୁପ୍ତାଙ୍ଗଙ୍କୁ ଆଘାତ ଦେଇଥିବା ଅଭିଯୋଗ ହୋଇଛି । ଏହା ଟ୍ରେଲର; ଆଗକୁ ଗୁଳିମାଡ଼ ନ ହେଲେ ହଣା ଖାଇବୁ ବୋଲି ସିଡିଓଙ୍କୁ ଧମକ ଦିଆଯାଇଥିବା ନିଜ ଅଭିଯୋଗ ପତ୍ରରେ ସେ ଜଣାଇଛନ୍ତି । ଏଭଳି ଆକ୍ରମଣର ଶିକାର ହୋଇଥିବା ସିଡିଓ ଯାଜପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି । ସରକାରୀ ▶ପୃଷ୍ଠା-୧୦

**ବିଧାୟକ ଓ ସାଂସଦଙ୍କ ଲଢ଼େଇରେ ବଳି ପଡୁଛନ୍ତି ଅଫିସର**



### ବେଆଇନ ବାଲି ଉତ୍ତୋଳନ ମାମଲା

## ମୁଖ୍ୟ ସଚିବ ଓ ୮ ଅଧିକାରୀଙ୍କୁ ୨ ଲକ୍ଷ ଜରିମାନା

■ ଭୁବନେଶ୍ୱର, ୭।୧୦ (ସମିସ): ଅନୁଗୋଳ ଜିଲ୍ଲାରେ ହେଉଥିବା ବେଆଇନ ବାଲି ଉତ୍ତୋଳନ ମାମଲାରେ ବାରମ୍ବାର କୋର୍ଟରେ ହାଜର ନହେବା ଓ ଅବହେଳା ପ୍ରଦର୍ଶନ କରିବା ଯୋଗୁଁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) । ଖାଲି କ୍ଷୋଭ ପ୍ରକାଶ କରିନାହାନ୍ତି, ବରଂ ବାରମ୍ବାର ନୋଟିସ ସତ୍ତ୍ୱେ ଜବାବ ରଖିନଥିବାରୁ ମୁଖ୍ୟ ଶାସନ ସଚିବଙ୍କ ସମେତ ମୋଟ ୮ ଜଣ ବରିଷ୍ଠ ସରକାରୀ ଅଧିକାରୀଙ୍କ ଉପରେ ଏନଜିଟି ମୋଟ ୨ ଲକ୍ଷ ଟଙ୍କାର ଜରିମାନା ଲଗାଇଛି । ପ୍ରତ୍ୟେକ ଅଧିକାରୀଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲର ପୂର୍ବ ଜୋନ ବେଞ୍ଚର ଜଷ୍ଟିସ ଅରୁଣ କୁମାର ତ୍ୟାଗୀ, ବିଶେଷଜ୍ଞ ସଦସ୍ୟ ଏ. ସେନ୍ଥିଲ ଭେଲ ଓ ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି କଡ଼ା ଆଦେଶ ଶୁଣାଇଛନ୍ତି । ଜରିମାନାର ସମ୍ମୁଖୀନ ହୋଇଥିବା ଅଧିକାରୀମାନଙ୍କ ମଧ୍ୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ, ଖଣି ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ (ତାଳଚେର ସର୍କଲ), ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ), ତାଳଚେର ଓ ପାଲଲହଡ଼ା ତହସିଲଦାର, ▶ପୃଷ୍ଠା-୧୦

## ବିଶେଷ ଟିପ୍ପଣୀ



ଆଜିର ଦିଲ୍ଲୀ ୧୯୪୨ର କଥା ମନେପକାଇ ଦେଉଛି। ସେବେ ମଧ୍ୟ କଂଗ୍ରେସ ନେତୃତ୍ୱକୁ ଗିରଫ କରାଯାଇଥିଲା। ମାତ୍ର ସଂଘର୍ଷ ଅଟକି ପାରି ନ ଥିଲା। ଆଜି କଂଗ୍ରେସ ପୁଣିଥରେ ରାସ୍ତାକୁ ଓହ୍ଲାଇଛି। ସରକାର ପୁଲିସ ସାହାଯ୍ୟରେ ବିକ୍ଷୋଭକୁ କିଛି ସମୟ ପାଇଁ ଚାପି ଦେଇ ପାରନ୍ତି, କିନ୍ତୁ ଗଣତନ୍ତ୍ର ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକୁ କେବେବି ଅଟକା ଯାଇପାରିବ ନାହିଁ।

*-ଅଧିର ରଞ୍ଜନ ଚୌଧୁରୀ (କଂଗ୍ରେସ ବରିଷ୍ଠ ନେତା)*



ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନିମନ୍ତ୍ରଣରେ ଇଣ୍ଡିଆ ମେଣ୍ଟ ସାଂସଦମାନେ ଭୋଜନ କରିବାକୁ ଯାଇଥିବା ଅବସ୍ଥାରେ ଦିଲ୍ଲୀ ପୁଲିସ ରେଷ୍ଟୁରାଣ୍ଟକୁ ଯେପରି ଘେରି ରଖିଲା ତାହା ସରକାରଙ୍କ ଲାଠି-ଶାସନ ଦ୍ୱାରା ଗଣତନ୍ତ୍ରର ଦମନର ପ୍ରତ୍ୟକ୍ଷ ନିଦର୍ଶନ। ଏହି କାର୍ଯ୍ୟ ସରକାରର ପତନର ଆରମ୍ଭ ମାତ୍ର।

*-କହ୍ନୈୟା କୁମାର (ଅଖିଳ ଭାରତ କଂଗ୍ରେସ କମିଟି ପ୍ରଭାରୀ)*

## ଜେନ୍ Z

ଯନ୍ତରମନ୍ତର ପ୍ରତିବାଦ ସ୍ଥଳ ହେବା ସତ୍ତ୍ୱେ ସରକାର ସେଠାରେ ଲୋକମାନଙ୍କୁ ପ୍ରତିବାଦ କରିବାକୁ ଅନୁମତି ଦେଉ ନାହାନ୍ତି। ଏହାଦ୍ୱାରା ସରକାର କେବଳ ସମଗ୍ର ଦିଲ୍ଲୀ ସହରକୁ ଯନ୍ତରମନ୍ତରରେ ପରିଣତ ହେବାକୁ ବାଟ ଫିଟାଉଛନ୍ତି। -ନେହା ବୋରା (ଏଆଇଏସ୍ଏ ସଭାପତି)

## ରୁଷ୍‌ର ଭୟଙ୍କର ଆକ୍ରମଣ; ୟୁକ୍ରେନରେ ୧୯ ମୃତ

କିଭ୍,୭ ।୧୦(ଏଜେନ୍ସି): ୟୁକ୍ରେନ ଉପରେ ରୁଷ୍‌ର ଭୟଙ୍କର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ଅନ୍ତତଃ ୧୯ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ଶିଶୁ ଥିବା ୟୁକ୍ରେନ୍ କର୍ତ୍ତୃପକ୍ଷ କହିଛନ୍ତି। କିଭ୍ ସମେତ ଦେଶର ଅନ୍ତତଃ ୧୨ଟି ଅଞ୍ଚଳରେ ରାତିସାରା ଆକ୍ରମଣ ହୋଇଥିବାବେଳେ ପ୍ରାୟ ୬୦ ଜଣ ଆହତ ହୋଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭଲୋଦିମିର ଜେଲେନସ୍କି ଗୋଟିଏ ଦିନ ପୂର୍ବରୁ ରୁଷ୍ ଏକ 'ବୃହତ୍' ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବା ନେଇ ଚେତାବନୀ ଦେଇଥିଲେ। ତଥାପି ଆକ୍ରମଣକୁ ସମ୍ପୂର୍ଣ୍ଣ ରୋକିବା ୟୁକ୍ରେନ୍ ପାଇଁ ସମ୍ଭବ ହୋଇନଥିଲା। ଉତ୍ତର ଚେର୍ନିହିଭ୍ ଅଞ୍ଚଳର ପ୍ରିଲୁକିରେ ଏକ ଆବାସିକ କୋଠା ଧ୍ୱସ ହୋଇ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୪ ଶିଶୁ ଥିବା ୟୁକ୍ରେନ୍ ଗୃହମନ୍ତ୍ରୀ କହିଛନ୍ତି। କ୍ରେମେନଚୁକ୍‌ରେ ମଧ୍ୟ ୨ ଜଣ ମୃତ ଓ ୭ ଜଣ ଆହତ ହୋଇଛନ୍ତି। ଜେଲେନସ୍କି କହିଛନ୍ତି, ରୁଷ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବେ ୟୁକ୍ରେନ ପାଇଁ ସବୁଠାରୁ ବଡ଼ ଆହ୍ୱାନ।

## ମିଥୁନ ପଶ୍ଚିମବଙ୍ଗ ସରକାରଙ୍କ ଉପଦେଷ୍ଟା ଭାବେ ନିଯୁକ୍ତ

କୋଲକାତା,୭।୧୦(ଏଜେନ୍ସି): ବରିଷ୍ଠ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ଉପଦେଷ୍ଟା ଭାବେ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାରରେ ସେ ସୂଚନା ଓ ସଂସ୍କୃତି ବିଭାଗରେ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ହାସଲ କରିବେ। କିମ୍ବଦନ୍ତୀ ନାୟକ ଉତ୍ତମ କୁମାରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଅଧିକାରୀ ଏହି ଘୋଷଣା କରିଛନ୍ତି।



ରାଜ୍ୟର ସାଂସ୍କୃତିକ ଓ ଚଳଚ୍ଚିତ୍ର କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ୨୦୨୬ ବିଧାନସଭା ନିର୍ବାଚନରେ ବିଜେପିର ପ୍ରମୁଖ ପ୍ରଚାରକ ଭାବେ ମିଥୁନ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ରାଜ୍ୟରେ ବିଜେପି ସରକାର ନିଜର ପ୍ରଥମ ୧୫୦ ଦିନ ପୂରଣ କରୁଥିବା ବେଳେ ଏହି ନିଯୁକ୍ତି ପ୍ରଶାସନିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସରକାରୀ ଯୋଜନା ଅନୁଯାୟୀ, କୋଲକାତାର ନ୍ୟୁଟାଉନଠାରେ 'ଉତ୍ତମ କୁମାର ଫିଲ୍ମ ସେଣ୍ଟର'ର ଶିଳାନ୍ୟାସ କରାଯାଇଛି। ଏହା ଆଧୁନିକ ଚଳଚ୍ଚିତ୍ର ନିର୍ମାଣ ସୁବିଧା ଯୋଗାଇଦେବ। ଚଳଚ୍ଚିତ୍ର ଜଗତରେ ଦୀର୍ଘ ଦିନର ଅନୁଭବ ଥିବାରୁ ମିଥୁନଙ୍କ ନିଯୁକ୍ତି ରାଜ୍ୟର ସାଂସ୍କୃତିକ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି ଆଶା କରାଯାଉଛି।

## 'ୱେଷ୍ଟ ବେଙ୍ଗଲ' ହେବ ପଶ୍ଚିମ୍ ବଙ୍ଗ

ନୂଆଦିଲ୍ଲୀ,୭ ।୧୦(ଏଜେନ୍ସି): ପଶ୍ଚିମବଙ୍ଗର ନାମ 'ୱେଷ୍ଟ ବେଙ୍ଗଲ'ରୁ 'ପଶ୍ଚିମ ବଙ୍ଗ' କରିବା ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ବିଧାନସଭାରେ ବିଲ୍ ଆଣିବ ବୋଲି ରାଜ୍ୟ ବିଜେପି ସଭାପତି ଶମୀକ ଭଟ୍ଟାଚାର୍ଯ୍ୟ କହିଛନ୍ତି। ଆଗାମୀ ଅଧିବେଶନରେ, ସମ୍ଭବତଃ ପ୍ରଥମ ପର୍ଯ୍ୟାୟରେ ଏହି ବିଲ୍ ଉପସ୍ଥାପିତ ହୋଇପାରେ ବୋଲି ସେ କହିଛନ୍ତି। ଭଟ୍ଟାଚାର୍ଯ୍ୟଙ୍କ କହିବାନୁସାରେ, ରାଜ୍ୟର ନାମ ତାହାର ଇତିହାସ ଓ ପରିଚୟ ସହ ଅବିଚ୍ଛିନ୍ନ ଭାବେ ଜଡ଼ିତ ରହିବା ଉଚିତ। ତେଣୁ 'ୱେଷ୍ଟ ବେଙ୍ଗଲ' କିମ୍ବା ପୂର୍ବରୁ ପ୍ରସ୍ତାବିତ 'ବାଙ୍ଗ୍ଲା' ପରିବର୍ତ୍ତ 'ପଶ୍ଚିମ ବଙ୍ଗ' ନାମ ରଖିବାକୁ ସରକାର ଆଗକୁ ବଢ଼ୁଛି। ରାଜ୍ୟର ନାମ ପରିବର୍ତ୍ତନ ପ୍ରସଙ୍ଗ ନୂଆ ନୁହେଁ। ୧୯୯୯ରେ ବାମ ମୋର୍ଚ୍ଚା ସରକାର 'ପଶ୍ଚିମ ବଙ୍ଗ' ନାମ ପ୍ରସ୍ତାବ କରିଥିଲା। ୨୦୧୧ରେ ତୃଣମୂଳ କଂଗ୍ରେସ ସରକାର ମଧ୍ୟ ଏହି ନାମକୁ ନେଇ ପ୍ରସ୍ତାବ ଦେଇଥିଲା। ପରେ ୨୦୧୬ରେ 'ବାଙ୍ଗ୍ଲା', 'ବେଙ୍ଗଲ' ଓ 'ବାଙ୍ଗାଲ' ଭଳି ନାମ ନେଇ ଆଲୋଚନା ହୋଇଥିଲା। ୨୦୧୮ରେ ବିଧାନସଭା 'ବାଙ୍ଗ୍ଲା' ନାମ ପାଇଁ ପ୍ରସ୍ତାବ ପାରିତ କରି କେନ୍ଦ୍ରକୁ ପଠାଇଥିଲା। ତେବେ ଏହାକୁ କେନ୍ଦ୍ରର ଅନୁମୋଦନ ମିଳି ନ ଥିଲା। ରାଜ୍ୟର ନାମ ଆଇନଗତ ଭାବେ ବଦଳାଇବା ପାଇଁ କେବଳ ବିଧାନସଭାରେ ବିଲ୍ ପାରିତ ହେବା ଯଥେଷ୍ଟ ନୁହେଁ। ଏଥିପାଇଁ କେନ୍ଦ୍ର ସରକାର ଓ ସଂସଦର ଅନୁମୋଦନ ସହ ସାମ୍ବିଧାନିକ ପ୍ରକ୍ରିୟା ପୂରଣ କରିବାକୁ ପଡ଼ିବ।



ବିରୋଧୀ ସାଂସଦମାନଙ୍କୁ ନେଇ ଯାଉଥିବା ବସ୍‌କୁ ଯନ୍ତରମନ୍ତର ନିକଟରେ ଅଟକାଇଛି ପୁଲିସ



ବିକ୍ଷୋଭବେଳେ ରାସ୍ତା ଉପରେ ଶୋଇ ପ୍ରତିବାଦ କରୁଛନ୍ତି ପ୍ରିୟଙ୍କା

# ଚେତାବନୀ ଶୁଣାଇଲା କକ୍ରୋଚ୍ ପାର୍ଟି

## ଦୀର୍ଘ ଦିନ ଧରି ଆନ୍ଦୋଳନ ପାଇଁ ପ୍ରସ୍ତୁତ

ନୂଆଦିଲ୍ଲୀ,୭।୧୦(ଏଜେନ୍ସି): ନିର୍ବାଚନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଏବଂ ମୁଖ୍ୟ ନିର୍ବାଚନ କମିସନ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ଓ ପ୍ରମୁଖ ଛାତ୍ର ସଂଗଠନଗୁଡ଼ିକ ଆସନ୍ତା ଅକ୍ଟୋବର ୧୦ରେ ନୂଆଦିଲ୍ଲୀରେ ଏକ ବିଶାଳ ଗଣପ୍ରତିବାଦ ପାଇଁ ଆହ୍ୱାନ ଦେଇଛନ୍ତି। ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ବୁଧବାର ଅନୁଷ୍ଠିତ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ଛାତ୍ର ନେତାମାନେ ଘୋଷଣା କରିଛନ୍ତି।



ଏହି ସମ୍ମିଳନୀରେ ସିଜେପି ସମେତ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏସ୍ଏ), ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେସନ୍ (ଏଆଇଏସ୍ଏଫ୍), ଷ୍ଟୁଡେଣ୍ଟସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ) ଏବଂ ଆମ୍ ଆଦ୍‌ମୀ ପାର୍ଟିର ଛାତ୍ର ପକ୍ଷ (ଏଏସ୍ଏପି)ର ପ୍ରତିନିଧିମାନେ ସାମିଲ ହୋଇଥିଲେ। ସିଜେପି ସହ-ଆବାହକ ସୌରଭ ଦାସ କହିଛନ୍ତି ଯେ ଜ୍ଞାନେଶ କୁମାର ଇସ୍ତଫା ଦେଲେ ମଧ୍ୟ ଆନ୍ଦୋଳନ ବନ୍ଦ ହେବ ନାହିଁ। ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବାର ଆବଶ୍ୟକତା ରହିଛି। ଏହି ଅବସରରେ ସେ ଆନ୍ଦୋଳନକାରୀଙ୍କ ପ୍ରମୁଖ ଦାବିଗୁଡ଼ିକ ଉପସ୍ଥାପିତ କରିଥିଲେ। ସେଗୁଡ଼ିକ ମଧ୍ୟରେ ରହିଛି ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ, ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ରଦ୍ଦ ଏବଂ ଆଗାମୀ ନିର୍ବାଚନ ସ୍ଥଗିତ ରଖିବା। ଏହାସହ ଜାନୁଆରୀ ୨୦୨୫ର ଭୋଟର ତାଲିକା ପୁନରୁଦ୍ଧାର କରି ଏକ ସ୍ୱାଧୀନ ତଦନ୍ତ ନିର୍ଦ୍ଦେଶ ଦେବା। ୨୦୨୩ର ନିର୍ବାଚନ ଆୟୋଗ ନିଯୁକ୍ତି ଆଇନ ରଦ୍ଦ କରି ଏକ ସ୍ୱାଧୀନ ଓ ଗ୍ରହଣଯୋଗ୍ୟ ମନୋନୟନ ପ୍ରକ୍ରିୟା କାର୍ଯ୍ୟକାରୀ କରିବା। ଏଆଇଏସ୍ଏ ସଭାପତି ନେହା ବୋରା କହିଛନ୍ତି ଯେ ଏହି ଲଢେଇରେ ବିରୋଧୀ ଇଣ୍ଡିଆ ମେଣ୍ଟର ସାଂସଦ, ସାଧାରଣ ଜନତା, ନାଗରିକ ସମାଜ ଓ ଛାତ୍ର ସଂଗଠନଗୁଡ଼ିକ ଏକଜୁଟ ଅଛନ୍ତି। ଏଥିସହିତ ପୁଲିସ ଅନୁମତି ସମ୍ପର୍କରେ ସୌରଭ ଦାସ ସ୍ପଷ୍ଟ କରିଛନ୍ତି ଯେ ଗଣତାନ୍ତ୍ରିକ ପ୍ରତିବାଦ ପାଇଁ ପୁଲିସର ଅନୁମତି ଅନାବଶ୍ୟକ। ସେମାନେ କେବଳ ଦିଲ୍ଲୀ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଲିଖିତ ସୂଚନା ଦେଇଛନ୍ତି। ଜନସାଧାରଣଙ୍କୁ ଅକ୍ଟୋବର ୧୦ରେ ଦିଲ୍ଲୀ ପହଞ୍ଚି ଏକ ବିଶାଳ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦିଆଯାଇଛି।

## 'ପ୍ରତିଟି ଏଫ୍ଆଇଆର୍ ମୋ ପାଇଁ ପଦକ'

### ଏବେ ୪୫; ଲକ୍ଷ୍ୟ ୧୦୦: ରାହୁଲ

ନୂଆଦିଲ୍ଲୀ,୭ ।୧୦(ଏଜେନ୍ସି): ନିର୍ବାଚନ କମିସନ ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନକୁ ନେଇ ବିରୋଧୀଙ୍କ ଆନ୍ଦୋଳନ ମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ବିରୋଧରେ ରୁଜୁ ଏଫ୍ଆଇଆର୍‌କୁ ନେଇ ମନ୍ତବ୍ୟ ଦେଇଛନ୍ତି। ତାଙ୍କ ବିରୋଧରେ ବର୍ତ୍ତମାନ ୪୫ଟି ଏଫ୍ଆଇଆର୍ ରହିଛି ଏବଂ ପ୍ରତିଟି ଏଫ୍ଆଇଆର୍ ତାଙ୍କ ପାଇଁ 'ପଦକ' ବୋଲି କହିଛନ୍ତି। ରାହୁଲ କହିଥିଲେ, ଏଫ୍ଆଇଆର୍‌କୁ ନେଇ ସେ ଚିନ୍ତିତ ନୁହନ୍ତି। ଆଗକୁ ଆହୁରି ଏଫ୍ଆଇଆର୍ ହେଲେ ମଧ୍ୟ ସେ ସ୍ୱାଗତ କରିବେ ଏବଂ ଏହି ସଂଖ୍ୟା ୧୦୦ରେ ପହଞ୍ଚୁ ବୋଲି ସେ ଚାହୁଁଥିବା କହିଥିଲେ। ଏହି ସମୟରେ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ବିରୋଧୀ ଦଳଗୁଡ଼ିକ ଏକଜୁଟ ଥିବା କହିଥିଲେ। ଲୋକଙ୍କ ଅଧିକାର ସୁରକ୍ଷା ପାଇଁ ବିରୋଧୀ ଦଳ ଲଢେଇ ଜାରି ରଖିବ ବୋଲି ସେ କହିଥିଲେ। ସରକାର ଯେତେ ମାମଲା ରୁଜୁ କଲେ ମଧ୍ୟ ବିରୋଧୀ ଦଳ ଭୟଭୀତ ହେବ ନାହିଁ ବୋଲି ଖଡ଼ଗେ କହିଥିଲେ।

## ଶରୀରସାରା ଆଞ୍ଚୁଡ଼ି ପକାଇଛି ପୁଲିସ: ପ୍ରିୟଙ୍କା

ନୂଆଦିଲ୍ଲୀ,୭।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡିଆ ମେଣ୍ଟର ବିକ୍ଷୋଭ ପ୍ରଦର୍ଶନ ବେଳେ ନୂଆଦିଲ୍ଲୀରେ ନାଟକୀୟ ସ୍ଥିତି ସୃଷ୍ଟି ହୋଇଛି। ପ୍ରତିବାଦ ସ୍ଥଳ ଯନ୍ତରମନ୍ତରକୁ ଯିବା ବାଟରେ ପୁଲିସ ଆଶୋକା ରୋଡ଼ଠାରେ ସାଂସଦମାନଙ୍କୁ ଅଟକାଇଛି। ଫଳରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଅନ୍ୟ ମହିଳା ନେତ୍ରୀମାନଙ୍କ ସହ ରାସ୍ତା ଉପରେ ଶୋଇ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ସେମାନଙ୍କୁ ରାସ୍ତା ଉପରୁ ଘୋଷାଡ଼ି ନେଇଥିଲା। ପ୍ରିୟଙ୍କା କଡ଼ା ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ନିର୍ବାଚନ ଆୟୁକ୍ତଙ୍କୁ ଭେଟିବାକୁ ଚାହୁଁଥିବା ସାଂସଦମାନଙ୍କ ସହ ପୁଲିସ ବର୍ବର ବ୍ୟବହାର କରୁଛି। ସାଂସଦମାନଙ୍କୁ ମାଡ଼ ମରାଯାଉଛି। ମହିଳା ପୁଲିସ କର୍ମଚାରୀମାନେ ତାଙ୍କୁ ତଳେ ପିଙ୍ଗି ଦେଇଥିଲେ ଏବଂ ଶରୀରସାରା ଆଞ୍ଚୁଡ଼ି ପକାଇଥିଲେ। ସାଂସଦମାନଙ୍କ ପ୍ରତି ଏହା ହେଉଛି ପୁଲିସର ବ୍ୟବହାର। ଏହାସତ୍ତ୍ୱେ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ।

# ବିରୋଧ ଭୟରେ ଜ୍ଞାନେଶଙ୍କ ଛତିଶଗଡ଼ ଗସ୍ତ ସ୍ଥଗିତ

ନୂଆଦିଲ୍ଲୀ,୭ ।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଦୁଇଦିନିଆ ଛତିଶଗଡ଼ ଗସ୍ତ ସ୍ଥଗିତ ହୋଇଛି। 'ଅନିବାର୍ଯ୍ୟ କାରଣ' ଦର୍ଶାଇ ଅକ୍ଟୋବର ୭ ଓ ୮ ତାରିଖରେ ହେବାକୁ ଥିବା ଏହି ଗସ୍ତକୁ ସ୍ଥଗିତ କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ନିର୍ବାଚନ କମିସନଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକର ଆନ୍ଦୋଳନ ତୀବ୍ର ହେବା, ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବା ସମୟରେ ଏହି ଗସ୍ତ ସ୍ଥଗିତ ହୋଇଛି।



ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଏବଂ ଫର୍ମ-୬ରେ ପରିବର୍ତ୍ତନକୁ ନେଇ ମଧ୍ୟ ନିର୍ବାଚନ କମିସନ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। ପ୍ରସ୍ତାବିତ ଗସ୍ତ ସମୟରେ ଜ୍ଞାନେଶ କୁମାର ଦନ୍ତେୱାଡ଼ାର ଦନ୍ତେଶ୍ୱରୀ ମାତା ମନ୍ଦିର, ବସ୍ତରର ଚିତ୍ରକୋଟ ଜଳପ୍ରପାତ ଏବଂ କବୀରଧାମ ଜିଲ୍ଲାର ଭୋରମଦେଓ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା। ଛତିଶଗଡ଼ ସରକାର ତାଙ୍କୁ 'ରାଜ୍ୟ ଅତିଥି'ର ମାନ୍ୟତା ମଧ୍ୟ ଦେଇଥିଲେ। ରାୟପୁର ପ୍ରଶାସନ, ପୁଲିସ ଏବଂ ସ୍ୱାମୀ ବିବେକାନନ୍ଦ ବିମାନବନ୍ଦର ପକ୍ଷରୁ ସ୍ୱାଗତ ଓ ସୁରକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଅନୁସାରେ, ଗସ୍ତର ନୂଆ ତାରିଖ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ନିର୍ବାଚନ କମିସନଙ୍କଠାରୁ ନୂଆ କାର୍ଯ୍ୟସୂଚୀ ମିଳିବା ପରେ ଏହା ପ୍ରକାଶ କରାଯିବ। ଏହା ପୂର୍ବରୁ ଉତ୍ତରପ୍ରଦେଶର ମିରଟ ଓ ବାରାଣସୀ ସମେତ ଲଦାଖ, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ଗସ୍ତ ମଧ୍ୟ ଜ୍ଞାନେଶ କୁମାରଙ୍କ ସ୍ଥଗିତ ହୋଇଥିଲା। ଏହି ସମୟରେ ନିର୍ବାଚନ କମିସନଙ୍କ ବିରୋଧରେ ବିରୋଧୀଙ୍କ ଆନ୍ଦୋଳନ ଜୋରଦାର ହୋଇଛି। ମଙ୍ଗଳବାର ଦିଲ୍ଲୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ।

## ଉପନିର୍ବାଚନରେ ଆତଙ୍କରାଜ, ରାଜନୀତି ଛାଡ଼ିବେ ହୁମାୟୁନ କବୀର

କୋଲକାତା,୭ ।୧୦(ଏଜେନ୍ସି): ପଶ୍ଚିମବଙ୍ଗର ନୌଦା ବିଧାୟକ ତଥା ଅଲ୍ ଇଣ୍ଡିଆ ଜନ ଉନ୍ନୟନ ପାର୍ଟି (ଏଜେୟୁପି) ମୁଖ୍ୟ ହୁମାୟୁନ କବୀର ରାଜନୀତିରୁ ଅବସର ନେବେ ବୋଲି କହିଛନ୍ତି। ବୁଧବାର ସାମ୍ବାଦିକଙ୍କ ସହ କଥା ହେବାବେଳେ ଭାବପ୍ରବଣ ହୋଇପଡ଼ିଥିବା କବୀର କହିଛନ୍ତି ଯେ ସେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ସେ ବିଧାନସଭାକୁ ଯିବେ ନାହିଁ। ରେଜିନଗରରେ ମତଦାନ ପ୍ରକ୍ରିୟା ନିରପେକ୍ଷ ହୋଇନଥିବା କବୀର



ଅଭିଯୋଗ କରିଛନ୍ତି। ମତଦାନ ସମୟରେ ପ୍ରଶାସନର ଭୂମିକା ଯୋଗୁଁ ମୁସଲିମ ବହୁଳ ଏହି ଆସନରେ ବିଜେପି ଜିତିବ ବୋଲି ସେ କହିଛନ୍ତି। ମଙ୍ଗଳବାର ମତଦାନ ପରେ ପୁଲିସ ସହ ବଚସାକୁ ନେଇ କବୀରଙ୍କୁ ଗିରଫ କରାଯାଇଥିଲା। ପ୍ରାୟ ୧୨ ଘଣ୍ଟା ପରେ ସେ ମୁକ୍ତ ହୋଇଥିଲେ। ରେଜିନଗରରେ କବୀରଙ୍କ ପୁଅ ଗୋଲାମ ନବୀ ଆଜାଦ ଏଜେୟୁପି ପ୍ରାର୍ଥୀ ଅଛନ୍ତି। କବିର ଏହି ଆସନ ଛାଡ଼ିବା ପରେ ପୁଅକୁ ପ୍ରାର୍ଥୀ କରାଇଥିଲେ। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ନନ୍ଦିଗ୍ରାମ ଏବଂ ରୋଜିନଗରରେ ଉପନିର୍ବାଚନ ବେଳେ ପୁଲିସ ସହାୟତାରେ ବିଜେପି କର୍ମୀ ଆତଙ୍କରାଜ ଚଳାଇଚନ୍ତି। ଲୋକମାନଙ୍କୁ ଭୋଟ କେନ୍ଦ୍ର ଭିତରକୁ ଯିବାକୁ ଦେଇନଥିଲେ। ଏପରିକି ଭୋଟର ଯିବା ପୂର୍ବରୁ ସେମାନଙ୍କ ପାଇଁ ମତଦାନ ହୋଇ ସାରିଥିଲା। ଉଭୟ ଆସନରେ ସାନି ମତଦାନ କରିବାକୁ ସେମାନେ ଦାବି କରିଛନ୍ତି।

## ରୁଷ୍-ୟୁକ୍ରେନ ଯୁଦ୍ଧ ଶେଷ ପାଇଁ ଭାରତର ଶାନ୍ତି ପ୍ରସ୍ତାବ

କିଭ୍,୭ ।୧୦(ଏଜେନ୍ସି): ଦୀର୍ଘଦିନ ଧରି ଚାଲିଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ଯୁଦ୍ଧବିରତି ଆଣିବା ପାଇଁ ଭାରତ ତିନି ସୂତ୍ରୀ ପ୍ରସ୍ତାବ ଦେଇଛି। ଶକ୍ତି ଭିତ୍ତିଭୂମି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚା ଉପରେ ଆକ୍ରମଣ ବନ୍ଦ, କଳା ସାଗର ଦେଇ ଖାଦ୍ୟଶସ୍ୟ ଓ ଶକ୍ତି ସାମଗ୍ରୀର ନିରବଚ୍ଛିନ୍ନ ପରିବହନ ଏବଂ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ରୋକିବା ଏହି ପ୍ରସ୍ତାବର ମୁଖ୍ୟ ବିଷୟ ବୋଲି କୂଟନୈତିକ ସୂତ୍ରରୁ ଜଣାପଡ଼ିଛି। ଗତ ମାସରେ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ କିଭ୍ ଗସ୍ତ ସମୟରେ ଭାରତ ଏହି ପ୍ରସ୍ତାବ ୟୁକ୍ରେନ୍‌କୁ ଜଣାଇଥିବା କୁହାଯାଇଛି। ୟୁକ୍ରେନ୍‌ର ବିଦେଶମନ୍ତ୍ରୀ ଆନ୍ଦ୍ରି ସିବିହା ମଧ୍ୟ ଭାରତରୁ ଏଭଳି ପ୍ରସ୍ତାବ ମିଳିଥିବା ସ୍ପଷ୍ଟ କରିଛନ୍ତି। ତାଙ୍କ ଅନୁଯାୟୀ, ଯୁଦ୍ଧ ଶେଷ କରିବା ନେଇ ବିଭିନ୍ନ ଦେଶରୁ ମିଳିଥିବା ଚାରିଟି ପ୍ରସ୍ତାବ ମଧ୍ୟରେ ଭାରତର ପ୍ରସ୍ତାବ ବିସ୍ତୃତ। ୟୁକ୍ରେନ୍ କହିଛି, ଯୁଦ୍ଧବିରତି କେବଳ ସାମରିକ କାର୍ଯ୍ୟକଳାପ ବନ୍ଦରେ ସୀମିତ ନ ରହି ଶକ୍ତି ଓ ବନ୍ଦର ଭିତ୍ତିଭୂମି ଉପରେ ଆକ୍ରମଣ ଏବଂ କଳା ସାଗରର ପରିସ୍ଥିତିକୁ ମଧ୍ୟ ସାମିଲ କରିବା ଆବଶ୍ୟକ। ଭାରତର ପ୍ରସ୍ତାବ ତୁର୍କୀ ଓ ଇଜିପ୍ଟର ପ୍ରସ୍ତାବଠାରୁ କିଛିଟା ଭିନ୍ନ। ସେମାନଙ୍କ ପ୍ରସ୍ତାବରେ କଳା ସାଗର ଦେଇ ଖାଦ୍ୟଶସ୍ୟ ପରିବହନ ଓ ବାଣିଜ୍ୟିକ ଜାହାଜ ଚଳାଚଳ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ମିଳିଛି। ଆମେରିକାର ପ୍ରସ୍ତାବ ମୁଖ୍ୟତଃ 'ଶକ୍ତି ଯୁଦ୍ଧବିରତି' ଉପରେ କେନ୍ଦ୍ରିତ। ବିଦେଶମନ୍ତ୍ରୀ ଜୟଶଙ୍କର କହିଛନ୍ତି, ଭାରତ କେବଳ ଶାନ୍ତି ପାଇଁ ଆହ୍ୱାନ କରୁନାହିଁ। ମସ୍କୋ ଓ କିଭ୍ ସହ ଉତ୍ତେଜନା ହ୍ରାସ ପାଇଁ ବ୍ୟବହାରିକ ଆଲୋଚନା ମଧ୍ୟ କରୁଛି। ଭାରତ ଏହି ଯୁଦ୍ଧରେ ନିରପେକ୍ଷ ଆଭିମୁଖ୍ୟ ରଖି ଯୁଦ୍ଧ ବନ୍ଦ ପାଇଁ ଆହ୍ୱାନ କରିଆସିଛି।



**ଜୟଶଙ୍କର ଦେଲେ ତିନି ସୂତ୍ରୀ ପ୍ରସ୍ତାବ**

# ୫୪ ଦିନ ଧରି ଚାଲିଲାନି ସଂସଦ: ୩୭ ବର୍ଷର ରେକର୍ଡ ଭାଙ୍ଗିଲା

ନୂଆଦିଲ୍ଲୀ,୭ ।୧୦(ଏଜେନ୍ସି): ସଂସଦର ବର୍ଷା ଅଧିବେଶନ ଶେଷ ହେବାର ପ୍ରାୟ ଦୁଇମାସ ବିତିଯାଇଥିଲେ ମଧ୍ୟ ଏହାକୁ ଏପର୍ଯ୍ୟନ୍ତ ଔପଚାରିକ ଭାବେ ସମାପ୍ତ କରାଯାଇନାହିଁ। ଲୋକସଭା ଓ ରାଜ୍ୟସଭାକୁ ଅଗଷ୍ଟ ୧୩ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଥିଲା। କିନ୍ତୁ ଅକ୍ଟୋବର ୭ ସୁଦ୍ଧା ଅଧିବେଶନ ସମାପ୍ତି ବାବଦରେ କୌଣସି ବିଜ୍ଞପ୍ତି ଜାରି ହୋଇନାହିଁ। ଫଳରେ ଉଭୟ ସଦନ ଏକାସାଙ୍ଗରେ ଏତେ ଦୀର୍ଘ ସମୟ ଧରି ଅଧିବେଶନ ସମାପ୍ତ ନକରି ରହିବାର ନୂଆ ରେକର୍ଡ ସୃଷ୍ଟି ହୋଇଛି। ଏହା ପୂର୍ବରୁ ୧୯୮୯ରେ ଉଭୟ ସଦନ ସର୍ବାଧିକ ୫୩ ଦିନ ଧରି ଏଭଳି ସ୍ଥିତିରେ ରହିଥିଲେ। ଚଳିତଥର ଏହି ରେକର୍ଡକୁ ୫୪ ଦିନରେ ଅତିକ୍ରମ କରାଯାଇଛି। ଅଧିବେଶନ ଏପର୍ଯ୍ୟନ୍ତ ଔପଚାରିକ ଭାବେ ସମାପ୍ତ ହୋଇନଥିବାରୁ ସରକାର ଆବଶ୍ୟକ ହେଲେ ସେହି ଅଧିବେଶନକୁ ପୁଣି ଡାକିବାର ବିକଳ୍ପ ରଖିଛନ୍ତି। ଶାସକ ଶିବିର ସୂତ୍ର ଅନୁସାରେ ଆଗାମୀ ଦିନରେ ସଂସଦକୁ ପୁଣି ବସାଇବା ସମ୍ଭାବନା ନେଇ ଆଲୋଚନା ଚାଲିଛି। ତେବେ ଏନେଇ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇନାହିଁ। ଏହି ମଧ୍ୟରେ ନିର୍ବାଚନମଣ୍ଡଳୀ ପୁନଃସୀମା ନିର୍ଦ୍ଧାରଣ, ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଏବଂ ମହିଳା ସଂରକ୍ଷଣ ଲାଗୁ କରିବା ଭଳି ପ୍ରସଙ୍ଗରେ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ରାଜନୈତିକ ବିଶ୍ଳେଷକ ସଞ୍ଜୟ କୁମାରଙ୍କ ମତରେ, ଅଧିବେଶନ ସମାପ୍ତ ହୋଇନଥିବାରୁ ସରକାର ଏହାକୁ ପୁନଃ ଆହ୍ୱାନ କରିପାରିବେ।



ତେବେ ଏହାର ସାମ୍ବିଧାନିକ ପ୍ରଭାବ ମଧ୍ୟ ରହିଛି। ସମ୍ବିଧାନର ଧାରା ୧୨୩ ଅନୁଯାୟୀ, ଉଭୟ ସଦନ ଅଧିବେଶନରେ ନଥିବା ସମୟରେ ହିଁ ଅଧ୍ୟାଦେଶ ଜାରି କରାଯାଇପାରେ। ତେଣୁ ଅଧିବେଶନ ବିଧିବଦ୍ଧ ଭାବେ ସମାପ୍ତ ନହେବା ପର୍ଯ୍ୟନ୍ତ ଅଧ୍ୟାଦେଶ ଜାରି କରିବାର ରାସ୍ତା ବନ୍ଦ ରହିଛି। ଚଳିତ ବର୍ଷା ଅଧିବେଶନରେ ଲୋକସଭାର ୧୯ଟି ବୈଠକ ହୋଇଥିଲା। ସାଧାରଣତଃ ସକାଳ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସଦନର କାର୍ଯ୍ୟ ଚାଲିଥାଏ। ମଧ୍ୟାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ବିରତିକୁ ବାଦ ଦେଲେ ପ୍ରତିଦିନ ପ୍ରାୟ ୬ ଘଣ୍ଟା କାର୍ଯ୍ୟ ହେବା କଥା। ଏହି ହିସାବରେ ୧୯ଟି ବୈଠକରେ ପ୍ରାୟ ୧୧୪ ଘଣ୍ଟା କାର୍ଯ୍ୟ ହେବା ଆଶା କରାଯାଇଥିଲା। କିନ୍ତୁ ବାସ୍ତବରେ ଲୋକସଭାରେ କାର୍ଯ୍ୟ ହୋଇଛି ମାତ୍ର ପ୍ରାୟ ୧୭ ଘଣ୍ଟା ୩୦ ମିନିଟ୍। ଅର୍ଥାତ୍ ପ୍ରାୟ ୯୬ ଘଣ୍ଟା ୩୦ ମିନିଟ୍ କାର୍ଯ୍ୟ ସମୟ ନଷ୍ଟ ହୋଇଛି। ୨୦୨୫ର ବର୍ଷା ଅଧିବେଶନ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିଥିଲା।

- **୧୧୪ ଘଣ୍ଟାରୁ ଲୋକସଭା ଚାଲିଲା ମାତ୍ର ୧୭ ଘଣ୍ଟା**
- **ରାଜ୍ୟସଭାରେ ବି ନଷ୍ଟ ହେଲା ୭୬ ଘଣ୍ଟାରୁ ଅଧିକ**

ସେତେବେଳେ ଉଭୟ ସଦନରେ ୨୧ଟି ଲେଖାଏଁ ବୈଠକ ହୋଇଥିଲା। ଲୋକସଭାରେ ମୋଟ କାର୍ଯ୍ୟ ସମୟ ମାତ୍ର ୩୭ ଘଣ୍ଟା ଥିଲା। ରାଜ୍ୟସଭାରେ ମଧ୍ୟ ଲୋକସଭା ସହ ସମାନ ୧୯ଟି ବୈଠକ ହୋଇଥିଲା। ଏହି ହିସାବରେ ପ୍ରାୟ ୧୧୪ ଘଣ୍ଟା କାର୍ଯ୍ୟ ହେବା କଥା। କିନ୍ତୁ ବାସ୍ତବରେ ମାତ୍ର ୩୭ ଘଣ୍ଟା ୨୪ ମିନିଟ୍ କାର୍ଯ୍ୟ ହୋଇଛି। ଫଳରେ ପ୍ରାୟ ୭୬ ଘଣ୍ଟା ୩୬ ମିନିଟ୍ କାର୍ଯ୍ୟ ସମୟ ନଷ୍ଟ ହୋଇଛି। ୨୦୨୬ର ବର୍ଷା ଅଧିବେଶନରେ ମୋଟ ୧୨ଟି ନୂଆ ବିଲ୍ ଆଗତ ହୋଇଥିଲା। ସେଥିରୁ ୧୦ଟି ଲୋକସଭାରେ ଏବଂ ୨ଟି ରାଜ୍ୟସଭାରେ ଆଗତ ହୋଇଥିଲା। ଏହି ବିଲ୍‌ଗୁଡ଼ିକ ମଧ୍ୟରେ କର ବ୍ୟବସ୍ଥା, ବ୍ୟାଙ୍କିଂ, ଖଣି, ଟ୍ରିବ୍ୟୁନାଲ, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ, ପରୀକ୍ଷାରେ ଠକେଇ ରୋକିବା, କେରଳର ନାମ ପରିବର୍ତ୍ତନ ଏବଂ ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ବୃଦ୍ଧି ଭଳି ପ୍ରସଙ୍ଗ ରହିଥିଲା। ମାଇନ୍ସ ଆଣ୍ଡ ମିନେରାଲ୍ସ ସଂଶୋଧନ ବିଲ୍ ରାଜ୍ୟସଭାରେ ପାରିତ ହେବା ପରେ ୧୨ଟି ବିଲ୍ ମଧ୍ୟରୁ ୧୧ଟି ଏବେ ଉଭୟ ସଦନରେ ପାରିତ ହୋଇସାରିଛି। ଦୁଇଟି ବିଲ ମଧ୍ୟ ଲୋକସଭାରେ ପାରିତ ହୋଇଛି।

ସକାଳ THE SAKALA
ଗୁରୁବାର ୮ ଅକ୍ଟୋବର, ୨୦୨୬





ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ନବଗଠିତ ବିଜେଡି ସୋସିଆଲ ମିଡିଆ ଏବଂ ଆଇଟି ସେଲ୍ ଷ୍ଟିୟରିଂ କମିଟିର ସଦସ୍ୟମାନେ

## ଲଘୁଚାପ ଲାଗି ପାଣିପାଗ ଅନୁକୂଳ

ଭୁବନେଶ୍ୱର, ୭।୧୦ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପାଇଁ ପାଣିପାଗ ଅନୁକୂଳ ହେବାରେ ଲାଗିଛି। ଏହି ଲଘୁଚାପ ସୃଷ୍ଟି ନେଇ ପୂର୍ବରୁ ଆକଳନ କରାଯାଇଥିବା ବେଳେ ଦୁର୍ଗା ପୂଜା ସମୟରେ ଏହାର ପ୍ରଭାବ ରହିବ ବୋଲି ଆକଳନ କରାଯାଉଛି। ସମ୍ଭାବ୍ୟ ଲଘୁଚାପକୁ ନେଇ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ନେଇ ରହିଥିବା ସଙ୍କେତ ପୂର୍ବ ଅପେକ୍ଷା ବଢ଼ିବାରେ ଲାଗିଛି। ଏହି ଲଘୁଚାପ ଅଧିକ ଘନୀଭୂତ ହେବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି। ବର୍ତ୍ତମାନ ବଙ୍ଗୋପସାଗର ଉପରେ ମୌସୁମୀ ବାୟୁ ଦୁର୍ବଳ ହୋଇ ପବନର ଢାଞ୍ଚା ବଦଳୁଛି। ଭାରତ ମହାସାଗର ଉପରେ ଏମ୍‌ଜେଓ ଅଧିକ ଅନୁକୂଳ ହେବାରେ ଲାଗିଛି। ଇସିଏମ୍‌ଡବ୍ଲୁଏଫ୍ ଓ ଜିଏଫ୍‌ଏସ୍ ମଡେଲ୍ ଆଦି ଏହି ଲଘୁଚାପ ବାତ୍ୟାରେ ପରିଣତ ହେବା ପରିବେଶ ଅନୁକୂଳ ରହିଛି ବୋଲି ମତ ଦେଉଛନ୍ତି। ୧୨ ଅକ୍ଟୋବର ପାଖାପାଖି ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବ। ଏହା ପ୍ରଭାବରେ ସେଠାରେ ଏକ ଲଘୁଚାପ ସୃଷ୍ଟି ହେବା ସହ ପରବର୍ତ୍ତୀ ସମୟରେ ଶକ୍ତିଶାଳୀ ହେବ। ଏହା କେତେ ଶକ୍ତିଶାଳୀ ହେବ ଓ କେଉଁ ଦିଗକୁ ଯିବ ତାହା ଏବେ ବି ଅନିଶ୍ଚିତତା ରହିଛି। ତେଣୁ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶା ପାଇଁ ସିଧାସଳଖ ବିପଦର କୌଣସି ବିଶ୍ୱସନୀୟ ସଙ୍କେତ ନାହିଁ।

### ଖୋର୍ଦ୍ଧାରୁ 'ସେବା ଜ୍ୟୋତି'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ବିକଶିତ ଓଡ଼ିଶା ଗଠନରେ ସାମିଲ ହେବାକୁ ଆହ୍ୱାନ

ଖୋର୍ଦ୍ଧା, ୭।୧୦(ସମିସ): ବିକଶିତ ଭାରତ ସହ ବିକଶିତ ଓଡ଼ିଶା ଗଠନ ପ୍ରକ୍ରିୟାରେ ସମସ୍ତ ନାଗରିକ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ରାଜନୈତିକ ଯାତ୍ରା ପୂର୍ତ୍ତି ଅବସରରେ ଖୋର୍ଦ୍ଧାର ହାବେଳୀ ପଡ଼ିଆଠାରେ ଆୟୋଜିତ ସେବା ଜ୍ୟୋତି ଯାତ୍ରାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଦେଶ ଓ ରାଜ୍ୟର ସେବା ପାଇଁ ସଂକଳ୍ପ ପାଠ କରାଯିବା ପରେ ମୁଖ୍ୟମନ୍ତ୍ରୀ ସେବା ଜ୍ୟୋତି ପ୍ରଜ୍ୱଳନ କରି ଯାତ୍ରାର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଡବଲ୍ ଇଞ୍ଜିନ ସରକାରଙ୍କ ଶାସନରେ ଓଡ଼ିଶାର ବିକାଶ ଦ୍ରୁତଗତିରେ ଆଗେଇ ଚାଲିଛି। ୨୦୦୧ ଅକ୍ଟୋବର ୭ରେ ଗୁଜରାଟରୁ ନରେନ୍ଦ୍ର ମୋଦୀଙ୍କ ପ୍ରଶାସନିକ ଓ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତାଙ୍କର ଏହି ସଫଳ ଯାତ୍ରାକୁ ୨୫ ବର୍ଷ ପୂରଣ ହୋଇଛି। ରାଷ୍ଟ୍ର ପ୍ରଥମ ଏବଂ ସବକା ସାଥ୍, ସବକା ବିକାଶ ମନ୍ତ୍ରକୁ ଆଧାର କରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଦେଶ ଅଗ୍ରସର ହେଉଛି।

ଡବଲ୍ ଇଞ୍ଜିନ ସରକାରରେ ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି ମିଳିଛି। ରାଜ୍ୟର ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଶିଳ୍ପ ବିକାଶ ସହ ନିବେଶ ଓ ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି କରାଯାଉଛି। ଶିଳ୍ପାୟନ, ନିବେଶ,



ନିଯୁକ୍ତି, ଭିତ୍ତିଭୂମି ଓ ଯୁବପିଢ଼ିର ସଶକ୍ତୀକରଣ ଉପରେ ସରକାର ଗୁରୁତ୍ୱ ଦେଉଛି। ସେହିପରି ଭିତ୍ତିଭୂମି ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ସୃଷ୍ଟି, ମହିଳା ସଶକ୍ତୀକରଣ, କୃଷକଙ୍କ କଲ୍ୟାଣ ଓ ସାମାଜିକ ସୁରକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ସରକାର ପଦକ୍ଷେପ ନେଉଥିବା ସେ କହିଥିଲେ। ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଶିଳ୍ପ ଓ ନିଯୁକ୍ତି ସୁଯୋଗ ପହଞ୍ଚାଇ ଯୁବପିଢ଼ି ଏବଂ ସ୍ଥାନୀୟ ଅର୍ଥନୀତିକୁ ସଶକ୍ତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ ଦେଶ ଓ ରାଜ୍ୟର ସେବା ପାଇଁ ସଂକଳ୍ପ ପାଠ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବିଜେପି ମୁଖପାତ୍ର ସୁଦୀପ୍ତ ରାୟ, ଜିଲ୍ଲା ପ୍ରଭାରୀ ପବିତ୍ର ମୋହନ ଦାସ, ଜିଲ୍ଲା ସଭାପତି ବିଶ୍ୱରଂଜନ ବଡ଼ଜେନା, ବେଗୁନିଆ ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ, ରଶ୍ମିମୟୀ ପଟ୍ଟନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ପରେ ହାବେଳୀ ପଡିଆଠାରୁ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ ସେବା ଜ୍ୟୋତି ଶୋଭାଯାତ୍ରାରେ ସାମିଲ ହୋଇ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ।

### ଆରମ୍ଭ ହେଲା ୩ ଦିନିଆ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ

# ଯୋଡ଼ିହେବେ ବାଦ୍ ଓ ନୂଆ ଭୋଟର

ଭୁବନେଶ୍ୱର, ୭।୧୦ (ସମିସ): ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରିବାକୁ ଯୋଗ୍ୟ ଥିବା ନାଗରିକମାନଙ୍କୁ ଆବେଦନ ଓ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ବୁଧବାରଠାରୁ ରାଜ୍ୟବ୍ୟାପୀ ଏକ ୩ ଦିନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି।




ଏସଆଇଆର ପ୍ରକ୍ରିୟାରେ ବିଭିନ୍ନ କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ନାଗରିକମାନଙ୍କୁ ଆବଶ୍ୟକ ପ୍ରକ୍ରିୟା ମାଧ୍ୟମରେ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ଅଟେ। ଏଥିସହିତ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକ-ଯୁବତୀମାନଙ୍କୁ ମଧ୍ୟ ଭୋଟର ତାଲିକାରେ ସାମିଲ କରିବା ଉପରେ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଗତ ଅକ୍ଟୋବର ୧ ତାରିଖ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଏବଂ ଅନ୍ୟାନ୍ୟ ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରୁଥିବା ଯୁବକ-ଯୁବତୀମାନେ ଏହି ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ନିଜ ନାମ ଭୋଟର ତାଲିକାରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ଅଞ୍ଚଳର ବୁଥ ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଅପରପକ୍ଷେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ବିଏଲଓମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି। ସଂଗୃହୀତ ତଥ୍ୟକୁ ଜିଲ୍ଲାସ୍ତରରେ ଯାଞ୍ଚ କରାଯାଉଛି।

ସମ୍ପୃକ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆରଓ), ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ଏବଂ ବିଏଲଓମାନେ ଉପଲବ୍ଧ ତଥ୍ୟର ଯାଞ୍ଚ କରିବା ସହ ଯୋଗ୍ୟ ନାଗରିକମାନଙ୍କୁ ଆବଶ୍ୟକ ଆବେଦନ ପ୍ରକ୍ରିୟାରେ ସହାୟତା କରୁଛନ୍ତି। ଆବେଦନଗୁଡ଼ିକୁ ନିର୍ବାଚନ ଆଇନ ଓ ନିୟମ ଅନୁଯାୟୀ ଯାଞ୍ଚ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ।

# ରାଜନୀତିର ରଙ୍ଗରେ ଚକାଆଖି

### ମହାପ୍ରଭୁଙ୍କ ରଙ୍ଗୋଲିକୁ ନେଇ ଭକ୍ତଙ୍କ ଭାବାବେଗରେ ଆଘାତ

ପୁରୀ,୭।୧୦(ସମିସ): ଭକ୍ତିରେ ଭଗବାନ। ଯେଉଁ ମହାପ୍ରଭୁଙ୍କୁ କୋଟି କୋଟି ଓଡ଼ିଆ ନିଜର ଆରାଧ୍ୟ ଭାବେ ବିଶ୍ୱାସ ଓ ଭକ୍ତିର ସହ ପୂଜା କରନ୍ତି, ତାଙ୍କ ଚକାଆଖିକୁ କ'ଣ ଏମିତି ରାସ୍ତା ଉପରେ ଗଡ଼ାଇ ଦେବା ଠିକ୍? ଏଭଳି ଏକ ପ୍ରଶ୍ନ ଏବେ ଅନେକ ଜଗନ୍ନାଥପ୍ରେମୀଙ୍କ ମନକୁ ଆନ୍ଦୋଳିତ କରିଛି। ବୁଧବାର ଶରଧାବାଲି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦେଖିବାକୁ ମିଳିଥିଲା ଏଭଳି ଏକ ଚିତ୍ର। ରଙ୍ଗମୂରୁଜରେ ଶୋଭା ପାଉଥିଲେ ଆମ କଳାସାଆନ୍ତ। ଶିଳ୍ପୀଙ୍କ ଯାଦୁକରୀ ହାତର ସ୍ପର୍ଶରେ ମହାପ୍ରଭୁଙ୍କ ଚକାଆଖି ବେଶ୍ ଆକର୍ଷଣୀୟ ହୋଇଥିଲା। କଳାର ଏହି ନିଖୁଣ ପ୍ରଦର୍ଶନକୁ ନେଇ କାହାରି ଦ୍ୱିଧା ନ ଥିଲା। ହେଲେ ପ୍ରଶ୍ନ ଉଠିଥିଲା ମହାପ୍ରଭୁଙ୍କର ଏକ ବିରାଟ ଚକାଆଖିକୁ କାହିଁକି ତଳେ, ରାସ୍ତା ଉପରେ ଚିତ୍ରିତ କରାଗଲା?

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ଜନସେବା ଓ ଦେଶସେବାକୁ ସ୍ମରଣ କରି ବୁଧବାର 'ସଂକଳ୍ପ ଜ୍ୟୋତି ଯାତ୍ରା' ପରିପ୍ରେକ୍ଷୀରେ ଏହି ରଙ୍ଗୋଲି ଅଙ୍କାଯାଇଥିଲା। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଯେଉଁ ସ୍ଥାନରେ ସାଧାରଣତଃ ଗାଡ଼ିମୋଟର ପାର୍କିଂ ହୁଏ, ସେହି ସ୍ଥାନକୁ ବ୍ୟାରିକେଡିଂ କରି ଏହି ଚିତ୍ର କରାଯାଇଥିଲା। ତେବେ ମହାପ୍ରଭୁଙ୍କ ଚକାଆଖିକୁ ଏଭଳି ଭାବେ ରାଜନୈତିକ କାର୍ଯ୍ୟକ୍ରମର ରଙ୍ଗୋଲିରେ ସ୍ଥାନ ଦିଆଯିବାକୁ ନେଇ ଅନେକ ଭକ୍ତ ମନଦୁଣା



କରିଛନ୍ତି। ସମସ୍ତଙ୍କ ଭାବନାରେ, ମହାପ୍ରଭୁ କେବଳ ଏକ ଚିତ୍ର ନୁହନ୍ତି, ସେ ଓଡ଼ିଆ ଜାତିର ଆତ୍ମା, କୋଟି କୋଟି ଭକ୍ତଙ୍କ ନିଃଶ୍ୱାସ ଓ ବିଶ୍ୱାସ। ତାଙ୍କ ଚକାଆଖି ଭକ୍ତଙ୍କ ହୃଦୟରେ ଶ୍ରଦ୍ଧା ଓ ଆସ୍ଥାର ପ୍ରତୀକ। ଏହି କାରଣରୁ ଅନେକଙ୍କ ମନରେ ପ୍ରଶ୍ନ ଉଠିଛି। ରାଜନୈତିକ ବାର୍ତ୍ତା ପ୍ରଚାର ପାଇଁ ଆମ ଆରାଧ୍ୟଙ୍କ ପ୍ରତୀକକୁ ରାସ୍ତା ଉପରେ ଏଭଳି ଚିତ୍ରିତ କରିବା କେତେଦୂର ଯୁକ୍ତିସଙ୍ଗତ? ଯେଉଁ ଚକାଆଖିକୁ ଭକ୍ତ ମୁଣ୍ଡ ନୁଆଁଇ ଦର୍ଶନ କରେ, ସେହି ଚକାଆଖିକୁ ପାଦଚଲା ଓ ଯାନବାହନ ଚଳାଚଳ ହେଉଥିବା ସ୍ଥାନରେ ଚିତ୍ରିତ କରାଯିବା ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ମହାପ୍ରଭୁଙ୍କୁ ନେଇ ଓଡ଼ିଆଙ୍କ ଭକ୍ତି ଓ ଭାବନା ଅତ୍ୟନ୍ତ ଗଭୀର। ତେଣୁ ରାଜନୀତିର ରଙ୍ଗ ଯେତେବେଳେ ମହାପ୍ରଭୁଙ୍କ ଚକାଆଖିରେ ଲାଗେ, ସେତେବେଳେ ସ୍ୱାଭାବିକ ଭାବେ ଭକ୍ତଙ୍କ ମନରେ ପ୍ରଶ୍ନ ଉଠେ, 'ସେ ପରା ଆମ ଆରାଧ୍ୟ, ତାଙ୍କୁ ଏମିତି ରାସ୍ତାରେ ଗଡ଼ାଇଦେବା କ'ଣ ଠିକ୍ ହେଲା?'

ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନର ରାଜ୍ୟ ସଭାପତି ଡ. ବଦ୍ରି ମିଶ୍ର କହିଛନ୍ତି, 'ଜଗନ୍ନାଥ ଏକ ବସ୍ତୁ ନୁହଁନ୍ତି। ଜଗନ୍ନାଥ ଏକ ବିକ୍ରି ସାମଗ୍ରୀ ନୁହଁନ୍ତି, ଯାହାଙ୍କୁ ରାସ୍ତାକଡ଼ରେ କି ବଡ଼ଦାଣ୍ଡରେ ପକାଇ ଦିଆଯିବ। ଠାକୁର ମନ୍ଦିରରେ ରହନ୍ତି, ନତୁବା କାନ୍ଥରେ ଏକ ଚିତ୍ରିତ ପ୍ରତିଭା ହୁଅନ୍ତି। କିନ୍ତୁ ଯେଭଳି ଭାବେ ବିଭିନ୍ନ ସମୟରେ ତାଙ୍କ ଚିତ୍ରକଳାକୁ କୁକୁର ଓ ନିଶାସକ୍ତ ମଣିଷ ପାଇଁ ଛାଡ଼ି ଦିଆଯାଉଛି, ତାହା ନିନ୍ଦନୀୟ। ଶ୍ରୀମନ୍ଦିର ପ୍ରଶାସନ ଏ ସବୁ ଉପରେ ଅଂକୁଶ ଲଗାଇବା ଆବଶ୍ୟକ।'

# ଶ୍ରୀୟା ଶିବଦର୍ଶିନୀ ଜିତିଲେ 'ପ୍ରାଇଡ୍ ମିସ୍ ଇଣ୍ଡିଆ' ମୁକୁଟ




ଭୁବନେଶ୍ୱର, ୭।୧୦(ସମିସ): ଓଡ଼ିଶାର ଭୁବନେଶ୍ୱରର ୧୮ ବର୍ଷୀୟା ଶ୍ରୀୟା ଶିବଦର୍ଶିନୀ ପଣ୍ଡା ପ୍ରାଇଡ୍ ମିସ୍ ଇଣ୍ଡିଆ ୨୦୨୬ ମୁକୁଟ ଜିତିଛନ୍ତି। ନୂଆଦିଲ୍ଲୀର ତାଜ ବିଭାନ୍ତାଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସେ ସାରା ଭାରତରୁ ଆସିଥିବା ୧୨୦ରୁ ଅଧିକ ପ୍ରତିଯୋଗୀଙ୍କ ମଧ୍ୟରୁ ବିଜୟୀ ହୋଇଛନ୍ତି। ଜାତୀୟ ପୋଷାକ, ପ୍ରତିଭା, ପ୍ରଶ୍ନୋତ୍ତର ଓ ର୍ୟାମ୍ପ ୱାକ୍ ଆଦି ପର୍ଯ୍ୟାୟରେ ସେ ସଫଳତା ଅର୍ଜନ କରିଥିଲେ। ଏହା ଡିକେ ପେଜେଣ୍ଟସ୍ ଦ୍ୱାରା ଆୟୋଜିତ ହୋଇଥିଲା। ଯାହାର ନିର୍ଦ୍ଦେଶନା ଦେଇଥିଲେ ଡ. ଜିମ୍ମି ଗରିମା ଏବଂ ଉପସ୍ଥାପନା କରିଥିଲେ ବଲିଉଡ୍ ଅଭିନେତା-ନିର୍ଦ୍ଦେଶକ ଅମନ ବର୍ମା। ଶ୍ରୀୟା କଟକର ଏସ୍‌ସିବି ମେଡିକାଲ୍ କଲେଜର ଦ୍ୱିତୀୟ ବର୍ଷ ଏମ୍‌ବିବିଏସ୍ ଛାତ୍ରୀ। ଏଥିସହିତ ଜଣେ ଓଡ଼ିଶୀ କ୍ଲାସିକାଲ୍ ନୃତ୍ୟଶିଳ୍ପୀ।

### ■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# କୁବେର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସମେତ ୨ ଗିରଫ

ବାରିପଦା/ବାଲେଶ୍ୱର, ୭।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଆର ଆଣ୍ଡ ବି ଉପଖଣ୍ଡର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଏକ୍ସଇସିକୁଟିଭ୍ ଇଞ୍ଜିନିୟର) ଅରବିନ୍ଦ ମହାନ୍ତି ଏବଂ ତାଙ୍କର ଜଣେ ସହଯୋଗୀଙ୍କୁ ଗିରଫ କରାଯାଇ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ବେତନଟୀ ଆର ଆଣ୍ଡ ବି ଉପଖଣ୍ଡରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଥା ରାୟନ ରାମଚନ୍ଦ୍ରପୁର, ଜଳେଶ୍ୱର, ବର୍ତ୍ତମାନ କଲ୍ୟାଣ ନଗର, ଅଙ୍ଗାରଗାଡିଆ, ବାଲେଶ୍ୱରର ଅରବିନ୍ଦ ମହାନ୍ତିଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ବାରିପଦା ଭିଜିଲାନ୍ସ ବିଭାଗ ଗିରଫ କରିଛି। ଭିଜିଲାନ୍ସ ଇନ୍ସପେକ୍ଟର ବିକାଶ ରଞ୍ଜନ ସ୍ୱାଇଁଙ୍କ ତଦନ୍ତ ରିପୋର୍ଟ ଆଧାରରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (କେସ୍ ନଂ ୨୫/୨୦୨୬) ରୁଜୁ ହୋଇଥିଲା। ଭ୍ରଷ୍ଟାଚାର ନିବାରଣ ଆଇନ ଅଧୀନରେ ତଦନ୍ତ ଜାରି ରଖିବା ସହ ଭିଜିଲାନ୍ସ ଟିମ୍ ମୁଖ୍ୟ ଅଭିଯୁକ୍ତ ଅରବିନ୍ଦ ମହାନ୍ତିଙ୍କ ସମେତ ତାଙ୍କର ସହଯୋଗୀ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବାଳିଆ କଲୋନୀର ବିଶ୍ୱନାଥ ପାଲଙ୍କୁ ମଧ୍ୟ ହେପାଜତକୁ ନେଇ କୋର୍ଟରେ ହାଜର କରାଯାଇଛି। ସମ୍ପୃକ୍ତ ଯନ୍ତ୍ରୀଙ୍କ ଆୟ-ବ୍ୟୟ ଏବଂ ସ୍ଥାବର-ଅସ୍ଥାବର ସମ୍ପତ୍ତିର ପରିମାଣ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି। ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

# ପାରିବାରିକ ଅଶାନ୍ତି ଦୂର କରିବା ଆଳରେ ଦୁଷ୍କର୍ମ; ଗୁଣିଆ ଗିରଫ

ବାରିପଦା/ବିଶୋଇ, ୭।୧୦(ସମିସ): ଅନ୍ଧବିଶ୍ୱାସର କଳା କବଳରେ ପଡ଼ି ଜଣେ ବିବାହିତା ମହିଳା ନିଜର ସର୍ବସ୍ୱ ହରାଇବା ସହ ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଶିକାର ହୋଇଛନ୍ତି। ଝାଡ଼ଫୁଙ୍କ ଓ ଗୁଣିଗାରେଡ଼ି ଜରିଆରେ ପାରିବାରିକ ସମସ୍ୟା ସମାଧାନର ପ୍ରଲୋଭନ ଦେଖାଇ ତିନି ଦିନ ଧରି ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବିଶୋଇ ଥାନା ପୁଲିସ ଅଭିଯୁକ୍ତ ଗୁଣିଆକୁ ଗିରଫ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳର ଜଣେ ୩୦ ବର୍ଷୀୟା ଯୁବତୀ ବାପା-ମା'ଙ୍କ ଦେହାନ୍ତ ପରେ ଗୋରୁମହିଷାଣୀରେ ଏକାକୀ ରହୁଥିଲେ। ଗତ ସେପ୍ଟେମ୍ବର ମାସରେ ସେ ବିଶୋଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ବିବାହର କିଛି ଦିନ ପରେ

### ୩ ଦିନ ଦୁଷ୍କର୍ମ ପରେ ପୀଡ଼ିତା ଡାକ୍ତରଖାନାରେ ଚିକିତ୍ସାଧୀନ



ପରିବାରରେ ଶାଶୂ (ସ୍ୱାମୀଙ୍କ ସାନ ମା')ଙ୍କ ନିର୍ଯ୍ୟାତନା ଏବଂ ସ୍ୱାମୀଙ୍କ ସହ ତିକ୍ତତା ଆରମ୍ଭ ହୋଇଥିଲା। ଏହା ସହିତ କ୍ରମାଗତ ଅସୁସ୍ଥତା କାରଣରୁ ମହିଳା ଜଣକ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ପାରିବାରିକ କଳହ ଦୂର କରିବା ଓ ସ୍ୱାମୀଙ୍କ ସହ ସୁସମ୍ପର୍କ ଫେରାଇ ଆଣିବା ଆଶାରେ ସେ ଗତ ଗୁରୁବାର ମଧୁପୁର ଗ୍ରାମର ପୁକ୍ରିପୁଟ ଡ୍ୟାମ୍ ଛକ ନିକଟରେ ରହୁଥିବା ଗୁଣିଆ ଲକ୍ଷ୍ମଣ ଲୋହାରଙ୍କ ଆଶ୍ରୟ ନେଇଥିଲେ। ତନ୍ତ୍ର-ମନ୍ତ୍ର ଓ ପୂଜାର୍ଚ୍ଚନା ଦ୍ୱାରା ସବୁ ସମସ୍ୟା ଠିକ୍ କରିଦେବାକୁ ପ୍ରତିଶ୍ରୁତି ଦେଇ ଗୁଣିଆ ଲକ୍ଷ୍ମଣ ମହିଳାଙ୍କୁ ନିଜ ଘରେ ଅଟକାଇ ରଖିଥିଲା। ଏହା ପରେ ମହିଳାଙ୍କ ବିଶ୍ୱାସର ସୁଯୋଗ ନେଇ କ୍ରମାଗତ ତିନି ଦିନ ଧରି ତାଙ୍କ ସହ ବଳପୂର୍ବକ ଦୁଷ୍କର୍ମ କରିଥିଲା। ଅତ୍ୟଧିକ ଅସୁସ୍ଥ ହୋଇପଡ଼ିବାରୁ ସୋମବାର ମହିଳା ଜଣକ କୌଶଳକ୍ରମେ ୧୦୮ ଆମ୍ବୁଲାନ୍ସ ଡକାଇ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ଏବଂ ଘଟଣା ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ମଙ୍ଗଳବାର ବିଶୋଇ ଥାନା ପୁଲିସ ରାଇରଙ୍ଗପୁର ଡାକ୍ତରଖାନାରେ ପହଞ୍ଚି ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ତାଙ୍କର ଡାକ୍ତରୀ ମାଇନା କରାଇଛି। ଏ ନେଇ ବିଶୋଇ ଥାନାରେ କେସ୍ ନଂ ୨୧୮/୨୬ ରେ ମାମଲା ରୁଜୁ ହେବା ପରେ ପୁଲିସ ଅଭିଯୁକ୍ତ ଲକ୍ଷ୍ମଣ ଲୋହାରକୁ ଗିରଫ କରିଛି। ଅଭିଯୁକ୍ତକୁ ଅଧିକ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି।

### ଆଇଏଏସ ସ୍ତରରେ ଛୋଟ ଅଦଳବଦଳ

# ବଦଳିଲେ ନବରଙ୍ଗପୁର, ନୂଆପଡ଼ା ଜିଲ୍ଲାପାଳ

ଭୁବନେଶ୍ୱର, ୭।୧୦(ସମିସ): ରାଜ୍ୟରେ ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ ନବରଙ୍ଗପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ମହେଶ୍ୱର ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଡେପୁଟୀ ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିବା ଅନ୍ୟା ଦାସଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେହିପରି ୨୦୨୦ ବ୍ୟାଚ୍‌ର ଆଇଏଏସ୍ ମଧୁମିତାଙ୍କୁ ନୂଆପଡ଼ା ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ଆଡିସ୍‌ନାଲ ରିଭିଜନାଲ କୋର୍ଟରେ ଅତିରିକ୍ତ କମିଶନର ଥିବା ପ୍ରଦୀପ କୁମାର ନାୟକଙ୍କୁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗକୁ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଅନୁ ସଚିବ ଭାବେ କାର୍ଯ୍ୟ କରୁଥିବା ଅଶନୀ ଏ. ଏଲଙ୍କୁ ଭବାନୀପାଟଣାର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ଭବାନୀପାଟଣା ସବ୍-କଲେକ୍ଟର ଥିବା କସ୍ତୁରୀ ଶା'ଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଅନୁ ସଚିବ ଭାବେ ବଦଳି କରାଯାଇଛି।

# ବଢୁଛି ଚାହିଦା; ସଂକୁଚିତ ହେଉଛି ବ୍ୟବସ୍ଥା!

ପୁରୀ,୭।୧୦(ସମିସ): ଶ୍ରୀକ୍ଷେତ୍ରରେ କାର୍ତ୍ତିକ ବ୍ରତ ପାଳନ ପାଇଁ ହବିଷ୍ୟାଳି ମା'ମାନଙ୍କ ଆଗ୍ରହ ପ୍ରତିବର୍ଷ ବଢ଼ିବାରେ ଲାଗିଛି। ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରୁ ପରିଣତ ବୟସର ମହିଳାମାନେ ମାସେ ଧରି ପୁରୀରେ ରହି ହବିଷ ବ୍ରତ ପାଳନ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଆର୍ଥିକ ଦୁର୍ବଳତା ଯୋଗୁଁ ଯେଉଁମାନେ ନିଜ ଖର୍ଚ୍ଚରେ ପୁରୀରେ ରହିପାରୁନାହାନ୍ତି, ସେମାନଙ୍କ ପାଇଁ ହବିଷ୍ୟାଳି ଯୋଜନା ବେଶ୍ ଉପଯୋଗୀ ହୋଇଆସିଛି। ହେଲେ ଯୋଜନା ପ୍ରତି ଚାହିଦା ବଢୁଥିବା ସତ୍ତ୍ୱେ ଗତ ଦୁଇବର୍ଷ ଧରି ହବିଷ୍ୟାଳିଙ୍କ ସଂଖ୍ୟା ବୃଦ୍ଧି ନ ହେବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଚଳିତବର୍ଷ ମଧ୍ୟ ପୂର୍ବବର୍ଷ ଭଳି ୨,୫୦୦ ଜଣ ଏହି ଯୋଜନାରେ ସାମିଲ୍ କରିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଅନ୍ୟପକ୍ଷରେ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବାର ମାତ୍ର ୪୦ ମିନିଟ୍ ମଧ୍ୟରେ ପ୍ରାୟ ୨,୮୦୦ ଜଣ ଆବେଦନ କରିଥିବା ଜଣାପଡ଼ିଛି। ଫଳରେ ଚଳିତ ବର୍ଷ ମଧ୍ୟ ଶତାଧିକ ଆଶାୟୀ ହବିଷ୍ୟାଳି ଏହି ସୁବିଧାରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି।

ପ୍ରତିବର୍ଷ କାର୍ତ୍ତିକ ମାସରେ ହବିଷ ବ୍ରତ ପାଳନ ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମା'ମାନେ ଶ୍ରୀକ୍ଷେତ୍ରକୁ ଆସିଥା'ନ୍ତି। କେହି ମାସେ ଧରି ରହି ବ୍ରତ ପାଳନ କରୁଥିବାବେଳେ ଆଉ କେହି କେବଳ ପଞ୍ଚକର ପାଞ୍ଚଦିନ ପୁରୀରେ ରହିଥା'ନ୍ତି। ପ୍ରତ୍ୟୁଷରୁ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ, ରାଇଦାମୋଦରଙ୍କ ପୂଜା ଓ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ସେମାନେ ଦିନକୁ ଥରେ ହବିଷ୍ୟାନ୍ନ ସେବନ କରିଥା'ନ୍ତି। କେହି ନିଜ ହାତରେ ହବିଷ୍ୟାନ୍ନ ପ୍ରସ୍ତୁତ କରନ୍ତି, ଆଉ କେହି ମହାପ୍ରସାଦ ସେବନ କରି ବ୍ରତ ପାଳନ କରିଥା'ନ୍ତି। ପୁରୀରେ ରହି ହବିଷ ବ୍ରତ ପାଳନ କରିବାକୁ ଅନେକ ମହିଳାଙ୍କର ପ୍ରବଳ ଇଚ୍ଛା ଥିଲେ ମଧ୍ୟ

### ହବିଷ୍ୟାଳିଙ୍କ ଆସ୍ଥା ପଛରେ ପ୍ରଶାସନିକ ଉଦାସିନତା

ଆର୍ଥିକ ସମସ୍ୟା ଯୋଗୁଁ ସେମାନେ ଏହାକୁ ସାକାର କରିପାରୁ ନ ଥିଲେ। ମଠ, ମନ୍ଦିର, ଧର୍ମଶାଳା କିମ୍ବା ନିଜ ସମ୍ପର୍କୀୟଙ୍କ ଘରେ ରହିବା ପାଇଁ ମଧ୍ୟ ଅନେକଙ୍କ ସାମର୍ଥ୍ୟ ନ ଥିଲା। ଏହି ବାସ୍ତବତାକୁ ଅନୁଭବ କରି ତତ୍କାଳୀନ ନବୀନ ସରକାର ୨୦୧୬ରେ ହବିଷ୍ୟାଳି ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ମାଧ୍ୟମରେ ହବିଷ୍ୟାଳି ମା'ମାନଙ୍କୁ ମାଗଣାରେ ରହିବା, ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଥିଲା। ଯୋଜନା ଆରମ୍ଭ ପରଠାରୁ ପ୍ରତିବର୍ଷ ଏହାର ଚାହିଦା ବୃଦ୍ଧି ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ମଧ୍ୟ ଧୀରେ ଧୀରେ ଭିତ୍ତିଭୂମି ବଢ଼ାଇଥିଲେ। କୋଭିଡ୍ ମହାମାରୀ ଯୋଗୁଁ ୨୦୨୦ ଓ ୨୦୨୧ରେ ଯୋଜନା ବନ୍ଦ ରହିଥିବାବେଳେ ୨୦୨୨ରୁ ପୁନର୍ବାର ଏହା ଆରମ୍ଭ ହୋଇଥିଲା। ୨୦୨୨ରେ ରାଜ୍ୟର ୨୯ଟି ଜିଲ୍ଲାରୁ ପ୍ରାୟ ୩ ହଜାର ବ୍ରତଧାରୀ ପୁରୀ ଆସି ହବିଷ ବ୍ରତ ପାଳନ କରିଥିଲେ।

ସେହିବର୍ଷ ହବିଷ୍ୟାଳି ମା'ମାନଙ୍କ ପାଇଁ ସ୍ଥାୟୀ ଶିବିର 'ବୃନ୍ଦାବତୀ ନିବାସ'ର ଉଦ୍‌ଘାଟନ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଠାରେ ହବିଷ୍ୟାଳିଙ୍କ ପାଇଁ ବିଭିନ୍ନ ଆଧୁନିକ ସୁବିଧା ଉପଲବ୍ଧ କରାଯାଇଥିଲା। ଏଥିସହ ବଗଲା ଧର୍ମଶାଳା, ଅକ୍ଷୟପାତ୍ର ଫାଉଣ୍ଡେସନ, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣମଣ୍ଡପରେ ମଧ୍ୟ ହବିଷ୍ୟାଳିଙ୍କ ରହଣି ବ୍ୟବସ୍ଥା କରାଯାଇଥିଲା। ୨୦୨୩ରେ ମଧ୍ୟ ଏହି ୫ଟି ଶିବିରରେ ୩,୨୦୦ରୁ ଅଧିକ ହବିଷ୍ୟାଳି ମା'ମାନେ ରହି କାର୍ତ୍ତିକ ବ୍ରତ ପାଳନ କରିଥିଲେ। ଏହା ଯୋଜନାର ବଢୁଥିବା ଲୋକପ୍ରିୟତା ଓ ଆବଶ୍ୟକତାକୁ ସ୍ପଷ୍ଟ କରିଥିଲା। ତେବେ ୨୦୨୪ରେ ରାଜ୍ୟରେ ନୂଆ ସରକାର ଆସିବା ପରେ ହବିଷ୍ୟାଳିଙ୍କ ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଇଥିଲେ ମଧ୍ୟ ତାହା ହୋଇ ନ ଥିଲା। ବରଂ ଯୋଜନାରେ ହବିଷ୍ୟାଳିଙ୍କ ସଂଖ୍ୟା ୩,୨୦୦ରୁ ହ୍ରାସ ପାଇ ୨,୫୦୦ରେ ସୀମିତ ହୋଇଥିଲା। ଏହାକୁ ନେଇ ସେତେବେଳେ ବିଭିନ୍ନ ମହଲରେ ଅସନ୍ତୋଷ ଓ ପ୍ରତିବାଦ ଦେଖାଦେଇଥିଲା। ହେଲେ ଗତବର୍ଷ ମଧ୍ୟ ୨,୫୦୦ ଜଣଙ୍କ ପାଇଁ ହିଁ ରହଣି ବ୍ୟବସ୍ଥା କରାଯାଇଥିଲା।

ଚଳିତବର୍ଷ ମଧ୍ୟ ସମାନ ସଂଖ୍ୟକ ୨,୫୦୦ ହବିଷ୍ୟାଳିଙ୍କୁ ଯୋଜନାରେ ସାମିଲ୍ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଅକ୍ଟୋବର ୬ ତାରିଖରୁ ଅନ୍‌ଲାଇନ୍ ପଞ୍ଜୀକରଣ ପୋର୍ଟାଲ୍ ଖୋଲାଯାଇଥିଲା। ପଞ୍ଜୀକରଣ ଆରମ୍ଭ ହେବାର ମାତ୍ର ୪୦ ମିନିଟ୍ ମଧ୍ୟରେ ପ୍ରାୟ ୨,୮୦୦ ଜଣ ଆବେଦନ କରିବା ଯୋଜନା ପ୍ରତି ହବିଷ୍ୟାଳିଙ୍କ ବଢୁଥିବା ଚାହିଦାକୁ ପୁଣିଥରେ ସାମ୍ନାକୁ ଆଣିଛି। ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି ଯେତେବେଳେ ଯୋଜନା ପ୍ରତି ଆଗ୍ରହ ଓ ଆବେଦନ ସଂଖ୍ୟା ପ୍ରତିବର୍ଷ ବଢୁଛି, ସେତେବେଳେ ହବିଷ୍ୟାଳିଙ୍କ ପାଇଁ ରହଣି ସଂଖ୍ୟା ବୃଦ୍ଧି କରାଯାଉନାହିଁ କାହିଁକି? ବିଶେଷକରି ପରିଣତ ବୟସର ଓ ଆର୍ଥିକ ଦୁର୍ବଳ ମହିଳାମାନେ ଯେପରି ଶ୍ରୀକ୍ଷେତ୍ରରେ ନିରାପଦରେ ରହି କାର୍ତ୍ତିକ ବ୍ରତ ପାଳନ କରିପାରିବେ, ସେଥିପାଇଁ ଯୋଜନାର କ୍ଷମତା ବଢ଼ାଇବାର ଆବଶ୍ୟକତା ରହିଛି।

ସିପିପି ସମ୍ପ୍ରସାରଣ ପ୍ରକଳ୍ପ

# ନାଲକୋ ନିଜସ୍ୱ ଭାବେ କାର୍ଯ୍ୟକାରୀ କରିବାକୁ ଦାବି

ଅନୁଗୋଳ,୭ ।୧୦(ସମିସ):

ନବରତ୍ନ ମାନ୍ୟତାପ୍ରାପ୍ତ ନାଲକୋ ଆଲୁମିନିୟମ ଉତ୍ପାଦନ ଓ ବାଣିଜ୍ୟରେ କ୍ରମାଗତ ଭାବେ ଲାଭ କରି ରେକର୍ଡ ସ୍ଥାପନ କରିଛି। ଆଗକୁ ମହାରତ୍ନ ମାନ୍ୟତା ହାସଲ ପାଇଁ କମ୍ପାନୀ ଆଶାବାଦୀ ରହିଛି। ସେଥିପାଇଁ କମ୍ପାନୀ କୌଶଳଗତ ଉଦ୍ୟମ ଜାରି ରଖିଛି। ନାଲକୋ ପ୍ରାୟ ୪ ଦଶନ୍ଧି ଧରି ୧,୨୦୦ ମେଗାୱାଟ୍ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟକୁ ସଫଳତାର ସହ ପରିଚାଳନା କରିଆସୁଛି। କମ୍ପାନୀ ତା'ର ସବୁ ୟୁନିଟ ସମ୍ପ୍ରସାରଣ କରିବାକୁ ଯାଉଛି। ଆଲୁମିନିୟମ ଉତ୍ପାଦନର ମୂଳ ଆଧାର ହେଉଛି ବିଦ୍ୟୁତ। ଏହା ଉତ୍ପାଦନ ବ୍ୟୟର ଏକ ପ୍ରମୁଖ ଅଂଶ। ତେଣୁ ନାଲକୋର କ୍ୟାପ୍ଟିଭ ବିଦ୍ୟୁତ ଉତ୍ପାଦନ ବୃଦ୍ଧି ପାଇଁ ନାଲକୋ ପାଖରେ ପର୍ଯ୍ୟାପ୍ତ ଜମି, ନିଜସ୍ୱ କୋଇଲା ଖଣି, ଦୀର୍ଘମିଆଦୀ ଇନ୍ଧନ ଯୋଗାଣ ବ୍ୟବସ୍ଥା, ଜଳ ଉତ୍ସ, କୋଇଲା ପରିବହନ ଓ ପରିଚାଳନା ବ୍ୟବସ୍ଥା, ଫ୍ଲାଏ ଆସ୍ ପରିଚାଳନା ସୁବିଧା, ରେଳ ସଂଯୋଗ, ବିଦ୍ୟୁତ ସଞ୍ଚାର ବ୍ୟବସ୍ଥା, ଅଭିଜ୍ଞ ମାନବ ସମ୍ବଳ ଏବଂ ଆର୍ଥିକ ସାମର୍ଥ୍ୟ ରହିଛି ଏବଂ ଏ ସବୁକୁ ଆଧାର କରି ନାଲକୋ ସମ୍ପ୍ରସାରଣ ପ୍ରକଳ୍ପକୁ ନାଲକୋ ସ୍ୱତନ୍ତ୍ର ଭାବେ ସଫଳତାର ସହ କାର୍ଯ୍ୟକାରୀ କରିପାରିବ। ମାତ୍ର ନାଲକୋ ଓ ଏନଏଲସି ଇଣ୍ଡିଆ ଲିମିଟେଡର ପ୍ରସ୍ତାବିତ




୫୦:୫୦ ଯୁଗ୍ମ ଉଦ୍ୟୋଗ (ଜଏଣ୍ଟ ଭେଞ୍ଚର) ମାଧ୍ୟମରେ ୧,୦୮୦ ମେଗାୱାଟ୍ (୪ଘ୨୭୦ ମେଗାୱାଟ୍) କ୍ୟାପ୍ଟିଭ ତାପଜ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ନିଷ୍ପତ୍ତି ହୋଇଛି। ପ୍ରସ୍ତାବିତ ୫୦:୫୦ ଯୁଗ୍ମ ଉଦ୍ୟୋଗ ହେଲେ ନାଲକୋ କମ୍ପାନୀ ତଥା କର୍ମଚାରୀଙ୍କ ଉପରେ ପ୍ରଭାବ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଯୁଗ୍ମ ଉଦ୍ୟୋଗ ମଡେଲ୍ ଦ୍ୱାରା ନାଲକୋର କୌଶଳଗତ ସମ୍ପତ୍ତି ଉପରେ ନିୟନ୍ତ୍ରଣ କମିପାରେ। ଭବିଷ୍ୟତ ଲାଭ ବଣ୍ଟନ କରିବାକୁ ପଡ଼ିପାରେ। ମାନବ ସମ୍ବଳ ପରିଚାଳନା ଓ ପଦୋନ୍ନତି ସୁଯୋଗ ଉପରେ ଅନିଶ୍ଚିତତା ସୃଷ୍ଟି ହୋଇପାରେ। ଭବିଷ୍ୟତ ସମ୍ପ୍ରସାରଣରେ ପରିଚାଳନାଗତ ସ୍ୱାଧୀନତା କମିପାରେ ଏବଂ ନାଲକୋ ପରିସର ମଧ୍ୟରେ ହିଁ ଏକାଧିକ ପରିଚାଳନା ବ୍ୟବସ୍ଥା ସୃଷ୍ଟି ହେବ। ନାଲକୋ ସିପିପିର ସ୍ୱୀକୃତିପ୍ରାପ୍ତ ସଂଗଠନ ନାଲକୋ ଶ୍ରମିକ କଂଗ୍ରେସ ୟୁନିଅନ ସ୍ପଷ୍ଟ କରିଛି ଯେ ଏହାର ଆପତ୍ତି ସମ୍ପ୍ରସାରଣ

- **ନାଲକୋର କ୍ୟାପ୍ଟିଭ ବିଦ୍ୟୁତ ଉତ୍ପାଦନ ଉପରେ ସମ୍ପୂର୍ଣ୍ଣ ମାଲିକାନା ଓ ପରିଚାଳନା ନିୟନ୍ତ୍ରଣ ନାଲକୋ ହାତରେ ରହିବା ଦୀର୍ଘମିଆଦୀ ଜାତୀୟ ଓ କମ୍ପାନୀର ସ୍ୱାର୍ଥରେ ରହିବ**
- **ନାଲକୋ ଓ ଏନଏଲସି ଇଣ୍ଡିଆ ପ୍ରସ୍ତାବିତ ୫୦:୫୦ ଯୁଗ୍ମ ଉଦ୍ୟୋଗ ପ୍ରକଳ୍ପ ସ୍ଥାପନ ନିଷ୍ପତ୍ତି ପ୍ରତ୍ୟାହାର ଦାବି**
- **ଯୁଗ୍ମ ଉଦ୍ୟୋଗ ମଡେଲ୍ ଦ୍ୱାରା ନାଲକୋର କୌଶଳଗତ ସମ୍ପତ୍ତି ଉପରେ ନିୟନ୍ତ୍ରଣ କମିପାରେ, ଭବିଷ୍ୟତ ଲାଭ ବଣ୍ଟନ କରିବାକୁ ଆଶଙ୍କା**

ବିରୋଧରେ ନୁହେଁ; ବରଂ ନାଲକୋକୁ ଏକ ଅଗ୍ରଣୀ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗ ଭାବେ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ କମ୍ପାନୀକୁ ଏହି ପ୍ରକଳ୍ପ ସ୍ୱତନ୍ତ୍ର ଭାବେ ସ୍ଥାପନ, ମାଲିକାନା ଓ ପରିଚାଳନା କରିବାକୁ ସୁଯୋଗ ଦେବା ଉଚିତ। ୟୁନିଅନ କେନ୍ଦ୍ର ସରକାରଙ୍କୁ ଯୁଗ୍ମ ଉଦ୍ୟୋଗ ପ୍ରସ୍ତାବର ପୁନଃ ସମୀକ୍ଷା କରି ନାଲକୋକୁ ସ୍ୱତନ୍ତ୍ର ଭାବେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଅନୁମତି ଦେବା ସହ ଅନ୍ତିମ ନିଷ୍ପତ୍ତି ପୂର୍ବରୁ ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ପରାମର୍ଶ କରିବାକୁ ସ୍ମାରକପତ୍ରରେ ଅନୁରୋଧ କରିଥିଲା। ମାତ୍ର ଏହାକୁ ଉଚ୍ଚ କର୍ତ୍ତୃପକ୍ଷ ଅଣଦେଖା କରିଚାଲି ଥିବାରୁ ଏହାର ପ୍ରତିବାଦ ସ୍ୱରୂପ ସିପିପିର ସ୍ୱୀକୃତିପ୍ରାପ୍ତ ସଂଗଠନ ନାଲକୋ ଶ୍ରମିକ କଂଗ୍ରେସ ୟୁନିଅନ ପକ୍ଷରୁ ସିପିପି ପ୍ରଶାସନିକ ଭବନ ସମ୍ମୁଖରେ ସକାଳ ୬ରୁ ୧୨ ଘଣ୍ଟିଆ ଧାରଣା ଅନୁଷ୍ଠିତ ହୋଇଥିଲା। ଏ ପ୍ରସଙ୍ଗରେ ସାଧାରଣ ସମ୍ପାଦକ ବିଭବ ଜେନା କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ନାଲକୋକୁ ଦେଶର ଏକ ଅଗ୍ରଣୀ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗ ଭାବେ ଆହୁରି ସଶକ୍ତ କରିବା। ନାଲକୋ ସ୍ମେଲ୍ଟର ଓ ସିପିପି ସମ୍ପ୍ରସାରଣ ପ୍ରକଳ୍ପକୁ ଆମେ ସମ୍ପୂର୍ଣ୍ଣ ସମର୍ଥନ କରୁଛୁ। କିନ୍ତୁ ନାଲକୋର ଅଭିଜ୍ଞତା, ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ଓ ଦୃଢ଼ ଆର୍ଥିକ ସ୍ଥିତିକୁ ବିଚାର କଲେ, ଏହି ପ୍ରକଳ୍ପକୁ ନାଲକୋ ନିଜେ କାର୍ଯ୍ୟକାରୀ କରିବା ଉଚିତ ବୋଲି ସେ କହିଛନ୍ତି। ଏହି ଧାରଣାରେ ୟୁନିୟନର ସମସ୍ତ କର୍ମକର୍ତ୍ତା, ସଦସ୍ୟ ସାମିଲ ହୋଇଥିଲେ।

## ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା



ପବିତ୍ରନଗର,୭ ।୧୦(ସମିସ): କଣିହାଁ ବ୍ଲକ୍ କର୍ଣ୍ଣପାଳ ପଞ୍ଚାୟତରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ସହ ପଞ୍ଚାୟତ ସଭାପତି ଦେବରାଜ ପ୍ରଧାନଙ୍କ ସଭାପତିତ୍ୱରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ମା' ଲୁଧୁଣି ମନ୍ଦିରରେ ପୂଜାର୍ଚ୍ଚନା ପରେ କର୍ଣ୍ଣପାଳ ଗ୍ରାମରେ ପଦଯାତ୍ରା ହୋଇଥିଲା। ଏଥିରେ ପୂର୍ବତନ ପାଲଲହଡ଼ା ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେଡି ସରକାର ଅମଳରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଏବେ ବିଜେପି ସରକାରଙ୍କ ଜନମାରଣ ନୀତି ବାବଦରେ ସଚେତନ କରିଥିଲେ। ଆଗାମୀ ଦିନରେ ସଙ୍ଗଠନ ଶକ୍ତିଶାଳୀ କରିବାକୁ ସମସ୍ତେ ମିଳିମିଶି କାମ କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ସଭାପତି ପ୍ରଶାନ୍ତ ସାହୁ, ସମିତିସଭ୍ୟା ରଶ୍ମିତା ବିଶ୍ୱାଳ, ବରିଷ୍ଠ ନେତା ଜଳଧର ସାମଲ, ପୂର୍ବତନ ସଭାପତି ରବିଚନ୍ଦ୍ର ରାଉତ, ସଂଯୋଜକ ସୁବାସ ମହାନ୍ତି, ଅଜିତ ସାମଲ, ଶିବରାମ ପ୍ରଧାନ, ଗୋକୁଳ ପ୍ରଧାନ, ହିଲ୍ଲଳ ଜେନା, ପରାବିଲ ସଭାପତି ବିରଞ୍ଚି ସାହୁ, ବୁରୁକୁନା ସଭାପତି ତପନ ବେହେରା, ଦଲକ ସଭାପତି ଜୟନ୍ତ ପ୍ରଧାନ, ବିରୁ ସଭାପତି ଅବନୀ ଦେହୁରୀ, ଯୁବନେତା ମଣ୍ଟୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

- ଟାଟାଷ୍ଟିଲ ଶ୍ରମିକ ସଭା ଆନ୍ଦୋଳନକୁ ଏଚ୍ଏମ୍ଏସ୍‌ର ସମର୍ଥନ

## କମ୍ପାନୀ ଶୀଘ୍ର ଶ୍ରମିକଙ୍କ ଦାବି ପୂରଣ କରୁ



ଅନୁଗୋଳ,୭ ।୧୦(ସମିସ): ୨ ଦଫା ଦାବି ନେଇ ଟାଟାଷ୍ଟିଲ ଶ୍ରମିକ ସଭା ପକ୍ଷରୁ ମେରାମୁଣ୍ଡଳୀ ଟାଟାଷ୍ଟିଲ ମୁଖ୍ୟ ଗେଟ୍‌ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିଥିବା ଅନଶନ ଆନ୍ଦୋଳନକୁ ହିନ୍ଦ୍ ମଜଦୁର ସଭା ରାଜ୍ୟ ପରିଷଦ ସଭାପତି ବିଜୟ କୁମାର ମହାନ୍ତି ସମର୍ଥନ ଜଣାଇଛନ୍ତି। ମହାନ୍ତି ଏକ ବିବୃତିରେ କହିଛନ୍ତି ଯେ ଟାଟାଷ୍ଟିଲ ଶ୍ରମିକ ସଭା ବିଭିନ୍ନ ସମୟରେ ଟେକ୍ନୋଲୋଜି ସର୍ଭିସରେ ଥିବା ଶ୍ରମିକ ଓ ସହାୟକ ଶ୍ରମିକମାନଙ୍କ ମଜୁରି ସଂଶୋଧନ ଏବଂ ବର୍ତ୍ତମାନ ନିର୍ଦ୍ଧାରିତ ହୋଇଥିବା ବାର୍ଷିକ ଇନକ୍ରିମେଣ୍ଟ ନୀତିକୁ ଉଚ୍ଛେଦ ଦାବି ନେଇ କମ୍ପାନୀ କର୍ତ୍ତୃପକ୍ଷ ଏବଂ ଶ୍ରମ ବିଭାଗ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଦାବିଗୁଡ଼ିକ ଆଲୋଚନାରେ ଉପସ୍ଥାପିତ ହୋଇଥିଲେ ମଧ୍ୟ ପୂରଣ ହୋଇ ନାହିଁ। ଏଥିପାଇଁ ନିୟମ ମୁତାବକ କମ୍ପାନୀକୁ ଯଥେଷ୍ଟ ସମୟ ଦେଇ ଶ୍ରମିକ ୟୁନିଅନ ବାଧ୍ୟ ହୋଇ ଅନଶନ ଆନ୍ଦୋଳନ ଚାଲୁ ରଖିଛି। ଇତିମଧ୍ୟରେ ଏହି ଆନ୍ଦୋଳନ ତିନିଦିନରେ ପହଞ୍ଚିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଦାବି ପୂରଣରେ ବିଳମ୍ବ କରୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଶୀଘ୍ର ଦାବି ପୂରଣ କରନ୍ତୁ। ଏଥିସହ ଶ୍ରମ ବିଭାଗ ଏବଂ ପ୍ରଶାସନ ଦାବି ପୂରଣରେ ସହାୟକ ହୋଇ ସମସ୍ୟା ସମାଧାନ କରିବାକୁ ମହାନ୍ତି ଦାବି କରିଛନ୍ତି।

- ବାଇପାସ୍ ବଜାର ଗଣେଶ ପୂଜା କମିଟିର ନୂତନ କର୍ମକର୍ତ୍ତା

## ରଶ୍ମିରଞ୍ଜନ ସଭାପତି, ରାଜେନ୍ଦ୍ର ସାଧାରଣ ସମ୍ପାଦକ



ତାଳଚେର,୭ ।୧୦(ସମିସ): ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ଶେଷ ହେବା ପରେ ଏବେ ବିଭିନ୍ନ ପୂଜା କମିଟି ପକ୍ଷରୁ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବାଇପାସ୍ ବଜାର ଗଣେଶ ପୂଜା କମିଟିର ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ସଭାପତି ଡ. ରଶ୍ମିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ କଙ୍କିଳାସ୍ଥିତ କାଜୁ ପଡ଼ିଆରେ ଅନୁଷ୍ଠିତ ହୋଇଛି। ବୈଠକରେ ଆଗାମୀ ବର୍ଷ ଗଣେଶ ପୂଜାକୁ ସୁଚାରୁ ରୂପେ ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ସର୍ବସମ୍ମତି କ୍ରମେ ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ସଭାପତି ଭାବେ ଡ. ରଶ୍ମିରଞ୍ଜନ ମିଶ୍ର, ଉପସଭାପତି ବିମ୍ବାଧର ମହାପାତ୍ର, ଶ୍ରୀହରି ସେଠୀ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ବାଇ, ସହସମ୍ପାଦକ ବିଶ୍ୱଜିତ୍ ମହାରଣା, ଗତିକୃଷ୍ଣ ମହାରଣା, କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ସାହୁ, ସହ କୋଷାଧ୍ୟକ୍ଷ ଭାବେ ଅବିନାଶ ସାହୁଙ୍କୁ ଚୟନ କରାଯାଇଛି।

- କିଶୋରନଗରରେ 'ଆମ ପୁଲିସ ସମିତି' ବୈଠକ

## ସାଇବର ସଚେତନତା ଓ ନିଶା ନିବାରଣ ଉପରେ ଗୁରୁତ୍ୱ

କିଶୋରନଗର,୭ ।୧୦(ସମିସ): କିଶୋରନଗର ଥାନା ପରିସରରେ "ଆମ ପୁଲିସ ସମିତି' ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆଇଆଇସି ହରେକୃଷ୍ଣ ପ୍ରଧାନ ସଭାପତିତ୍ୱ କରି ଗ୍ରାମାଞ୍ଚଳରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସରଳ ସମାଧାନ ପାଇଁ ଜନସାଧାରଣ କିଭଳି କୌଣସି ଭୟ ନ ରଖି ସିଧାସଳଖ ଥାନାକୁ ଆସି ଆଲୋଚନା କରିପାରିବେ, ସେ ନେଇ ସୂଚନା ପ୍ରଦାନ କରିଥିଲେ। ପାର୍ବଣ ଋତୁରେ ଅପରାଧ ଓ ଅସାମାଜିକ କାର୍ଯ୍ୟକଳାପ ଯେପରେ ନ ଘଟେ ସେଥିପ୍ରତି ପୁଲିସ ଓ ଜନସାଧାରଣ ସମନ୍ୱୟ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସମୟର ସବୁଠାରୁ ବଡ଼ ସମସ୍ୟା ପାଲଟିଥିବା ସାଇବର ଠକେଇ ଉପରେ




ଆଲୋକପାତ କରିଥିଲେ। ଏଥି ସହ ଫୋନ୍ ମାଧ୍ୟମରେ ଆସୁଥିବା ଓଟିପି କାହାକୁ ଶେୟାର ନ କରି କିଭଳି ସତର୍କ ଓ ସୁରକ୍ଷିତ ରହିବେ, ସେ ସମ୍ପର୍କରେ ସେ ବୁଝାଇଥିଲେ। ଅନ୍ୟପଟେ, ଗ୍ରାମାଞ୍ଚଳରେ ବଢ଼ୁଥିବା ନିଶା କାରବାର ଓ ସେବନ ଯୋଗୁଁ ଧନଜୀବନ କ୍ଷୟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିବା ସହ ଏଥିରେ ସୁଧାର ଆଣିବାକୁ ଦାବି କରିଥିଲେ। ବୈଠକରେ ବ୍ଲକ ଜିପିଡିଓ ସୁରେଶ ଚନ୍ଦ୍ର ସାହୁ, ତହସିଲର କର୍ମଚାରୀ ଆଲୋକ ସେଠୀ, ଥାନା ଏସ୍‌ଆଇ ପ୍ରସନ୍ନ କୁମାର ରାଉତ, ଏଏସଆଇ ଗୋପାଳ ବେହେରା, ଅମରଜିତ୍ ମିଞ୍ଜ୍‌ଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ସେଣ୍ଟ୍ରାଲ ପୂଜା କମିଟି ବୈଠକ; ଡିଜେକୁ ନା




ଅନୁଗୋଳ,୭ ।୧୦(ସମିସ): ବୁଧବାର ଅପରାହ୍ନରେ ଟ୍ରକ ମାଲିକ ସଂଘ ପରିସରରେ ସେଣ୍ଟ୍ରାଲ ପୂଜା କମିଟି ବୈଠକ ଅନୁଷ୍ଠିତ ହୋଇଛି। ସେଣ୍ଟ୍ରାଲ ପୂଜା କମିଟି ସଭାପତି ସୁନୀଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଚଳିତ ବର୍ଷ ଅନୁଗୋଳ ସହରରେ ଦୁର୍ଗାପୂଜା ଉତ୍ସବରେ ମା'ଙ୍କ ୧୦ଟି ମେଢ଼ ଓ ଲକ୍ଷ୍ମୀପୂଜାରେ ୨୯ଟି ମେଢ଼ ପ୍ରତିଷ୍ଠା କରାଯିବ। ଚଳିତ ମାସ ୧୭ ତାରିଖରୁ ଦୁର୍ଗାପୂଜା ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୨ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ଅକ୍ଟୋବର ୨୫ରୁ ଲକ୍ଷ୍ମୀପୂଜା ଆରମ୍ଭ ହୋଇ ନଭେମ୍ବର ୩ ପର୍ଯ୍ୟନ୍ତ ଚାଲିବ। ୪ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୂଜା ସମୟରେ ଡାକବାଜି ଯନ୍ତ୍ରର ଅଧିକ ଓ ଅତ୍ୟଧିକ ଉଚ୍ଚ ଶବ୍ଦ ବ୍ୟବହାର ବିଶେଷ କରି ଡିଜେକୁ ବାରଣ କରାଯାଇଛି। ପୂଜା ଓ ଭସାଣିରେ ଆତସବାଜି ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ପୂଜା ସମୟରେ ମେଲୋଡି ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ସବୁ ରାତ୍ର ୧୧ଟା ସୁଦ୍ଧା ସମାପନ କରିବାକୁ ପଡ଼ିବ। ଲକ୍ଷ୍ମୀପୂଜା ଭସାଣି ଉତ୍ସବରେ ୧୫ଟି ପୂଜା ମଣ୍ଡପ ଭାଗନେବା ପାଇଁ ନିଷ୍ପତ୍ତି ହୋଇଛି। ଭସାଣି ଉତ୍ସବ ଅପରାହ୍ନରୁ ଆରମ୍ଭ ହୋଇ ରାତି ୧୧ଟା ସୁଦ୍ଧା ସାରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ କମିଟି ସଦସ୍ୟମାନେ ପରିଚାଳନା କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମ୍ପାଦକ ଦିଲୀପ ପ୍ରଧାନ, ଉପସଭାପତି ଚନ୍ଦ୍ରକାନ୍ତ ଧଳ, ପ୍ରଭାତ ପ୍ରଧାନ, ପଦ୍ମଚରଣ ପ୍ରଧାନ, କୋଷାଧ୍ୟକ୍ଷ ଅମରେଶ ସ୍ୱାଇଁ ପ୍ରମୁଖଙ୍କ ସମେତ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଯୋଗଦେଇଥିଲେ।

## 'ସେବା ଜ୍ୟୋତିଯାତ୍ରା' ଓ 'ସେବା ସଙ୍କଳ୍ପ ଅଭିଯାନ'



ଅନୁଗୋଳ,୭ ।୧୦(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନିରନ୍ତର ୨୫ ବର୍ଷର ସେବା, ସୁଶାସନ ଓ ବିକାଶ ପୂର୍ତ୍ତି ଅବସରରେ ଅନୁଗୋଳରେ ସେବା ଜ୍ୟୋତିଯାତ୍ରା ଓ ସେବା ସଙ୍କଳ୍ପ ଅଭିଯାନ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ସେବାଜ୍ୟୋତି ସ୍ଥାପନ ଉଦ୍ଦେଶ୍ୟରେ ଆୟୋଜିତ ବିଶାଳ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଆଭାସୀ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ସମ୍ବଲପୁର ସାଂସଦ ପ୍ରଧାନ କହିଛନ୍ତି ଯେ ୨୦୦୧ ଅକ୍ଟୋବର ୭ରେ ପ୍ରଧାନମନ୍ତ୍ରୀ ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ଯେଉଁ ସେବାଯାତ୍ରା ଆରମ୍ଭ କରିଥିଲେ, ତାହା ଆଜି ସାରା ଦେଶକୁ ବିକାଶର ଏକ ନୂଆ ଦିଗ ଦେଖାଇଛି। ଦେଶବାସୀଙ୍କ ବିଶ୍ୱାସ ଓ ନିଷ୍ଠା ହିଁ ପ୍ରଧାନମନ୍ତ୍ରୀଙ୍କ ସବୁଠାରୁ ବଡ଼ ଶକ୍ତି। କେବଳ ବ୍ୟକ୍ତିଗତ ପଦବୀ ନୁହେଁ, ବରଂ ରାଷ୍ଟ୍ର ପ୍ରଥମ ଓ ମିଶନ ଭାବନାକୁ ନେଇ କାର୍ଯ୍ୟ କରିବା ଦ୍ୱାରା ଆଜି ଭାରତ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହୋଇପାରିଛି ବୋଲି ସେ କହିଥିଲେ।

ଏଥିସହ ସାସଦ ପ୍ରଧାନ ଅନୁଗୋଳ ଜିଲ୍ଲା ତୁରଙ୍ଗସ୍ଥିତ ଅଙ୍ଗନବାଡ଼ି (ଖ) କେନ୍ଦ୍ର ପରିଦର୍ଶନ କରି ଶିଶୁ, ଅଙ୍ଗନବାଡ଼ି, ଆଶାକର୍ମୀ ଏବଂ ହିତାଧିକାରୀଙ୍କ ସହ ସମୟ ବିତାଇଥିଲେ। ଶିଶୁ ସୁରକ୍ଷା, ମାତୃ କଲ୍ୟାଣ, ସ୍ୱଚ୍ଛତା ଓ ନିଶା ନିବାରଣ ପାଇଁ ସାମୂହିକ ଶପଥ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲାପାଳ ଅବଦଲ ଏମ ଅଖତାରଙ୍କ ସମେତ ବହୁ ଲୋକ ପ୍ରତିନିଧି ଯୋଗଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ଟାଙ୍ଗିଆରେ ଆକ୍ରମଣ

- ଅଭିଯୁକ୍ତ ଗିରଫ

କିଶୋରନଗର,୭ ।୧୦(ସମିସ): କିଶୋରନଗର ଥାନା କଦଳୀମୁଣ୍ଡା ପଞ୍ଚାୟତ ବୁଢ଼ିଆବାହାଲ ଗାଁର ଅବସରପ୍ରାପ୍ତ ଶିକ୍ଷକ ହରିହର ନାୟକ (୬୩)ଙ୍କୁ ସେହି ଗାଁର ସୁରଥ ନାୟକ ଟାଙ୍ଗିଆରେ ଆକ୍ରମଣ କରିଥିବା ଥାନାରେ ହୋଇଛି। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସୁରଥଙ୍କୁ ଗିରଫ କରିଛି। ବୁଢ଼ିଆବାହାଲ ତାରିଣୀ ମନ୍ଦିର ପାଖରେ ସରକାରଙ୍କ ତରଫରୁ ଏକ ଭୋଗମଣ୍ଡପ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ମଙ୍ଗଳବାର ଅପରାହ୍ନରେ ସୁରଥ ଉକ୍ତ ସ୍ଥାନକୁ ଆସି ପାଟିତୁଣ୍ଡ, ଗାଳିଗୁଲଜ କରିଥିଲେ। ହରିହର ତାଙ୍କୁ ବାରଣ କରିବାରୁ ସୁରଥ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଆକ୍ରମଣରେ ଆହତ ହରିହର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଥାନାରେ ଅଭିଯୋଗ କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



ଛେଣ୍ଡିପଦା,୭ ।୧୦(ସମିସ): ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଷମା ପ୍ରଧାନଙ୍କର ତାଙ୍କ ବାସଭବନରେ ପରଲୋକ ହୋଇଛି। ସେ ଜଣେ ଜନପ୍ରିୟ ନେତ୍ରୀ, ସମାଜସେବୀ, ପରୋପକାରୀ ତଥା ଧର୍ମ ପରାୟଣା ମହିଳା ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି।

## ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ




କିଶୋରନଗର,୭ ।୧୦(ସମିସ): ଆଠମଲ୍ଲିକ ବନଖଣ୍ଡ ଅନ୍ତର୍ଗତ ଚମ୍ପାପୁର ବନ ସୁରକ୍ଷା ସମିତି କାର୍ଯ୍ୟାଳୟରେ ଆଠମଲ୍ଲିକ ବନଖଣ୍ଡ ଏବଂ ବିଶ୍ୱ ଯୁବକେନ୍ଦ୍ର, ବଣୀନାଳୀର ମିଳିତ ସହଯୋଗରେ ବୁଧବାର ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ବନ ସଂରକ୍ଷଣ ସମିତି ସଭନେତ୍ରୀ ରଶ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଡେଭେଲପମେଣ୍ଟ ଅଫିସର ପ୍ରୀତି ପରମାଣିକ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବନପାଳ ରତ୍ନାକର ସାହୁ ଉପସ୍ଥିତ ରହି ବନ୍ୟପ୍ରାଣୀ ସୁରକ୍ଷାର ଆବଶ୍ୟକତା ଓ ଏହାର ଗୁରୁତ୍ୱ ବିଷୟରେ ଅଭିଭାଷଣ ରଖିଥିଲେ। ଜଙ୍ଗଲରୁ ମିଳୁଥିବା ରୋଜଗାର, ଜଙ୍ଗଲଜାତ ଦ୍ରବ୍ୟ ଓ ବନ୍ୟଜନ୍ତୁ ସଂରକ୍ଷଣ ଉପରେ ସଚେତନ କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ଟିମ ଲିଡର ଅମରେଶ ପ୍ରସାଦ ଦାଶ ବନ୍ୟପ୍ରାଣୀ ସଂରକ୍ଷଣ ଓ ଜୈବବିବିଧତା ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଚମ୍ପାପୁର ବନ ସୁରକ୍ଷା ସମିତି ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

**ଛାତ୍ର ସଂସଦ ନିର୍ବାଚନ ପାଇଁ ଚଳଚଞ୍ଚଳ ପାଲଲହଡ଼ାର ଦୁଇ ମହାବିଦ୍ୟାଳୟ**

# ନିର୍ବାଚନ ପରିଚାଳନା ପାଇଁ ପ୍ରାଶାସନିକ ପ୍ରସ୍ତୁତି ଆରମ୍ଭ

ପାଲଲହଡ଼ା,୭ ।୧୦(ସମିସ):

ଛାତ୍ର ସଂସଦ ନିର୍ବାଚନ ଘୋଷଣା ପରେ ଏବେ କ୍ୟାମ୍ପସ୍‌ଗୁଡ଼ିକ ସରଗରମ ହୋଇଛି। ନିର୍ବାଚନ ପାଇଁ ପାଲଲହଡ଼ା ଉପଖଣ୍ଡସ୍ଥିତ ମାଲ୍ୟଗିରି ମହାବିଦ୍ୟାଳୟ ଏବଂ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଚଳଚଞ୍ଚଳ ହୋଇଛି। ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନ ପକ୍ଷରୁ ପ୍ରାର୍ଥୀଚୟନ ପାଇଁ କସରତ ଆରମ୍ଭ ହୋଇଥିବା ବେଳେ ନିର୍ବାଚନକୁ ସୁଚାରୁରୂପେ ପରିଚାଳନା ପାଇଁ ପ୍ରାଶାସନିକ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ବୁଧବାର ଅପରାହ୍ନ ସାଢ଼େ ୩ଟାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଛାତ୍ର ସଂସଦ ନିର୍ବାଚନ ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ ପ୍ରାର୍ଥୀଙ୍କ ଯୋଗ୍ୟତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଛି। ସ୍ନାତକ ଛାତ୍ରଛାତ୍ରୀଙ୍କ ବୟସ ୧୭ରୁ ୨୨ ବର୍ଷ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ବୟସ ସର୍ବାଧିକ ୨୫ ବର୍ଷ ହେବା ଆବଶ୍ୟକ। ପ୍ରାର୍ଥୀ ନିୟମିତ ଛାତ୍ର ହୋଇଥିବେ ଏବଂ ଏସ୍ଏଏମ୍ଏସ୍ ମାଧ୍ୟମରେ



ନାମ ଲେଖାଇଥିବେ। ତାଙ୍କର କୌଣସି ବ୍ୟାକ୍ ପେପର ନ ଥିବ ଏବଂ ସର୍ବନିମ୍ନ ୭୫ ପ୍ରତିଶତ ଉପସ୍ଥାନ ରହିବା ବାଧ୍ୟତାମୂଳକ। କୌଣସି ଅପରାଧିକ ମାମଲା ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଥିବା ଛାତ୍ରଛାତ୍ରୀ ପ୍ରାର୍ଥୀ ହୋଇପାରିବେ ନାହିଁ। ସେଲ୍ଫ ଫାଇନାନ୍ସିଂ/ପିପିପି ମୋଡ୍ ଓ ଦୂର ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ନିର୍ବାଚନରେ ଭୋଟର ବା ପ୍ରାର୍ଥୀ ହୋଇପାରିବେ ନାହିଁ। ଜଣେ ପ୍ରାର୍ଥୀ ଥରେ ଅଫିସ ବିୟରର ଏବଂ ଦୁଇଥର ଏକଜିକ୍ୟୁଟିଭ ମେମ୍ବର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏଥିସହ ନିର୍ବାଚନ ଆଚରଣବିଧି ଓ ଆର୍ଥିକ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରାର୍ଥୀ ପିଛା ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୫ ହଜାର ଟଙ୍କା ଏବଂ ଫଳାଫଳ ଘୋଷଣାର ଦୁଇ ସପ୍ତାହ ମଧ୍ୟରେ ଖର୍ଚ୍ଚ ହିସାବ ଏସ୍‌ଆଇଏମ୍ଏସ୍ ପୋର୍ଟାଲରେ ଦାଖଲ କରିବାକୁ ହେବ। ଛାପା ପୋଷ୍ଟର, ଲାଉଡ ସ୍ପିକର, ଯାନବାହନ ବ୍ୟବହାର ନିଷେଧ। କେବଳ ହାତ ତିଆରି ପୋଷ୍ଟର ନିର୍ଦ୍ଧାରିତ ସ୍ଥାନରେ ଲଗାଇପାରିବେ। ଜାତି, ଧର୍ମ, ସାମ୍ପ୍ରଦାୟିକ ଭାବନାକୁ ଆଘାତ ଦେଉଥିବା ଭଳି ପ୍ରଚାର, ସୋସିଆଲ ମିଡିଆରେ ମିଥ୍ୟା ବା ଏଆଇ ଦ୍ୱାରା ପ୍ରସ୍ତୁତ କଣ୍ଟେଣ୍ଟ ପ୍ରଚାର କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭୋଟିଂ ବୁଥର ୧୦୦ ମିଟର ମଧ୍ୟରେ ପ୍ରଚାର ନିଷେଧ ଏବଂ ମତଦାନ ଦିନ ଖାଦ୍ୟ ବଣ୍ଟନ ସମ୍ପୂର୍ଣ୍ଣ ମନା ରହିଛି।

ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିର୍ବାଚନ ସମୟରେ ଅଣଛାତ୍ରଙ୍କୁ କ୍ୟାମ୍ପସ ଭିତରକୁ ପ୍ରବେଶ କରାଇ ଦିଆଯିବ ନାହିଁ। କଲେଜ ପ୍ରବେଶପଥରେ ପରିଚୟପତ୍ରର କଡ଼ା ଯାଞ୍ଚ କରାଯିବ। ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସିସିଟିଭି ସ୍ଥାପନ ଏବଂ ଫ୍ଲେକ୍ସ ବ୍ୟାନର ମାଧ୍ୟମରେ ସୂଚନା ପ୍ରସାରଣ କରାଯିବ। ପୁଲିସ ପାଟ୍ରୋଲିଂ ଅଧିକ ବୃଦ୍ଧି କରାଯିବ ଏବଂ ପ୍ରତ୍ୟେକ କଲେଜରେ ଗ୍ରିଭାନ୍ସ ରିଡ୍ରେସାଲ ସେଲ ଗଠନ କରାଯିବ। ମତଦାନ ପରେ ୪୮ ଘଣ୍ଟା ମଧ୍ୟରେ ପ୍ରାର୍ଥୀମାନେ କ୍ୟାମ୍ପସ ପରିଷ୍କାର ନ କଲେ ଜଣ ପିଛା ୧୫୦୦ ଟଙ୍କା ଜରିମାନା ହେବ ବୋଲି ସୂଚାଇ ଦିଆଯାଇଛି। ବୈଠକରେ ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ତହସିଲଦାର ଆକାଂକ୍ଷା ମହାପାତ୍ର, ଡେପୁଟି କଲେକ୍ଟର ସୌମ୍ୟାଶ୍ରୀ ପରିଡ଼ା, ଇଂ ବିଦ୍ୟୁସ୍ମିତା ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି, ମାଲ୍ୟଗିରି ମହାବିଦ୍ୟାଳୟ ଅଧକ୍ଷା ସନ୍ଧ୍ୟାରାଣୀ ପରିଡ଼ା, ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଅଧକ୍ଷ ବିଭାସ କୁମାର ମିଶ୍ର, ପାଲଲହଡ଼ା ଥାନା ଆଇଆଇସି ପ୍ରଦୀପ ମହାନ୍ତ ଏବଂ ଖମାର ଥାନା ଆଇଆଇସି ଅରୁଣ କୁମାର ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

ଚାମେଲି ମାମଲାରେ ଘନଘନ ଜେରା

# ଛନ୍ଦିହେଲେ ବିଧାୟକ-ପୁଲିସ-ପ୍ରଶାସନ

କେନ୍ଦ୍ରାପଡ଼ା,୭।୧୦(ସମିସ):

ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ ନେଇ ଚର୍ଚ୍ଚା ଥମିବାର ନାଁ ନେଇନାହିଁ। ଘଟଣାରେ ଜାତୀୟ ମାନବାଧିକାର କମିସନଙ୍କ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ତଦନ୍ତ ଯେତିକି ଆଗକୁ ବଢୁଛି, ସେତିକି ନୂଆ ନୂଆ ପ୍ରଶ୍ନ ସାମ୍ନାକୁ ଆସୁଛି। ଗତକାଲି ପୁଲିସ ଓ ବ୍ଲକ୍ ପ୍ରଶାସନର ଅଧିକାରୀଙ୍କୁ ପଚରାଉଚରା ପରେ ଆଜି ତଦନ୍ତର ପରିସର ଆହୁରି ବ୍ୟାପକ ହୋଇଛି। ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକଙ୍କୁ ସର୍କିଟ୍ ହାଉସ୍‌ରେ ସ୍ୱତନ୍ତ୍ର ତଦନ୍ତ ଦଳ ଘନଘନ ପଚରାଉଚରା କରିଥିବା ଜଣାପଡ଼ିଛି। ବିଧାୟକଙ୍କୁ ପଚରାଉଚରା ସମୟରେ ସର୍କିଟ୍ ହାଉସ୍ ବାହାରେ ଶତାଧିକ ସମର୍ଥକ ଓ କର୍ମୀଙ୍କ ଉପସ୍ଥିତି ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ତଦନ୍ତକାରୀ ଦଳ ବିଧାୟକଙ୍କୁ ଘଟଣାର ବିଭିନ୍ନ ପର୍ଯ୍ୟାୟ, ତାଙ୍କ ଭୂମିକା ଏବଂ ଘଟଣା ସମ୍ପର୍କିତ ତଥ୍ୟ ବାବଦରେ ପଚାରିଥିବା ସୂଚନା ମିଳିଛି। ତେବେ ଜେରାରେ କ'ଣ ପଚରାଗଲା ଏବଂ ବିଧାୟକ କ'ଣ ଉତ୍ତର ଦେଲେ, ସେ ସମ୍ପର୍କରେ ତଦନ୍ତକାରୀ ଦଳ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ସେହିପରି ମହାକାଳପଡ଼ା ଥାନାର ତତ୍କାଳୀନ ଥାନା ଅଧିକାରୀ ମାନସ ମଲ୍ଲିକ ଏବଂ ଏସ୍‌ଆଇ ତପସ୍ୱିନୀ ବିଶ୍ୱାଳଙ୍କୁ ମଧ୍ୟ ଆଜି ପୁଣିଥରେ ଘନଘନ ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ଗତକାଲି ମଧ୍ୟ ଥାନାର ଅଧିକାରୀଙ୍କ ବୟାନ ରେକର୍ଡ ହୋଇଥିଲା। ଏହା ସତ୍ତ୍ୱେ ଆଜି ପୁଣିଥରେ ସେମାନଙ୍କୁ ପଚରାଉଚରା କରାଯିବା ତଦନ୍ତରେ କିଛି ତଥ୍ୟର ପୁନଃ ଯାଞ୍ଚ ଚାଲିଥିବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

## ଛଅ ଡାକ୍ତରଙ୍କୁ ଜେରା, ଚିକିତ୍ସା ରିପୋର୍ଟ ଉପରେ ନଜର

ମାମଲାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଛି ଚିକିତ୍ସା ସମ୍ପର୍କିତ ତଥ୍ୟ। ଚାମେଲି ଓଝାଙ୍କୁ ଚିକିତ୍ସା କରିଥିବା ୬ ଜଣ ଡାକ୍ତରଙ୍କୁ ମଧ୍ୟ ତଦନ୍ତକାରୀ ଦଳ ପଚରାଉଚରା କରିଥିବା ଜଣାପଡ଼ିଛି। ଚାମେଲିଙ୍କ ଶାରୀରିକ ଅବସ୍ଥା, ଚିକିତ୍ସା ସମୟରେ ଥିବା ଆଘାତର ଚିହ୍ନ, ଚିକିତ୍ସା ପ୍ରକ୍ରିୟା ଏବଂ ମେଡିକାଲ୍ ରେକର୍ଡ ସମ୍ପର୍କରେ ତଦନ୍ତକାରୀ ଦଳ ତଥ୍ୟ ନେଇଥିବା କୁହାଯାଉଛି। ଏହି ଦିଗଟି ତଦନ୍ତରେ ବେଶ୍ ଗୁରୁତ୍ୱ ବହନ କରୁଛି। କାରଣ ଚାମେଲିଙ୍କ ପକ୍ଷରୁ ପୁଲିସ ଗାଡ଼ିରେ ତାଙ୍କୁ ମାଡ଼ ମରାଯାଇଥିବା ଓ ଶାରୀରିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗର ସତ୍ୟତା ଯାଞ୍ଚରେ ଚିକିତ୍ସା ସମ୍ପର୍କିତ ଦଲିଲ ଓ ଡାକ୍ତରଙ୍କ ବୟାନ ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

## ଚାମେଲି ଓ ବାପାଙ୍କୁ ପୁଣି ଜେରା

ଅନ୍ୟପକ୍ଷରେ ତଦନ୍ତକାରୀ ଦଳ ଆଜି ପୁଣିଥରେ ଅଭିଯୋଗକାରିଣୀ ଚାମେଲି ଓଝା ଏବଂ ତାଙ୍କ ବାପାଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି। ଗତକାଲି ମଧ୍ୟ ଚାମେଲି ଓ ତାଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ ହୋଇଥିଲା। ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ମଧ୍ୟ ଆଜି ପୁଣି ପଚରାଉଚରା କରାଯାଇଥିବା ସୂଚନା ମିଳିଛି। ଗୋଟିଏ ଘଟଣାକୁ ନେଇ ବିଧାୟକ, ପୁଲିସ ଅଧିକାରୀ, ବିଡିଓ, ଡାକ୍ତର ଓ ଅଭିଯୋଗକାରିଣୀଙ୍କୁ ପୃଥକ୍ ଭାବେ ପଚରାଉଚରା କରାଯିବାରୁ ତଦନ୍ତକାରୀ ଦଳ କେବଳ ଅଭିଯୋଗ ଶୁଣୁନାହିଁ, ବରଂ ଘଟଣା ସହ ଜଡ଼ିତ ପ୍ରତ୍ୟେକ ତଥ୍ୟ, ବ୍ୟକ୍ତି ଓ ଘଟଣାକ୍ରମକୁ ଯାଞ୍ଚ କରୁଛି।

● ଶୁଭଶ୍ରୀ ମୃତ୍ୟୁ ଘଟଣା

# ଆଜି ହଂସୁଆରେ ପୁଣି ଖୋଜିଲା ଅଗ୍ନିଶମ ବାହିନୀ

ରାଜନଗର,୭।୧୦(ସମିସ): ରାଜନଗର ଥାନା ରାଜପୁର ଗାଁର ସୁବାସ ଦାସଙ୍କ ଝିଅ ଶୁଭଶ୍ରୀ ଦାସ (୨୦) ନିଖୋଜ ହେବାର ୧୩ ଦିନ ବିତିଗଲାଣି। ପରିବାର ଲୋକେ ଶୁଭଶ୍ରୀର ମୃତ ଦେହ ପାଇଥିବାରୁ ତାଙ୍କୁ ଶୁଦ୍ଧି ମଧ୍ୟ ହୋଇ ସାରିଛନ୍ତି। କିନ୍ତୁ ପୁଲିସ ଶୁଭଶ୍ରୀର ଜେଜେଙ୍କ ଏତଲା ଆଧାରରେ ନିଖୋଜ ମାମଲା ରୁଜୁ କରିଛି। ସମସ୍ତଙ୍କ ନଜର ହଟାଇବା ପାଇଁ ପୁଲିସ ଶୁଭଶ୍ରୀ ନିଖୋଜର ୧୩ ଦିନ ପରେ ଆଜି ପୁଣି ହଂସୁଆ ନଦୀରେ ମୃତଦେହ ଖୋଜିଛି। ଆବଶ୍ୟକୀୟ ସରଞ୍ଜାମ ନଥିବା ଅଗ୍ନିଶମ ବାହିନୀ ଦ୍ୱାରା ଆଜି ହଂସୁଆ ନଦୀରେ ଶୁଭଶ୍ରୀର ମୃତ ଦେହ ଖୋଜିବାର ପ୍ରୟାସ କରିଛି। ପୁଲିସ ଯେଉଁ ମେଥଡରେ ଶୁଭଶ୍ରୀର ମୃତ ଦେହ ଖୋଜୁଛି ତାର ମୃତ ଦେହ ମିଳିବ ତ ଏଭଳି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରିଛି। ରାଜନଗର ହଂସୁଆ ନଦୀ ଗଭୀର ଓ ପ୍ରଖର ସ୍ରୋତ ରହିଛି। ଶୁଭଶ୍ରୀର ମୃତ ଦେହ ଗରଜାନପୁର ନିକଟରେ ମିଳିବା ପରେ ସେଠାରେ ଥିବା ମତ୍ସ୍ୟଜୀବୀ ଦଉଡିରେ ବାନ୍ଧି ରଖିଥିଲେ। ଗର୍ଜନପୁରର ବାବୁଲି ଶୁଭଶ୍ରୀର ପରିବାର ଲୋକଙ୍କୁ ଖବର ଦେବା ପରେ ରାଜପୁର ଗାଁର ପ୍ରକାଶ କୁମାର ରାଉତ ବୋଟରେ ଶୁଭଶ୍ରୀର ପରିବାର ଲୋକଙ୍କୁ ସେଠାକୁ ନେଇକରି ଆସିଥିଲେ। ସ୍ଥାନୀୟ ଲୋକଙ୍କ ସୂଚନା ଓ ବୋଟ ଡ୍ରାଇଭର ପ୍ରକାଶଙ୍କ ସୂଚନା ମୁତବକ ସେଠାରେ ମୃତ ଦେହକୁ ଅଖାରେ ପୂରାଇ ବାନ୍ଧିଥିଲେ। ଅଖାକୁ ୩ଟି ବଡ ବଡ ପଥରରେ ବାନ୍ଧିଥିଲେ। ଏହାପରେ ମୃତଦେହକୁ ହଂସୁଆ ନଦୀରେ ପକାଇ ଦେଇଥିଲେ। ଗଣମାଧ୍ୟମର ତନାଘନା ପରେ ପୋଲିସ ୮ ଜଣଙ୍କୁ ଉଠାଇ ଆଣିଥିଲା। ଏହାପରେ ଜେଜେଙ୍କ ଏତଲା ଆଧାରରେ ନିଖୋଜ ମାମଲା ରୁଜୁ କରି ସେମାନଙ୍କୁ ଛାଡି ଦେଇଥିଲା।

# ମାଛଚାଷ ସମ୍ପର୍କିତ ବୈଜ୍ଞାନିକ-କୃଷକ ଆଲୋଚନାଚକ୍ର

ରାଜକନିକା ୭।୧୦(ସମିସ): ଆଜି ପୂର୍ବାହ୍ନରେ ରାଜକନିକା ବ୍ଲକ ସ୍ତରୀୟ ଜଳକୃଷିରେ ଅଣୁଜୀବ ନାଶକର ନ୍ୟାୟିକ ବ୍ୟବହାର, ବୈଜ୍ଞାନିକ କୃଷକ ଆଲୋଚନା ଚକ୍ର ସହ ସଚେତନତା କର୍ମଶାଳା ଅନିଷ୍ଠିତ ହୋଇ ବ୍ଲକର ଶତାଧିକ ମତ୍ସ୍ୟଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।କେନ୍ଦ୍ରୀୟ ମଧୁର ଜଳ ମାଛଚାଷ ସଂସ୍ଥା (ସିଫା) ର ଆହ୍ୱାନରେ ଖରସ୍ରୋତା କୃଷକ ଉତ୍ପାଦକ କମ୍ପାନୀ ଲିଃ ପରିଚାଳନାରେ କାଳିକାପୁରଆ କାଳିକେଇ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହିଙ୍କର୍ମଶାଳାରେ ଭୁବନେଶ୍ୱର କୌଶଲ୍ୟାଗଙ୍ଗ ବିଜ୍ଞାନ କେନ୍ଦ୍ର ମତ୍ସ୍ୟ ବୈଜ୍ଞାନିକ ପ୍ରିୟବ୍ରତ ସ୍ୱାଇଁ, ସତ୍ୟନାରାୟଣ ସାହୁ ମାଛ ଚାଷରେ ଆଣ୍ଟିବାଓଟିକର ସଠିକ ମାତ୍ରାରେ ବ୍ୟବହାର, ପୋଖରୀରେ କବକ ବୃଦ୍ଧି, ଶିଉଳି ପରିଚାଳନା ମାଛ ମାନଙ୍କ ବୃଦ୍ଧି ନେଇ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। କର୍ମଶାଳାକୁସ ସମାଜସେବୀ ମଙ୍ଗୁଳି ଚରଣ ବେହେରା ସଂଯୋଜନା କରିଥିବା ବେଳେ ଶିବିରର ଅନ୍ୟତମ ଅତିଥି ଭାବେ ଡ଼ଃ ସଞ୍ଜୟ ବେହୁରା ଯୋଗ ଦେଇ ଉପକୂଳ ଓଡ଼ିଶାର ମାଛର ଚାହିଦା ଅନୁଯାୟୀ ଉତ୍ପାଦନ ବ?ାଇବାକୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଡଙ୍କାରୀ କୃଷିକନ୍ୟା ଫାର୍ମର ସୁଲୋଚନା ଦାସ, ସିକୋର ସଫଳ ମହିଳାଚାଷୀ ତିଳୋତ୍ତମା ସ୍ୱାଇଁ ଦମ୍ପତିଙ୍କୁ ସ୍ୱତନ୍ତ୍ର ପୁରସ୍କାର ସହ ବରୁଣାର ମହିଳା ଚାଷୀ ସନ୍ଧ୍ୟାରାଣୀ ବେହେରା, ମଧୁସ୍ମିତା ବେହେରା ଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଜାଆଁଳ ଉତ୍ପାଦନ ପାଇଁ ବଡ଼ାଗର ଚାଷୀ ମାନସ ନାୟକ, ବିଶ୍?ନାଥପୁର ର ସଫଳ ମାଛ ଚାଷୀ ବିକାଶ ରାଉତ, ଖୁଲାରୀର ଚାଷୀ ବୈକୁଣ୍ଠ ନାୟକ, ମଧୁପଡାର ସମରେନ୍ଦ୍ର ପଣ୍ଡା, ଭରତ ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁକାନ୍ତ ଦାଶ, ସଞ୍ଜୟ ବିଶ୍ୱାଳ, ପାର୍ଥ ସାରଥୀ ପଣ୍ଡା, ସିଇଓ ଶରତ କୁମାର ଦାଶ, ସୌଦାମିନୀ ମହାନ୍ତି, ନିରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# କେରଳରୁ ଫେରି ଗାଁରେ ପ୍ରାଣ ହରାଇଲେ ଦିବ୍ୟାଙ୍ଗ ଯୁବକ

ରାଜନଗର,୭।୧୦(ସମିସ): ଗତକାଲି ସକାଳେ କେରଳରୁ ଗାଁକୁ ଫେରିଥିଲେ ଯୁବକ। ୨୪ ଘଣ୍ଟା ହୋଇନି ଆଜି ମୃତ୍ୟୁବରଣ କରିଛନ୍ତି ଦିବ୍ୟାଙ୍ଗ ଯୁବକ। ଏହି ଘଟଣା ଡାଙ୍ଗମାଳ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଡାଙ୍ଗମାଳ ଗାଁର ତ୍ରୈଲୋକ୍ୟ ବେହେରାଙ୍କ ପୁଅ ଆଲୋକ ବେହେରା (୨୭) କେରଳରେ ପ୍ଲାଏଉଡ୍ କାରଖାନାରେ କାମ କରୁଥିଲେ। ଆଲୋକ ଦିବ୍ୟାଙ୍ଗ ହୋଇଥିଲେ ବି ଦୀର୍ଘ ୬ ବର୍ଷ ହେଲା କେରଳରେ କାମ କରୁଥିଲେ। ୧୫ ଦିନ ହେଲା ଆଲୋକଙ୍କୁ ଜ୍ୱର ଛାଡୁନଥିଲା। କମ୍ପାନୀ ମ୍ୟାନେଜର ଆଲୋକଙ୍କୁ ଛୁଟି ଦେଉନଥିଲେ। ଦେହ ଅଧିକ ଖରାପ ହେବାରୁ ଆଲୋକ ଶେଷରେ ଗାଁକୁ ଆସିଥିଲେ। ଗତକାଲି ସକାଳ ୧୦ ଟା ବେଳେ ଗାଁରେ ପହଞ୍ଚିଥିଲେ। ଆଜି କଟକ ମେଡିକାଲକୁ ଚିକିତ୍ସିତ ହେବାକୁ ଯାଇଥାନ୍ତେ। ମାତ୍ର ଭୋରୁ ଅଧିକ ଅସୁସ୍ଥ ହୋଇପଡ଼ିଥିଲା। ତାଙ୍କୁ ଆମ୍ବୁଲାନ୍ସରେ ନେବା ପାଇଁ ବ୍ୟବସ୍ଥା କରାଯାଇଥିବାବେଳେ ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ଆଲୋକଙ୍କ ମୃତ୍ୟୁ ହୋଇଯାଇଥିଲା।

# ପ୍ରତିଭା ସମ୍ମାନ ପରିଷଦ ଓ ବଡ଼ପଡ଼ା କଲେଜ ପକ୍ଷରୁ ସମ୍ବର୍ଦ୍ଧନା ସଭା



ପଟ୍ଟାମୁଣ୍ଡାଇ,୭।୧୦(ସମିସ): ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ପ୍ରତିଭା ସମ୍ମାନ ପରିଷଦ ଏବଂ ବଡ଼ପଡା କଲେଜ ଆନୁକୂଲ୍ୟରେ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା ବଡ଼ପଡା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି।ପରିଷଦର ସଭାପତି ବରିଷ୍ଠ ସାହିତ୍ୟିକ ଡ. ନୀଳମଣି ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ, ରାଜକନିକା ର ଅଧ୍ୟାପିକା ତଥା ଗବେଷିକା ଡ. ଚିତ୍ରକାନ୍ତି ସେଠୀ ଯୋଗ ଦେଇ ସମାଜର ଅବହେଳିତ ମଣିଷ ପାଇଁ କଲମ ଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ।ମୁଖ୍ୟ ବକ୍ତା ଭାବରେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଶ୍ରୀକାନ୍ତ ଦାସ ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ଅମରେନ୍ଦ୍ର ପତି ବୀରେନ୍ଦ୍ର କୁମାର ସାହୁ, ମନ୍ମଥ କୁମାର ପାତ୍ର, ଶରତ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ଦାସ, ପଞ୍ଚାନନ ମଲ୍ଲିକ, ଡ. ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।ବଡ଼ପଡା ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ଆଚାର୍ଯ୍ୟ, ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ପୁଷ୍ପଲତା ପୃଷ୍ଟି, ପୁଷ୍ପଲତା ପଣ୍ଡାଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୨୦ ଜଣଙ୍କୁ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।ନାରାୟଣ ସ୍ୱାଇଁ ବ୍ରଜକିଶୋର ଚୌଧୁରୀ , ଗୌରାଙ୍ଗ ମଲ୍ଲିକ, ନାରାୟଣ ପାଢ଼ୀ ଏବଂ ଦିବଂଗତ ସଂଜୀବ କୁମାର ଚକ୍ରବର୍ତ୍ତୀ, ସୁରେନ୍ଦ୍ର କୁମାର ପଣ୍ଡା, ସତ୍ୟବ୍ରତ ମିଶ୍ର, ଆଦିକନ୍ଦ ସାହାଣୀ, ପ୍ରବୀର କୁମାର ଦାସ ପ୍ରମୁଖଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ମନୋରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ଓ କର୍ମଚାରୀ ସଭାରେ ସହଯୋଗ କରିଥିଲେ।

# ମହିଳାଙ୍କୁ ଆକ୍ରମଣ କରି ସର୍ବସ୍ୱ ଲୁଟିନେଲେ ଦୁର୍ବୃତ୍ତ

ଡେରାବିଶ,୭।୧୦(ସମିସ): କେନ୍ଦ୍ରାପଡ଼ା ସଦରଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଶ୍ରୀଧରପୁର ଗ୍ରାମର ପରିକ୍ଷିତ ବେହେରାଙ୍କ ଘରୁ ଲୁଟେରାମାନେ ରାତିର ପ୍ରଥମ ପ୍ରହରରେ ଲୁଟିନେଇଥିବା ଭଳି ଅଘଟଣ ଗତକାଲି ଘଟିଯାଇଛି। ଏ ସମ୍ପର୍କରେ ଶ୍ରୀ ବେହେରା କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗତକାଲି ରାତି ୮ ଘଟିକା ସମୟରେ ପରିକ୍ଷିତଙ୍କ ପତ୍ନୀ ଏକାକୀ ଘରେ ଟିଭି ଦେଖୁଥିଲେ। ଏହି ସମୟରେ ଦୁଇଟି ମୋଟର ସାଇକେଲ୍‌ରେ ୪ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ପିନ୍ଧି ଘର ଭିତରକୁ ପଶି ପରିକ୍ଷିତଙ୍କ ପତ୍ନୀଙ୍କ ହାତଗୋଡ଼ ବାନ୍ଧି ମୁହଁରେ ସେଲୋଟେପ୍ ଲଗାଇବା ସହ ମରଣାନ୍ତକ ମାଡ଼ ମାରିଥିଲେ। ପରେ ଘରେ ଥିବା ଗଡ଼ରେଜ୍‌କୁ ଭାଙ୍ଗି ସେଥିରେ ଥିବା ସମସ୍ତ ସୁନା, ରୁପା ଗହଣା, ଟଙ୍କା, ବ୍ୟାଙ୍କ ପାସ୍‌ବୁକ୍ ନେଇ ଚାଲିଯାଇଥିଲେ। ପରିକ୍ଷିତ ଘରକୁ ଆସି ପତ୍ନୀର ଏ ଅବସ୍ଥା ଦେଖି ବଡ଼ପାଟିରେ ଡାକିବାରୁ ପଡ଼ୋଶୀମାନେ ପହଞ୍ଚିଯାଇଥିଲେ। ହେଲେ ଲୁଟେରାମାନେ ସେତେବେଳକୁ ପଳାଇଯାଇଥିଲେ। ତେବେ ଶ୍ରୀ ବେହେରା ଏହି ଚୋରି ସମ୍ପର୍କରେ ଗତକାଲି ବିଳମ୍ବିତ ରାତିରେ କେନ୍ଦ୍ରାପଡ଼ା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦୁର୍ବୃତ୍ତମାନେ ତାଙ୍କ ପତ୍ନୀଙ୍କୁ ବାନ୍ଧି ମରଣାନ୍ତକ ଆକ୍ରମଣ କରିବା ସହ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା, ରୁପା ଗହଣା ଚୋରି କରିନେଇଥିବା ନେଇ ଦର୍ଶାଇଛନ୍ତି। ଅଭିଯୋଗ ପାଇ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

# ଗଛଲତାରେ ଲୁଚିଗଲାଣି ଟ୍ରାନ୍ସଫର୍ମର

ପଞ୍ଚୁପାଣ୍ଡବ,୭।୧୦(ସମିସ):ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ନିକଟରେ ଥିବା ଟ୍ରାସଫର୍ମର୍ ଚାରିପଟେ ଜଙ୍ଗଲ ହୋଇ ଅଧା ଲୁଚାଇବାକୁ ବସିଲାଣି। ଫଳରେ ଗୋସମ୍ପଦ ପ୍ରତି ବିପଦ ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି।ଏହି ଟ୍ରାସ ଫମ୍ର୍ ନିକଟରେ ଦୁଇଟି ଦୋକାନ ଥିବା ବେଳେ ନିକଟରେ କେତେକ ଘର ଥିବା ଦେଖିବାକୁ ମିଳୁଛି।ଛତା ବିଦ୍ୟୁତ୍ ସେକ୍ସନ ଅଧିନରେ ଥିବା ଏହି ଟ୍ରାସଫମ୍ର୍ ଟି ଦୀର୍ଘ ଦିନ ହେଲା ଜଙ୍ଗଲ ସଫା ନ ହେବାରୁ ବିଦ୍ୟୁତ୍ ର ସମସ୍ୟା ହେଉଥିବା ବେଳେ ଛତା ସେକ୍ସନ ବିଭାଗର ବିଦ୍ୟୁତ୍ ବାରମ୍ବାର କଟୁଥିବା ଅଭିଯୋଗ ହେଉଛି।



# ଛାତ୍ର ସଂସଦ ନିର୍ବାଚନ ପାଇଁ ଡେରାବିଶ ଚଳଚଞ୍ଚଳ

ଡେରାବିଶ,୭।୧୦(ସମିସ): ଦୀର୍ଘ ୯ ବର୍ଷ ପରେ କଲେଜମାନଙ୍କରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯିବା ପରେ ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ଓ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ଏ ନେଇ ଉଭୟ ମହାବିଦ୍ୟାଳୟରେ ଆଜି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ ଚଳିତ ମାସ ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ, ୧୦ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାର ଓ ଚୁଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ, ୧୪ ତାରିଖରେ ମୁଁ କାହିଁକି ପ୍ରାର୍ଥୀ ହେଲି ଏବଂ ୧୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# ସଂସ୍କୃତ ମହାବିଦ୍ୟାଳୟରେ 'ସଂସ୍କୃତ ସମ୍ଭାଷଣ ଶିବିର'




ରାଜନଗର,୭।୧୦(ସମିସ): ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡା ଘନଶ୍ୟାମ ମିଶ୍ରଙ୍କ ପୌରହିତ୍ୟରେ ଆନୁଷ୍ଠାନିକ ଭାବେ ଦଶ ଦିନାତ୍ମକ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଘାଟନ ହୋଇଯାଇଛି। ଏହି ଶିବିର ଆସନ୍ତା ୧୫ ତାରିଖ ଯାଏ ଚାଲିବ। ଲୋକାଭାଷା ପ୍ରଚାର ସମିତି ପକ୍ଷରୁ ଶିକ୍ଷକ କାଁହୁ ଚରଣ ପ୍ରଧାନ ଶିବିର ଆଭିମୁଖ୍ୟ କହିଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ସଂସ୍କୃତ ଭାଷାର ଗୁରୁତ୍ୱ ବିଷୟରେ କହିବା ଏବଂ ଆଦର ସହକାରେ ଅଧ୍ୟୟନ କରି ସଂସ୍କୃତରେ ବାର୍ତ୍ତାଳାପ କରିବାକୁ ପରାମର୍ଶ ଦେଇଥିଲେ କ୍ଷ ଅନୁଷ୍ଠାର ଇଂରାଜୀ ଅଧ୍ୟାପକ ନିହାର ରଞ୍ଜନ ପରିଡା ଆନ୍ତରିକତା ସହିତ ଅଧ୍ୟୟନ କଲେ ବିଦ୍ୟା ସହଜ ହେବ ବୋଲି କହିବା ସହିତ ଇତିହାସ ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ହିବ୍ରୁ ମାନଙ୍କ ଭଳି ଅଧ୍ୟୟନ ଅଧ୍ୟାପନା ଦ୍ୱାରା ସଂସ୍କୃତ ଭାଷା ଭବନ ଭାଷା ହୋଇପାରିବ ବୋଲି କହିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପିକା ତନୁଶ୍ରୀ ମିଶ୍ର। ଏହି ଶିବିରରେ ୩୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

# ଆସୁଛନ୍ତି ମା', ଚଳଚଞ୍ଚଳ ପଟ୍ଟାମୁଣ୍ଡାଇ

ପଟ୍ଟାମୁଣ୍ଡାଇ,୭।୧୦(ସମିସ): ଶାରଦୀୟ ଦୁର୍ଗା ପୂଜା ପାଇଁ ଏବେ ଚଳଚଞ୍ଚଳ ହେଲାଣି ପଟ୍ଟାମୁଣ୍ଡାଇ ଅଞ୍ଚଳ। ଦିନ କେଇଟା ପରେ ଧରାପୃଷ୍ଠକୁ ଓହ୍ଲାଇବେ ମା' ଦୁର୍ଗତିନାଶିନୀ। ମା'ଙ୍କ ଆଗମନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ଦୁର୍ଗା ପୂଜା ଉତ୍ସବରେ ୨୬ଟି ମେଢ଼ ସ୍ଥାନ ପାଇବାକୁ ଯାଉଛି ଓ ବିଭିନ୍ନ କୁଶଳୀ କାରିଗରମାନେ ବିଭିନ୍ନ ଦେବାଦେବୀ ମୂର୍ତ୍ତି ଗଢ଼ିବାରେ ଲାଗି ପଡ଼ିଛନ୍ତି। ପୂଜା ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଉଛି। ବହୁ ପୁରାତନ ପଟ୍ଟାମୁଣ୍ଡାଇ ଦୁର୍ଗା ପୂଜା ଉତ୍ସବକୁ ଆନନ୍ଦ ଉଲ୍ଲାସର ସହତ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ପୂଜା ସମୟରେ ସହର ଟ୍ରାଫିକ ସମସ୍ୟା ନିଶା କାରବାର, ଅପମିଶ୍ରିତ ଖାଦ୍ୟ ବିକ୍ରି, ଉଜ୍ଜଳ ଆଲୋକ, ପରିମଳ ସର୍ବୋପରି ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ବିଭିନ୍ନ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଗତ ୧ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲ ଠାରେ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବିଭିନ୍ନ ମେଢ଼ କମିଟି ଓ ବଣିକ ସଂଘର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଶୃଙ୍ଖଳିତ ପୂଜା ନେଇ ଗୁରତ୍ୱ ଦିଆଯାଇଥିଲା।

# ଓଡ଼ିଶା ବନ୍ଦ ପାଇଁ ଡେରାବିଶ ବ୍ଲକ୍ କଂଗ୍ରେସର ତତ୍ପରତା

ଡେରାବିଶ,୭।୧୦(ସମିସ): ଇଣ୍ଡିଆ ବ୍ଲକର ଆହ୍ୱାନକ୍ରମେ ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟ ୬ଟା ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ଦୋକାନବଜାର ଓ ଗାଡ଼ି ଚଳାଚଳ ଠପ ରହିବ। ପ୍ରଦେଶ କଂଗେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଏହି ବନ୍ଦକୁ ସଫଳ କରିବା ପାଇଁ ଏବଂ ବନ୍ଦ କାର୍ଯ୍ୟକ୍ରମରେ ଯୁବ, ଛାତ୍ର, ମହିଳା ଓ ଜନସାଧାରଣଙ୍କୁ ଅଧିକସଂଖ୍ୟାରେ ସାମିଲ ହେବା ପାଇଁ ପାଟକୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ତଥା ରାଜ୍ୟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଡଃ ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ସମଗ୍ର ନିର୍ବାଚନ ମଣ୍ଡଳୀରେ ବଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏ ନେଇ ନିର୍ବାଚନ ମଣ୍ଡଳୀ ଡେରାବିଶ ବ୍ଲକ କଂଗ୍ରେସ ପକ୍ଷରୁ ଏହି ବନ୍ଦ ପାଳନକୁ ସଫଳ ପାଇଁ ବ୍ଲକ କଂଗ୍ରେସ ସଭାପତି ରାଜୀବ ଲୋଚନ ମିଶ୍ରଙ୍କ ନେତୃତ୍ୱରେ କାଉପଡ଼ା ପଞ୍ଚାୟତରେ ମଙ୍ଗଳବାର ସନ୍ଧ୍ୟାରେ ଦଳୀୟ କର୍ମୀ ଓ ଶୁଭେଚ୍ଛୁମାନଙ୍କ ସମାବେଶ କରାଯାଇଥିଲା। ଏହି ଉପଲକ୍ଷେ ଯୁବନେତା ତରୁଣକାନ୍ତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରଥମେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପଞ୍ଚାୟତ ବିଭିନ୍ନ ଗ୍ରାମରେ ପଦଯାତ୍ରା କରାଯାଇ ବିଜେପି ସରକାର ବିରୋଧରେ ନାରାବାଜି କରିବା ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଗୁରୁବାର ସମଗ୍ର ରାଜ୍ୟରେ ହେବାକୁଥିବା ଓଡ଼ିଶା ବନ୍ଦ ଡେରାବିଶ ବ୍ଲକରେ କିଭଳି ସଫଳ କରାଯିବ ସେ ନେଇ ବ୍ଲକ ସଭାପତି ଶ୍ରୀ ମିଶ୍ର କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଉମେଶ ତ୍ରିପାଠୀ, ଜିଲ୍ଲା କୃଷକ କଂଗ୍ରେସର ଆବାହକ ଜୟଦେବ ପରିଡ଼ା, ଅଶୋକ କୁମାର ଜେନାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। କଂଗ୍ରେସ ଦଳପକ୍ଷରୁ ଏମଏମ୍‌ଡିଆର ଆଇନ ରଦ୍ଦ, ଏସ୍‌ଆଇଆରରେ ତ୍ରୁଟିପୂର୍ଣ୍ଣ ଭୋଟର ତାଲିକା ପ୍ରକାଶନ ପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା, ଦରଦାମ୍ ବୃଦ୍ଧି, ବନ୍ୟା ବିପନ୍ନଙ୍କୁ ସହାୟତା ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରମୁଖ ଦାବି ଗୁଡ଼ିକ ଜନସାଧାରଣଙ୍କ ନିକଟରେ ପହଂଚାଇବା, ପାଠ୍ୟପୁସ୍ତକ ପ୍ରକାଶନରେ ତ୍ରୁଟି ଯୋଗୁ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଇତ୍ୟାଦି ଦାବିକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଥିବା ବ୍ଲକ କଂଗ୍ରେସ ସଭାପତି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।



# ବରିଷ୍ଠ ନାଗରିକ ସଂଘର ପ୍ରଥମ ସ୍ୱନକ୍ଷତ୍ର



ଡେରାବିଶ,୭।୧୦(ସମିସ): ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ପଲେଇ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ପଞ୍ଚେଶ୍ୱର ବରିଷ୍ଠ ନାଗରିକ ସଂଘର ପ୍ରଥମ ସ୍ୱନକ୍ଷତ୍ର ପାଳିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ତଥା କୋଷାଧ୍ୟକ୍ଷ ଭରତ ଚନ୍ଦ୍ର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି ସ୍ୱନକ୍ଷତ୍ର ଉତ୍ସବରେ କାର୍ଯ୍ୟନିର୍ବାହୀ ସଦସ୍ୟ ସାରଦା ପ୍ରସାଦ ନାଥ ସଭାପତିତ୍ୱ କରିଥିଲେ। ବୈଠକ ଆରମ୍ଭରେ ସଂଘ ସରକାରୀ ଭାବେ ପଞ୍ଜିକୃତ ହୋଇଥିବା ସୂଚନା ପ୍ରଦାନ କରାଯିବା ସହ ଏହି କାର୍ଯ୍ୟ ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଉପସ୍ଥିତ ବରିଷ୍ଠ ସଦସ୍ୟମାନେ କୃତଜ୍ଞତା ଜଣାଇଥିଲେ। ବୈଠକରେ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସଂଘର ବରିଷ୍ଠ ସଦସ୍ୟ ଧୀରେନ ଶର୍ମା, ଅଭିମନ୍ୟୁ ସାମଲ, ବିଜୟ କୁମାର ସାମଲ, ଉମାକାନ୍ତ ପରିଡ଼ା ପ୍ରମୁଖ ଆଲୋଚନା କରିଥିଲେ। ବୈଠକରେ ସଂଘର ସଦସ୍ୟମାନଙ୍କୁ ପରିଚୟ ପତ୍ର ପ୍ରଦାନ, ବରିଷ୍ଠ ସଦସ୍ୟଙ୍କୁ ଶ୍ରୀଜଗନ୍ନାଥ ଦର୍ଶନ ସୁବିଧା, ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ରବୀନ୍ଦ୍ର କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲାସ ଚାଲୁଥିବା ବେଳେ ଅଧ୍ୟାପିକାଙ୍କୁ ଗାଳିଗୁଲଜ ଅଭିଯୋଗ

କେନ୍ଦ୍ରାପଡ଼ା,୭।୧୦(ସମିସ):

ଶ୍ରେଣୀଗୃହରେ ପାଠପଢ଼ା ଚାଲିଥିବା ବେଳେ ଜଣେ ଅଧ୍ୟାପିକାଙ୍କୁ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଏବଂ ପରେ ଷ୍ଟାଫ୍ ରୁମ୍‌ରେ ମଧ୍ୟ ଅନ୍ୟ କର୍ମଚାରୀଙ୍କ ସମ୍ମୁଖରେ ଗାଳିଗୁଲଜ କରାଯାଇଥିବା ନେଇ ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାଲିଆ ମହିଳା ମହାବିଦ୍ୟାଳୟରେ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ମହାବିଦ୍ୟାଳୟର ସମାଜବିଜ୍ଞାନ ଅଧ୍ୟାପିକା ମିନାକ୍ଷୀ ଲେଙ୍କା ଏନେଇ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଶ୍ରେଣୀଗୃହରେ ଛାତ୍ରୀଙ୍କୁ ପାଠ ପଢ଼ାଉଥିବା ସମୟରେ ଜଣେ ଛାତ୍ରୀଙ୍କ ଅଭିଭାବକ କଲେଜ ଭିତରକୁ ପ୍ରବେଶ କରିଥିଲେ। ପରେ ଛାତ୍ରୀମାନଙ୍କ ସମ୍ମୁଖରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। କେବଳ ଶ୍ରେଣୀଗୃହ ନୁହେଁ, ପରବର୍ତ୍ତୀ ସମୟରେ ଷ୍ଟାଫ୍ ରୁମ୍‌ରେ ମଧ୍ୟ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଉପସ୍ଥିତିରେ ତାଙ୍କୁ ଗାଳିଗୁଲଜ କରାଯାଇଥିବା ଅଧ୍ୟାପିକା ଅଭିଯୋଗ କରିଛନ୍ତି। ଏଭଳି ଘଟଣାରେ ସେ ଛାତ୍ରୀ ଓ ସହକର୍ମୀଙ୍କ ସମ୍ମୁଖରେ ଅପମାନିତ ହୋଇଥିବା ଏବଂ ନିଜକୁ ଅସୁରକ୍ଷିତ ମଣୁଥିବା କହିଛନ୍ତି । ଘଟଣାଟି କଲେଜ ପରିସରରେ ଲାଗିଥିବା ସିସିଟିଭିରେ ରେକର୍ଡ ହୋଇଥିବା ଅଭିଯୋଗକାରିଣୀ ଅଧ୍ୟାପିକା କହିଛନ୍ତି। ଘଟଣା ସମ୍ପର୍କରେ ସେ କଲେଜ ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଇଥିବା ସତ୍ତ୍ୱେ ଏଯାଏଁ ତାଙ୍କୁ ନ୍ୟାୟ ମିଳିନଥିବା ସେ ଅଭିଯୋଗ କରିଛନ୍ତି। କଲେଜକୁ ଯିବାଆସିବା ସମୟରେ ନିଜ ସୁରକ୍ଷାକୁ ନେଇ ମଧ୍ୟ ସେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଘଟଣାକୁ ନେଇ କଲେଜ ଅଧ୍ୟକ୍ଷା ପଦ୍ମାଳୟା ଦାଶ କହିଛନ୍ତି ଯେ, ଉଭୟ ପକ୍ଷରୁ ତାଙ୍କ ନିକଟରେ ଲିଖିତ ଅଭିଯୋଗ ଆସିଛି। ଅଭିଯୋଗ ପାଇବା ପରେ ଷ୍ଟାଫ୍ ବୈଠକ ଡାକି ଘଟଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବୈଠକରେ ମଧ୍ୟ ଏହି ପ୍ରସଙ୍ଗ ଆଲୋଚନା ହୋଇଛି। ତେବେ ଅଭିଯୋଗକାରିଣୀ ଅଧ୍ୟାପିକା ତଦନ୍ତ ପ୍ରକ୍ରିୟାରେ ସହଯୋଗ କରୁନଥିବା ଅଧ୍ୟକ୍ଷା କହିଛନ୍ତି। ଏ ନେଇ ସଦର ଥାନାରେ ମଧ୍ୟ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ତେବେ ଶିକ୍ଷାନୁଷ୍ଠାନ ପରିସରରେ ଶିକ୍ଷକ-ଅଧ୍ୟାପକଙ୍କ ପ୍ରତି ଏଭଳି ବ୍ୟବହାର ନେଇ ଉଠିଥିବା ଅଭିଯୋଗ ଘଟଣାର ନିରପେକ୍ଷ ତଦନ୍ତ ଏବଂ ସିସିଟିଭି ଫୁଟେଜ୍ ଯାଞ୍ଚର ଆବଶ୍ୟକତାକୁ ନେଇ ଚର୍ଚ୍ଚା ସୃଷ୍ଟି କରିଛି।



ସକାଳ
THE SAKALA

# ସମ୍ପାଦକୀୟ



କ୍ଷଣିକ ନିରାପତ୍ତା ପାଇଁ ଯେଉଁମାନେ ବ୍ୟକ୍ତି ସ୍ୱାଧୀନତାକୁ ଉତ୍ସର୍ଗ କରନ୍ତି, ସେମାନେ ସ୍ୱାଧୀନତା ଓ ନିରାପତ୍ତା ମଧ୍ୟରୁ କୌଣସିଟିକୁ ନ୍ୟାୟ ଦେଇପାରନ୍ତି ନାହିଁ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ବଢ଼ିଲା ସୁଧ ହାର

ପ୍ରାୟ ଦୁଇବର୍ଷ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ରିପୋ ରେଟ୍ ବା ସୁଧ ହାରରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆରବିଆଇର ମୁଦ୍ରାନୀତି କମିଟି ଉପରୋକ୍ତ ନିଷ୍ପତ୍ତି ନେଇଥିଲେ ହେଁ ଏହାର ପରୋକ୍ଷ ଓ ଚକ୍ରିକ ପ୍ରଭାବରେ ନିବେଶ ସଂକୁଚିତ ହୋଇ ଅଭିବୃଦ୍ଧି ବ୍ୟାହତ ଏବଂ ନିଯୁକ୍ତି ବଜାର ସଂକୁଚିତ ହେବାର ଆଶଙ୍କା ଦେଖାଦେଇଛି। ମୁଦ୍ରାନୀତିର ପ୍ରତ୍ୟକ୍ଷ ପ୍ରଭାବ ଋଣଗ୍ରହୀତାଙ୍କ ଉପରେ ପଡ଼ିବ ଏବଂ ଗୃହ, ଗାଡ଼ି ଓ ଅନ୍ୟାନ୍ୟ ଋଣ ଉପରେ ସୁଧ ଅଧିକ ହେବ।

ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏବଂ ଅଭିବୃଦ୍ଧି ହାର ମଧ୍ୟରେ ସମତୁଲତା ରକ୍ଷା କରିବା ପାଇଁ ଆରବିଆଇ ସୁଧ ହାରରେ ହ୍ରାସ/ବୃଦ୍ଧି କରେ। ମୁଦ୍ରାସ୍ଫୀତି ବଢ଼ିଲେ ସୁଧ ହାର ବୃଦ୍ଧି କରି ବଜାରକୁ ଅର୍ଥ ପ୍ରବାହ ଉପରେ କଟକଣା ଜାରି କରେ। ଦରଦାମ ସହନଶୀଳ ଥିଲେ ଅର୍ଥନୈତିକ ଅଭିବୃଦ୍ଧିକୁ ଉତ୍ସାହିତ କରିବା ପାଇଁ ସୁଧ ହାର ହ୍ରାସ କରେ। କିନ୍ତୁ ବର୍ତ୍ତମାନ ଦେଶର ଅର୍ଥନୈତିକ ସ୍ଥିତି ଭିନ୍ନ। ଖାଦ୍ୟ, ଇନ୍ଧନର ଦରଦାମ ବୃଦ୍ଧି ସହିତ ଚାହିଦା ତୁଳନାରେ ଯୋଗାଣ ହ୍ରାସ ପାଇଥିବାରୁ ଦରଦାମ ବଢ଼ି ମୁଦ୍ରାସ୍ଫୀତିକୁ ଉପରମୁହାଁ କରିଛି। ତେଣୁ କେବଳ ସୁଧ ହାର ବଢ଼ାଇବା ଦ୍ୱାରା ସେହି ସମସ୍ୟାର ସମାଧାନ ହେବା ପରି ଲାଗୁନାହିଁ। ଉତ୍ପାଦନ, ଯୋଗାଣ ଶୃଙ୍ଖଳା, ଖାଦ୍ୟ ସଂରକ୍ଷଣ ଓ ବଜାର ପରିଚାଳନା ଏ କ୍ଷେତ୍ରରେ ଅଧିକ ଉପଯୋଗୀ ମନେ ହୁଏ।

ଅପରପକ୍ଷରେ ସୁଧ ହାର ବଢ଼ିବା ଦ୍ୱାରା ଋଣଗ୍ରହୀତାଙ୍କ ଉପରେ ଅଧିକ ଚାପ ସୃଷ୍ଟି ହେବ ଏବଂ ପରିବାରର ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ବଜେଟ୍ କମିବ। ଏହାର ପ୍ରତିଫଳନ କିରାଣା ଦୋକାନ ଜରିଆରେ ବଜାରରେ ଦେଖାଦେବ। ଚାହିଦା ହ୍ରାସ ପାଇଲେ ଅର୍ଥନୀତିର ଗତି ମନ୍ଥର ହେବ। ସେହିପରି କମ୍ପାନୀମାନଙ୍କ ପାଇଁ କାର୍ଯ୍ୟକାରୀ ପୁଞ୍ଜି ଓ ବ୍ୟବସାୟିକ ଋଣ ମହଙ୍ଗା ହେଲେ ଉତ୍ପାଦନ ଖର୍ଚ୍ଚ ବଢ଼ିବ ଏବଂ ତାହାର ବୋଝ ଖାଉଟି ମୁଣ୍ଡରେ ପଡ଼ିବ। ଅପରପକ୍ଷରେ ବ୍ୟାଙ୍କଗୁଡ଼ିକ ମିଆଦୀ ଜମା ଉପରେ ଅଧିକ ସୁଧ ଦେବାର ସମ୍ଭାବନା ଥିବାରୁ ଜମାପୁଞ୍ଜି ଅନୁପାତ ସକାରାତ୍ମକ ହେବ।

ବର୍ତ୍ତମାନ ଦେଶର ଅର୍ଥନୀତି ପାଇଁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ସହିତ ଅଭିବୃଦ୍ଧିର ସମାନ୍ତରାଳ ଯାତ୍ରାକୁ ଅଧିକ ଗତିଶୀଳ କରିବା ଆବଶ୍ୟକ। ଏହି ଲକ୍ଷ୍ୟକୁ କେବଳ ମୁଦ୍ରାନୀତି ଦ୍ୱାରା ହାସଲ କରାଯାଇପାରିବ ନାହିଁ। ଆରବିଆଇର ମୁଦ୍ରାନୀତି ସହିତ ଅର୍ଥନୀତିର ପ୍ରତ୍ୟକ୍ଷ ଓ ପରୋକ୍ଷ ଜଡ଼ିତ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ଜରୁରୀ। ●

## ମୃଦୁ-ମୁହୂର୍ତ୍ତ

ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସାମୟିକ ରିହାତି ଲାଭ କରିଥିବା ଏକ ବହୁଦେଶୀୟ କମ୍ପାନୀ ପ୍ରସ୍ତୁତ ନିର୍ଦ୍ଦିଷ୍ଟ ମୃଦୁପାନୀୟ(ଶକ୍ତିବର୍ଦ୍ଧକ ପାନୀୟ) ହଠାତ୍ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ନ ଥା'ନ୍ତା ଯଦି ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ହଟାଇବା ଦାବିରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନରେ ବିରୋଧୀ ଦଳର ନେତା ରାହୁଲ୍ ଗାନ୍ଧୀଙ୍କ ହାତରେ ତାହା ସ୍ଥାନ ପାଇ ନଥା'ନ୍ତା। ବେଳେ ବେଳେ ଏଭଳି କେତେକ ଛୋଟିଆ ଘଟଣା ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ କମ୍ପନ ସୃଷ୍ଟି କରେ। ଗ୍ରୀଷ୍ମର ତାତିରେ ଧାରଣାରେ ବସିଥିବା ରାହୁଲ୍ ଗାନ୍ଧୀ ଉକ୍ତ ପାନୀୟରୁ କିଛି ପିଇବା ପରେ ଭଉଣୀ ପ୍ରିୟଙ୍କାଙ୍କୁ ଦେଇଥିଲେ। କିଛି ମୁହୂର୍ତ୍ତର ଦ୍ୱନ୍ଦ୍ୱ ପରେ ପ୍ରିୟଙ୍କା ମଧ୍ୟ ସେଥିରୁ କିଛି କଣ୍ଠସ୍ଥ କରିଥିଲେ। ଏହି ଘଟଣାର ଭିଡିଓ ଚିତ୍ର ପ୍ରଚାର ପ୍ରସାର ହେବା ପରେ ସାମାଜିକ ଗଣମାଧ୍ୟମରେ ଆଲୋଚନା ଆରମ୍ଭ ହୋଇଛି ଏବଂ ଅପ୍ରତ୍ୟାଶିତ ଭାବେ ରାଜନୀତିର ରୂପ ନେଇଛି।

ଯେଉଁ ସମୟରେ ଦିଲ୍ଲୀରେ ଏହି ଶକ୍ତିବର୍ଦ୍ଧକ ମୃଦୁପାନୀୟନ ଚର୍ଚ୍ଚାରେ ଥିଲା, ସେହି ସମୟରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଏହାର ବ୍ୟବସାୟିକ ପରିଚୟକୁ ନେଇ ଆଇନଗତ ଲଢ଼େଇ ଚାଲିଥିଲା। 'ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ' ଶକ୍ତିବର୍ଦ୍ଧକ ପାନୀୟ(ଏନର୍ଜି ଡ୍ରିଙ୍କ୍) ଶବ୍ଦ ବ୍ୟବହାରକୁ ନେଇ ଏକ ବହୁପରିଚିତ ବହୁଦେଶୀୟ କମ୍ପାନୀ ବିରୋଧରେ କଟକଣା ଜାରି କରିଥିବା ବେଳେ ଏହି କଟକଣା ବିରୋଧରେ ସମ୍ପୃକ୍ତ କମ୍ପାନୀ ଅଦାଲତରେ ଆବେଦନ କରିଥିଲା। ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ସମ୍ପୃକ୍ତ ବହୁଦେଶୀୟ କମ୍ପାନୀକୁ ଅନ୍ତରୀଣ ରିହାତି ଦେଇଛନ୍ତି। ଅର୍ଥାତ୍ ମହଜୁଦ୍ ଥିବା ଉକ୍ତ ଉତ୍ପାଦକୁ କମ୍ପାନୀ ପୂର୍ବଭଳି 'ଏନର୍ଜି ଡ୍ରିଙ୍କ୍' ଭାବରେ ବିକ୍ରି କରିବାରେ ତତ୍କାଳ କୌଣସି ନିଷେଧାଦେଶ ଜାରି କରାଯାଇନାହିଁ। କିନ୍ତୁ ମାମଲାର ଚୂଡ଼ାନ୍ତ ରାୟ ନ ଆସିବା ପର୍ଯ୍ୟନ୍ତ ବିବାଦୀୟ 'ଏନର୍ଜି ଡ୍ରିଙ୍କ୍' ନାମରେ କମ୍ପାନୀ ନୂଆ ଉତ୍ପାଦ କରିପାରିବ ନାହିଁ କି ବିକ୍ରି କରିପାରିବ ନାହିଁ। ଅଦାଲତରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଉକ୍ତ ବିବାଦୀୟ ଉତ୍ପାଦକୁ ଗ୍ରହଣ କରିବାର ଔଚିତ୍ୟ ବିଷୟରେ ବିରୋଧୀ ଦଳର ନେତାଙ୍କ ବିରୋଧୀମାନେ ପ୍ରଶ୍ନ ଉଠାଇଛନ୍ତି।

'ଏନର୍ଜି ଡ୍ରିଙ୍କ'କୁ ନେଇ ବିବାଦ ଓ ବିତର୍କ ନୂଆ ନୁହେଁ। ମୃଦୁପାନୀୟକୁ 'ଏନର୍ଜି ଡ୍ରିଙ୍କ' ନାମରେ ବିକ୍ରି କରିବାର ଯୌକ୍ତିକତା, ଏହାର ଗୁଣାତ୍ମକ ମାନ ଆଦିକୁ ନେଇ ଅତୀତରେ ଏକାଧିକ ଆପତ୍ତି/ଅଭିଯୋଗ ଆସିଛି। ମାମଲା ଅଦାଲତ ପର୍ଯ୍ୟନ୍ତ ଯାଇଛି। କିନ୍ତୁ ଆଇନର ଗଳାବାଟ ଦେଇ କମ୍ପାନୀମାନେ ନୂଆ ନାମ ଓ କୌଶଳରେ ବଜାରରେ ତିଷ୍ଠି ରହିଛନ୍ତି। ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ତାରକାମାନଙ୍କ ହାତରେ ସେମାନଙ୍କ ଉତ୍ପାଦକୁ ଧରାଇ ଦେଉଛନ୍ତି ଏବଂ ଏହି କୌଶଳରେ ସେମାନେ ସଫଳ ମଧ୍ୟ ହେଉଛନ୍ତି। ତେଣୁ ଉକ୍ତ ମୃଦୁପାନୀୟର ଲୋକପ୍ରିୟତା ଓ ଆଦୃତିକୁ ଏବେ ରାହୁଲ୍ ଓ ପ୍ରିୟଙ୍କ ମୃଦୁପାନୀୟ ଗ୍ରହଣ ଦୃଶ୍ୟ ସକାରାତ୍ମକ ପ୍ରଭାବ ପକାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ସମଗ୍ର ଘଟଣା ପଛରେ ବ୍ୟବସାୟିକ ସ୍ୱାର୍ଥ ବନାମ ଜନସ୍ୱାସ୍ଥ୍ୟ ପରି ସମ୍ବେଦନଶୀଳନ ପ୍ରସଙ୍ଗ ଲୁଚି ରହିଛି। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଏଭଳି 'ଏନର୍ଜି ଡ୍ରିଙ୍କ'ମାନଙ୍କର ଆଦୃତି ବଢ଼ିଚାଲିଥିବାରୁ ଏହି ପ୍ରସଙ୍ଗକୁ ଅଣଦେଖା କରାଯାଇପାରିବ ନାହିଁ। ●

# ଭାରତୀୟ କ୍ରୀଡ଼ା ଆଇନାରେ ନାଗୋୟା

ରଞ୍ଜନ କୁମାର ରାୟ

ପଦକ ତାଲିକାରେ ଚତୁର୍ଥ ସ୍ଥାନ। ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି କାଂସ୍ୟ। ମୋଟ ୮୫ଟି ପଦକ। ସଂଖ୍ୟାଗୁଡ଼ିକୁ ଦେଖିଲେ ଭାରତର ଏସୀୟ କ୍ରୀଡ଼ା ଅଭିଯାନ ଗର୍ବ କରିବାର ଅବସର ଦେଉଛି। କିନ୍ତୁ ପଦକ ତାଲିକାର ଏହି ଚମକ ପଛରେ ଆଉ ଏକ ଚିତ୍ର ରହିଛି। ଚାରିବର୍ଷ ତଳେ ହାଙ୍ଗଝୋଉରେ ଯେଉଁ ଭାରତ ୨୮ଟି ସ୍ୱର୍ଣ୍ଣ ସହ ୧୦୭ଟି ପଦକ ଜିତି ନିଜ ପାଇଁ ଏକ ନୂଆ ମାନଦଣ୍ଡ ତିଆରି କରିଥିଲା, ନାଗୋୟାରେ ସେହି ଭାରତ ୨୨ଟି ପଦକ ପଛକୁ ଫେରିଛି। ସ୍ୱର୍ଣ୍ଣ ମଧ୍ୟ ୭ଟି କମିଛି। ତେଣୁ ଏହି ପରିସଂଖ୍ୟାନ ନିଶ୍ଚିତ ଭାବେ କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରିଥିବ।

ତେବେ ଏହା କ'ଣ ଅବନତିର ଚିହ୍ନ? ନା ଏକ ବଡ଼ ଯାତ୍ରାରେ ଆସିଥିବା ଏକ ଛୋଟ ଝଟକା? ନାଗୋୟା ଭାରତୀୟ କ୍ରୀଡ଼ାକୁ ଏକାସାଙ୍ଗରେ ଦୁଇଟି ମୁହଁ ଦେଖାଇଛି- ଗୋଟିଏରେ ସଫଳତାର ଦୀପ୍ତି, ଅନ୍ୟଟିରେ ଆତ୍ମସମୀକ୍ଷାର ଛାୟା। ହାଙ୍ଗଝୋଉର ୧୦୭ ପଦକ ପରେ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ଆଶା ସ୍ୱାଭାବିକ ଭାବେ ଆହୁରି ବଢ଼ିଥିଲା। ନାଗୋୟାରେ ସେହି ସଫଳତାକୁ ଛୁଇଁବା କିମ୍ବା ତାହାକୁ ଅତିକ୍ରମ କରିବାର ସ୍ୱପ୍ନ ଥିଲା। ବିଶେଷକରି ପୂର୍ବ ସଂସ୍କରଣରେ ଯେଉଁ ଖେଳଗୁଡ଼ିକ ଭାରତର ପଦକ ଭଣ୍ଡାରକୁ ପୂରଣ କରିଥିଲା, ସେଠାରେ ପୁଣି ସେହି ଧାରା ଜାରି ରହିବ ବୋଲି ଆଶା ଥିଲା। କିନ୍ତୁ କ୍ରୀଡ଼ାର ମଞ୍ଚରେ ପୂର୍ବ ସଫଳତା କେବେ ଭବିଷ୍ୟତର ନିଶ୍ଚିତତା ନୁହେଁ। ପ୍ରତ୍ୟେକ ମୁକାବିଲା ନୂଆ, ପ୍ରତ୍ୟେକ ପଦକ ପାଇଁ ଲଢ଼େଇ ନୂଆ।

ଏହି ନୂଆ ଲଢ଼େଇରେ ଭାରତକୁ ସବୁଠାରୁ ବଡ଼ ଝଟକା ଲାଗିଛି ଶୁଟିଂରେ। ହାଙ୍ଗଝୋଉରେ ୨୨ଟି ପଦକ ଓ ୭ଟି ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ଶୁଟରମାନେ ଏଥର ୧୫ଟି ପଦକ ଓ ୩ଟି ସ୍ୱର୍ଣ୍ଣରେ ସୀମିତ ରହିଛନ୍ତି। ଏକ କ୍ରୀଡ଼ାରେ ୭ଟି ପଦକ କମିଯିବା କେବଳ ଏକ ସଂଖ୍ୟା ନୁହେଁ; ସମଗ୍ର ପଦକ ତାଲିକାର ଚିତ୍ରକୁ ବଦଳାଇଦେବା ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଛି। ନୀରୁ ଧାଣ୍ଡାଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ ନିଶ୍ଚିତ ଭାବେ ଆଶା ଦେଇଛି, କିନ୍ତୁ ଏକାଧିକ ଅସ୍ତ୍ରରେ ସଜ୍ଜିତ ଏହି ଦଳର ସାମଗ୍ରିକ ପ୍ରଦର୍ଶନ ପୂର୍ବ ମାନକୁ ଛୁଇଁପାରିନାହିଁ। ଆଥଲେଟିକ୍ସର କାହାଣୀ ମଧ୍ୟ କିଛିଟା ସମାନ। ଛଅଟି ସ୍ୱର୍ଣ୍ଣରୁ ଗୋଟିଏ ସ୍ୱର୍ଣ୍ଣକୁ ଖସିବା ନିଶ୍ଚିତ ଭାବେ ଏକ ଚିନ୍ତାର କାରଣ। ତଥାପି ଏଠାରେ ଏକ ଆଶାର ରେଖା ମଧ୍ୟ ରହିଛି। କେତେକ ଭାରତୀୟ ଖେଳାଳି ବ୍ୟକ୍ତିଗତ ଶ୍ରେଷ୍ଠତା ହାସଲ କରିଛନ୍ତି, ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଅର୍ଥାତ୍ ପ୍ରତିଭାର ଅଭାବ ନାହିଁ; ଅଭାବ ରହିଛି ସେହି ପ୍ରତିଭାକୁ ବଡ଼ ମଞ୍ଚରେ ସ୍ୱର୍ଣ୍ଣରେ ପରିଣତ କରିବାର ସାମର୍ଥ୍ୟରେ।

ବ୍ୟାଡମିଣ୍ଟନ ଓ ଟେନିସ୍ ମଧ୍ୟ ଭାରତକୁ କିଛି ପ୍ରଶ୍ନ କରିଛି। ବ୍ୟାଡମିଣ୍ଟନରେ କେବଳ ଗୋଟିଏ କାଂସ୍ୟ ପଦକ! ଦୀର୍ଘ ସମୟ ପରେ କୌଣସି ବ୍ୟକ୍ତିଗତ ପଦକ ନାହିଁ। ଟେନିସ୍‌ରେ ତ ଚାରିଦଶନ୍ଧି ପରେ ପଦକଶୂନ୍ୟ ରହିଛି ଭାରତ। ଯେଉଁ ଦେଶ ଗତ କିଛିବର୍ଷରେ ବ୍ୟାଡମିଣ୍ଟନ ଓ ଟେନିସ୍‌ରେ ନିଜର ଉପସ୍ଥିତିକୁ ଦୃଢ଼ କରିଥିଲା, ତାହା ପାଇଁ ଏହା ନିଶ୍ଚିତ ଭାବେ ଏକ ସତର୍କ ଘଣ୍ଟି। କିନ୍ତୁ ନାଗୋୟାର କାହାଣୀ କେବଳ ହତାଶାର ନୁହେଁ; ବରଂ କେତେକ ମଞ୍ଚରେ ଭାରତ ନୂଆ ଆଲୋକ ଦେଖିଛି। ବକ୍ସିଂରେ ତିନିଟି ସ୍ୱର୍ଣ୍ଣ ଭାରତୀୟ ମୁଷ୍ଟିଯୋଦ୍ଧାଙ୍କ ଫେରୁଥିବା ଶକ୍ତିର ସଙ୍କେତ। ଲୋଭଲିନା ବୋର୍ଗୋହେନ୍, ପରଭିନ ହୁଡା ଓ ଅଙ୍କୁଶ ପାଙ୍ଘାଲଙ୍କ ସଫଳତା ଭାରତର ପଦକ ତାଲିକାରେ ସୁନାର ନୂଆ ରେଖା ଟାଣିଛି।

କୁସ୍ତିରେ ମୋଟ ପଦକ ସଂଖ୍ୟା ବଦଳି ନ ଥିଲେ ମଧ୍ୟ ଦୁଇଟି ସ୍ୱର୍ଣ୍ଣ ଯୋଡ଼ାଯିବା ଅର୍ଥପୂର୍ଣ୍ଣ। ସୁଜିତ କଲକଲ ଓ ଅମନ ସେହରାୱତଙ୍କ ସଫଳତା ଦର୍ଶାଇଛି ଯେ ଭାରତୀୟ କୁସ୍ତିରେ ପରବର୍ତ୍ତୀ ପିଢ଼ିର ଚାରାଗଛ ଏବେ ମଧ୍ୟ ସବୁଜ ଅଛି। ତୀରନ୍ଦାଜୀ ତ ଏଥର ଭାରତ ପାଇଁ ଏକ ସୁନ୍ଦର ଅଧ୍ୟାୟ ଲେଖିଛି। ୧୭ ବର୍ଷୀୟା କୁମକୁମ ମୋହଡ଼ଙ୍କ ପ୍ରଦର୍ଶନ ବିଶେଷ ଉଲ୍ଲେଖନୀୟ। ଦକ୍ଷିଣ କୋରିଆ ଭଳି ଶକ୍ତିଶାଳୀ ଦଳକୁ ପଛରେ ପକାଇ ଭାରତୀୟ ତୀରନ୍ଦାଜମାନେ ଯେଉଁ ସଫଳତା ହାସଲ କରିଛନ୍ତି, ତାହା କେବଳ ପଦକ ନୁହେଁ; ଏହା ଆତ୍ମବିଶ୍ୱାସର ଏକ ନୂଆ ଅଧ୍ୟାୟ। କବାଡ଼ିରେ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣ ବଜାୟ ରଖିଛନ୍ତି। ଏହା ଦର୍ଶାଏ ଯେ କେତେକ କ୍ରୀଡ଼ାରେ ଭାରତ ନିଜର ପ୍ରଭୁତ୍ୱକୁ କେବଳ ରକ୍ଷା କରୁନାହିଁ, ତାହାକୁ ନିରନ୍ତରତା ମଧ୍ୟ ଦେଉଛି।

ଏସୀୟ କ୍ରୀଡ଼ାର ଭାରତୀୟ କାହାଣୀର ସବୁଠାରୁ ଉଜ୍ଜ୍ୱଳ ପୃଷ୍ଠାଟି ଲେଖିଛି ହକି। ପୁରୁଷ ଦଳ ସ୍ୱର୍ଣ୍ଣ ବଜାୟ ରଖିଛି। ତା'ଠାରୁ ବଡ଼ କଥା, ମହିଳା ଦଳ ୪୪ ବର୍ଷ ପରେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଛି। ଚୀନ୍‌କୁ ହରାଇ ମିଳିଥିବା ଏହି ବିଜୟ ଭାରତୀୟ ମହିଳା ହକି ପାଇଁ କେବଳ ଏକ ପଦକ ନୁହେଁ, ଦୀର୍ଘ ପ୍ରତୀକ୍ଷା ପରେ ଫେରିଥିବା ଏକ ସୁବର୍ଣ୍ଣ ସକାଳ। ପ୍ରଣବୀ ଉର୍ସଙ୍କ ଗଲ୍ଫ ସ୍ୱର୍ଣ୍ଣ ମଧ୍ୟ ଏହି କାହାଣୀର ଆଉ ଏକ ଆଲୋକିତ ପୃଷ୍ଠା। ୨୦୦୨ ପରେ ଭାରତୀୟ ଗଲ୍ଫରେ ପୁଣି ସ୍ୱର୍ଣ୍ଣର ଫେରା ଏବଂ ମହିଳା ଖେଳାଳି ଭାବେ ତାଙ୍କର ଐତିହାସିକ ସଫଳତା ଏହା ପ୍ରମାଣ କରେ ଯେ ଭାରତୀୟ କ୍ରୀଡ଼ାର ପରିଧି ଧୀରେ ଧୀରେ ବିସ୍ତାରିତ ହେଉଛି। ମିଶ୍ରିତ ମାର୍ଶାଲ ଆର୍ଟ୍ସରେ ଭାରତର ପ୍ରଥମ ଏସୀୟ କ୍ରୀଡ଼ା ପଦକ ମଧ୍ୟ ନୂଆ ଦ୍ୱାର ଖୋଲିଛି।

ତେବେ ଏହି ସଫଳତା ଓ ବିଫଳତାକୁ ଏକାଠି ରଖି ଦେଖିଲେ ଯେଉଁ ଚିତ୍ର ଦେଖାଯାଏ, ତାହା ହେଉଛି ଭାରତ ଆଗକୁ ବଢ଼ୁଛି, କିନ୍ତୁ ଯାତ୍ରା ଏଯାଏଁ ସମାନ ଗତିରେ ବଢ଼ିନାହିଁ। କେଉଁଠି ଭିତ୍ତିଭୂମି ଅଛି, କିନ୍ତୁ ପଦକ ନାହିଁ। କେଉଁଠି ପ୍ରତିଭା ଅଛି, କିନ୍ତୁ ନିରନ୍ତରତା ନାହିଁ। ଆଉ କେଉଁଠି ସଠିକ୍ ପ୍ରଶିକ୍ଷଣ, ପ୍ରସ୍ତୁତି ଓ ପ୍ରତିଭା ଏକାଠି ହୋଇ ସଫଳତାର ଦ୍ୱାର ଖୋଲିଛି। ଏହିଠାରୁ ଭାରତୀୟ କ୍ରୀଡ଼ା ପ୍ରଶାସନକୁ ଶିକ୍ଷା ନେବାକୁ ହେବ। ଗୋଟିଏ ବଡ଼ ପ୍ରତିଯୋଗିତା ପୂର୍ବରୁ କେବଳ ଅଭ୍ୟାସ ଶିବିର କରିବା କିମ୍ବା ବିଦେଶରେ ପ୍ରଶିକ୍ଷଣ ଦେବା ଯଥେଷ୍ଟ ନୁହେଁ। ଶିଶୁ ଓ କିଶୋର ସ୍ତରରୁ ପ୍ରତିଭା ଖୋଜିବା, ଉଚ୍ଚମାନର ପ୍ରଶିକ୍ଷଣ, ପୋଷଣ, କ୍ରୀଡ଼ା ବିଜ୍ଞାନ, ମାନସିକ ପ୍ରସ୍ତୁତି ଓ ଆଘାତ ପରିଚାଳନା- ସବୁକୁ ଏକ ସୂତ୍ରରେ ବାନ୍ଧିବାକୁ ହେବ।

କାରଣ ପଦକ କେବଳ ପ୍ରତିଯୋଗିତା ଦିନ ତିଆରି ହୁଏ ନୁହେଁ; ପଦକ ତିଆରି ହୁଏ ବର୍ଷ ବର୍ଷର ନିରବ ଅଭ୍ୟାସରେ। ଜଣେ ଖେଳାଳିଙ୍କ ଗଳାରେ ଯେଉଁ ପଦକ ଝୁଲେ, ତାହା ପଛରେ ଥାଏ ପରିବାରର ତ୍ୟାଗ, ପ୍ରଶିକ୍ଷକଙ୍କ ପରିଶ୍ରମ, ବୈଜ୍ଞାନିକଙ୍କ ଯୋଜନା ଏବଂ ଏକ ସୁଦୃଢ଼ କ୍ରୀଡ଼ା ବ୍ୟବସ୍ଥାର ଅବଦାନ। ତେଣୁ ୨୦୨୬ର ୮୫ ପଦକକୁ ନା ଅତ୍ୟଧିକ ଉତ୍ସାହ ସହିତ ଗ୍ରହଣ କରିବା ଉଚିତ ନା ହାଙ୍ଗଝୋଉର ୧୦୭ ପଦକ ସହ ତୁଳନା କରି ନିରାଶ ହୋଇଯିବା ଉଚିତ। ଏହି ଫଳାଫଳକୁ ଦେଖିବାକୁ ହେବ ଏକ ଆଇନା ଭଳି, ଯେଉଁଠି ସଫଳତାର ମୁହଁ ସହିତ ଦୁର୍ବଳତାର ଛବି ମଧ୍ୟ ଦେଖାଯାଏ।

ଚତୁର୍ଥ ସ୍ଥାନ ଭାରତ ପାଇଁ ଖରାପ ନୁହେଁ। ୮୫ଟି ପଦକ ମଧ୍ୟ ଛୋଟ ସଫଳତା ନୁହେଁ। କିନ୍ତୁ ଯେଉଁ ଭାରତ ବିଶ୍ୱ କ୍ରୀଡ଼ାର ମହାଶକ୍ତି ହେବାର ସ୍ୱପ୍ନ ଦେଖୁଛି, ସେହି ଭାରତ ପାଇଁ ଆତ୍ମସନ୍ତୋଷର ସ୍ଥାନ ନାହିଁ। ନାଗୋୟା ଏହି ବାର୍ତ୍ତା ଦେଇଛି ଯେ ପଦକର ଚମକକୁ ଦେଖି ଖୁସି ହୁଅ, କିନ୍ତୁ ସେହି ଚମକ ପଛରେ ଥିବା ଅନ୍ଧାରକୁ ମଧ୍ୟ ଚିହ୍ନଟ କର। ୨୦୨୬ର ଏସୀୟ କ୍ରୀଡ଼ା ଶେଷ ହୋଇଛି। ପଦକଗୁଡ଼ିକ ଘରକୁ ଫେରିଛି। କିନ୍ତୁ ଏବେ ଆରମ୍ଭ ହେବା ଉଚିତ ଆଉ ଏକ ଯାତ୍ରା। ତାହା ହେଉଛି ଆତ୍ମସମୀକ୍ଷାର ଯାତ୍ରା। ଭାରତୀୟ କ୍ରୀଡ଼ାର ଭିତ୍ତିକୁ ଏତେ ଦୃଢ଼ କରିବା, ଯେପରି ଗୋଟିଏ ପ୍ରତିଯୋଗିତାରେ ପଦକ କମିଗଲେ ମଧ୍ୟ ଭବିଷ୍ୟତର ଆଶା କେବେ କମିବ ନାହିଁ। ନାଗୋୟାର ଗଣିତରେ ସାତଟି ସ୍ୱର୍ଣ୍ଣ କମିଛି। କିନ୍ତୁ ଭାରତୀୟ କ୍ରୀଡ଼ାର ସ୍ୱପ୍ନରେ ଗୋଟିଏ ସ୍ୱର୍ଣ୍ଣିମ ସମ୍ଭାବନା ଏବେ ମଧ୍ୟ ଜୀବନ୍ତ ରହିଛି। ସେହି ସମ୍ଭାବନାକୁ ସଫଳତାରେ ପରିଣତ କରିବା ହିଁ ଏବେ ସବୁଠାରୁ ବଡ଼ ଦାୟିତ୍ୱ। ତେବେ ଏଥିପାଇଁ କ୍ରୀଡ଼ା ସହିତ ଜଡ଼ିତ ସବୁ ବ୍ୟକ୍ତି, ସଂସ୍ଥା ଓ ପ୍ରତିଷ୍ଠାନକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ। ଦୋଷ ଓ ଦୁର୍ବଳତାକୁ ଚିହ୍ନଟ କରାଯିବା ସହ ତାହାକୁ ଦୂର କରିବା ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। କ୍ରୀଡ଼ାର ଉନ୍ନତି ପାଇଁ ପ୍ରତ୍ୟେକଙ୍କୁ ହୃଦୟର ସହ କାର୍ଯ୍ୟ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି କୁହାଯାଇପାରେ। ●

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

# ଆଉ ଲାଭ କ'ଣ?

ପ୍ରକାଶ ଚନ୍ଦ୍ର ମିଶ୍ର

'ଆଉ ଲାଭ କ'ଣ?' ଏହି ତିନୋଟି ଶବ୍ଦ ଆଜିର ସମାଜରେ ବହୁତ ସାଧାରଣ ହୋଇଯାଇଛି। କୌଣସି କାମ କରିବା ପୂର୍ବରୁ ଆମେ ପ୍ରାୟତଃ ପଚାରୁ 'ଏଥିରୁ ମୋର କ'ଣ ଲାଭ?' ବ୍ୟବସାୟ ଓ ଅର୍ଥନୈତିକ କ୍ଷେତ୍ରରେ ଏହି ପ୍ରଶ୍ନ ଯୁକ୍ତିସଙ୍ଗତ ହୋଇପାରେ। କିନ୍ତୁ ଯେତେବେଳେ ଜୀବନର ପ୍ରତିଟି ସମ୍ପର୍କ, ସେବା, ତ୍ୟାଗ ଓ ମାନବିକ କାର୍ଯ୍ୟକୁ ଲାଭର ତରାଜୁରେ ମପାଯାଏ, ସେତେବେଳେ ମଣିଷ ଧୀରେ ଧୀରେ ମାନବିକତାରୁ ଦୂରେଇଯାଏ।

ଜଣେ ମା' ରାତିସାରା ଅସୁସ୍ଥ ଶିଶୁର ଶଯ୍ୟା ପାଖରେ ଜାଗି ରହନ୍ତି। ନିଜର ସବୁ କ୍ଳାନ୍ତି ଭୁଲି ତା'ର ଯତ୍ନ ନିଅନ୍ତି। ସେ କେବେ ଭାବନ୍ତି ନାହିଁ 'ଏଥିରୁ ମୋର ଲାଭ କଣ?' ମା'ର ଭଲପାଇବା ନିଃସ୍ୱାର୍ଥ, ନିଷ୍କାମ ଓ ଅପାର। ଜଣେ ବୃଦ୍ଧ ବାପା ଅସୁସ୍ଥ ହୋଇ ଶଯ୍ୟାଶାୟୀ ଅଛନ୍ତି। ପୁଅ ଯଦି ଭାବେ 'ଏତେ ଟଙ୍କା ଖର୍ଚ୍ଚ କରି ଆଉ ଲାଭ କଣ?' ତେବେ ସେ ଭୁଲିଯାଏ ଯେ ଏହି ବାପା ନିଜର ସୁଖ, ଆରାମ, ଇଚ୍ଛା ଓ ଅନେକ ସ୍ୱପ୍ନକୁ ତ୍ୟାଗ କରି ତା'କୁ ମଣିଷ କରିଥିଲେ। ସେତେବେଳେ ବାପା କେବେ ପଚାରିନଥିଲେ 'ଏତେ ଖର୍ଚ୍ଚ କରି ଲାଭ କ'ଣ?' ଜଣେ ଶିକ୍ଷକ ଜଣେ ଗରିବ ମେଧାବୀ ଛାତ୍ରକୁ ଅତିରିକ୍ତ ସମୟ ଦେଇ ପଢ଼ାନ୍ତି, ତା'କୁ ସାହସ ଦିଅନ୍ତି ଏବଂ ତା'ର ସ୍ୱପ୍ନକୁ ଡେଣା ଲଗାନ୍ତି। ଅନ୍ୟମାନେ ପଚାରିପାରନ୍ତି 'ଏଥିରୁ ଆପଣଙ୍କର ଲାଭ କ'ଣ?' ଜ୍ଞାନ ବାଣ୍ଟିବାର ଆନନ୍ଦ, ଜଣେ ମଣିଷର ଜୀବନକୁ ଆଲୋକିତ କରିବାର ତୃପ୍ତି ଓ ସମାଜକୁ ଜଣେ ଭଲ ନାଗରିକ ଦେବାର ଗର୍ବ - ଏସବୁ କୌଣସି ଅର୍ଥ କିମ୍ବା ଲାଭର ମାପକାଠିରେ ମାପାଯାଇ ପାରେନାହିଁ। ଜଣେ ଅବସରପ୍ରାପ୍ତ ଶିକ୍ଷକ ପେନସନ ପାଇବା ପରେ ମଧ୍ୟ ପ୍ରତିଦିନ ସ୍କୁଲକୁ ଯାଇ ପିଲାମାନଙ୍କୁ ପଢ଼ାନ୍ତି। ଲୋକେ ପଚାରନ୍ତି 'ଆଉ ଲାଭ କ'ଣ?' ଶିକ୍ଷକଙ୍କ ପାଇଁ ଶିକ୍ଷାଦାନ କେବଳ ଏକ ପେସା ନୁହେଁ; ଏହା ତାଙ୍କର ଜୀବନଧର୍ମ। ଗଛ ଲଗାଇବା ବେଳେ ଅନେକେ କହନ୍ତି 'ମୁଁ ତ ଏହାର ଫଳ ଖାଇପାରିବି ନାହିଁ, ଆଉ ଲାଭ କ'ଣ?' କିନ୍ତୁ ସଭ୍ୟତା ଆଗକୁ ବଢ଼ିଛି କେବଳ ସେହି ଲୋକମାନଙ୍କ ପାଇଁ, ଯେଉଁମାନେ ନିଜ ସମୟର ସୀମା ଟପି ଭବିଷ୍ୟତ ପିଢ଼ିର କଥା ଭାବିଥିଲେ।

ଜଣେ କର୍କଟ ରୋଗୀଙ୍କ ଚିକିତ୍ସା ବର୍ଷ ବର୍ଷ ଧରି ଚାଲିଛି। କେହି କହନ୍ତି 'ଆଉ ଚିକିତ୍ସା କରି ଲାଭ କ'ଣ?' କିନ୍ତୁ ଚିକିତ୍ସାର ଉଦ୍ଦେଶ୍ୟ କେବଳ ରୋଗ ନିରାକରଣ ନୁହେଁ; ଆଶାକୁ ବଞ୍ଚାଇ ରଖିବା। ଯେପର୍ଯ୍ୟନ୍ତ ଜୀବନ ଅଛି, ସେପର୍ଯ୍ୟନ୍ତ ସମ୍ଭାବନା ଅଛି। ଜଣେ ଭକ୍ତ କିମ୍ବା ସଙ୍ଗୀତପ୍ରେମୀ ସାରା ଜୀବନ ଗୀତ ଗାଉଛନ୍ତି। କୌଣସି ବଡ଼ ପୁରସ୍କାର, ସମ୍ବର୍ଦ୍ଧନା କିମ୍ବା ଖ୍ୟାତି ମିଳିନାହିଁ। ସେତେବେଳେ କେହି କହନ୍ତି 'ଏତେ ଗୀତ ଗାଇ ଲାଭ କ'ଣ?' କିନ୍ତୁ ସଙ୍ଗୀତ ତାଙ୍କ ପାଇଁ କେବଳ ଏକ କଳା ନୁହେଁ; ତାଙ୍କର ଆନ୍ତରିକ ଜଗତ, ଆନନ୍ଦ, ପ୍ରାର୍ଥନା। ଜଣେ ସଚ୍ଚୋଟ ସରକାରୀ କର୍ମଚାରୀ ସାରାଜୀବନ ଲାଞ୍ଚ ନ ନେଇ, ପଦବୀର ଦୁରୁପଯୋଗ ନ କରି ସାଧାରଣ ଜୀବନଯାପନ କରନ୍ତି। କେହି କେହି କହନ୍ତି 'ଏତେ ବଡ଼ ଚାକିରି କରି ମଧ୍ୟ ବଡ଼ ଘର କି ଗାଡ଼ିଟିଏ ନାହିଁ, ଲାଭ କ'ଣ?' ଧନସମ୍ପତ୍ତି ଦିନେ ନା ଦିନେ ନଷ୍ଟ ହୋଇଯାଇପାରେ, କିନ୍ତୁ ସତ୍ୟନିଷ୍ଠାର ଗୌରବ ଓ ଚରିତ୍ରର ମର୍ଯ୍ୟାଦା ମଣିଷକୁ ମୃତ୍ୟୁ ପରେ ମଧ୍ୟ ଅମର କରି ରଖେ। ଜଣେ ବିଦ୍ୱାନ ବ୍ୟକ୍ତି ଆଇଏଏସ୍, ଆଇପିଏସ୍ ଭଳି ଚାକିରି ପାଇଲେ ନାହିଁ କିମ୍ବା ବହୁତ ଅର୍ଥ ଉପାର୍ଜନ ମଧ୍ୟ କରିପାରିଲେ ନାହିଁ। ସେତେବେଳେ କେହି କେହି କହନ୍ତି 'ଏତେ ପାଠ ପଢ଼ି ଲାଭ କ'ଣ?' କିନ୍ତୁ ଜଣେ ବିଦ୍ୱାନଙ୍କ ପ୍ରଭାବ ତାଙ୍କ ବ୍ୟାଙ୍କ ଖାତାରେ ନୁହେଁ, ବରଂ ତାଙ୍କ ଚିନ୍ତାଧାରା, ଲେଖନୀ, ଶିକ୍ଷାଦାନ ଓ ସମାଜ ପାଇଁ ଅବଦାନରେ ଦେଖାଯାଏ। ଧନ ସମୟ ସହିତ କ୍ଷୟ ହୋଇପାରେ, କିନ୍ତୁ ଜ୍ଞାନର ଆଲୋକ ପିଢ଼ି ପରେ ପିଢ଼ିକୁ ପଥ ଦେଖାଇ ଚାଲିଥାଏ।

ଜଣେ ବ୍ୟକ୍ତି ୭୦ ବର୍ଷ ବୟସରେ ନିୟମିତ ବ୍ୟାୟାମ କରନ୍ତି ଏବଂ ଛୋଟ ପିଲାମାନଙ୍କୁ ଖେଳ ଓ ଶାରୀରିକ ଅଭ୍ୟାସ ପାଇଁ ପ୍ରୋତ୍ସାହିତ କରନ୍ତି। ଲୋକେ କିମ୍ବା ପରିବାରର କେହି କହିପାରନ୍ତି 'ନିଜେ ତ ଖେଳାଳି ହୋଇପାରିଲେ ନାହିଁ, ଏହି ବୟସରେ ଏସବୁ କରି ଲାଭ କ'ଣ? କିନ୍ତୁ ତାଙ୍କର ସବୁଠାରୁ ବଡ଼ ଲକ୍ଷ୍ୟ ହେଉଛି ଜୀବନ ପ୍ରତି ଉତ୍ସାହ ଓ ଜୀବନଶକ୍ତିକୁ ବଞ୍ଚାଇ ରଖିବା, ଶରୀର ଓ ମନକୁ ସକ୍ରିୟ ରଖିବା ଏବଂ ନୂଆ ପିଢ଼ିକୁ ସୁସ୍ଥ ଜୀବନଯାପନ ପାଇଁ ପ୍ରେରଣା ଦେବା। ଜଣେ ମିତ୍ର ନିଜ ବନ୍ଧୁର ଦୁଃଖ, ବିପଦ ଓ ସଙ୍କଟ ସମୟରେ ତା'ର ପାଖରେ ଦୃଢ଼ ଭାବେ ଠିଆ ହୁଏ। ସେଥିରୁ ତା'ର କୌଣସି ଆର୍ଥିକ ଲାଭ ହୁଏନାହିଁ, କୌଣସି ପୁରସ୍କାର ମଧ୍ୟ ମିଳେ ନାହିଁ। ତଥାପି ସେ ସାଥି ଛାଡ଼େ ନାହିଁ। କାରଣ ପ୍ରକୃତ ବନ୍ଧୁତ୍ୱ ସ୍ୱାର୍ଥ ଉପରେ ନୁହେଁ, ବିଶ୍ୱାସ ଓ ଆତ୍ମୀୟତା ଉପରେ ଗଢ଼ିଉଠେ। ସେଥିପାଇଁ ବନ୍ଧୁତ୍ୱର ମୂଲ୍ୟ ଲାଭ-କ୍ଷତିରେ ନୁହେଁ; ଦୁଃଖ ସମୟରେ ନିଃସ୍ୱାର୍ଥ ଭାବେ ପାଖରେ ରହିବାରେ ଥାଏ। ଜଣେ ମହିଳା ନିଜ ପଡ଼ୋଶୀଙ୍କ ଅସୁସ୍ଥତା ସମୟରେ ଖାଦ୍ୟ ପଠାନ୍ତି। ଜଣେ ଛାତ୍ର ରକ୍ତଦାନ କରନ୍ତି। ଜଣେ ବ୍ୟକ୍ତି ବୃଦ୍ଧାଶ୍ରମକୁ ଯାଇ ବୃଦ୍ଧମାନଙ୍କ ସହ ସମୟ କାଟନ୍ତି। ଏସବୁ କାମରେ ଲାଭ ନଥାଏ, କିନ୍ତୁ ମାନବିକତା ଥାଏ।

ପ୍ରକୃତି ଆମକୁ ଏକ ବଡ଼ ଶିକ୍ଷା ଦିଏ। ସୂର୍ଯ୍ୟ ପ୍ରତିଦିନ ଆଲୋକ ଦିଏ। ନଦୀ ଅବିରତ ବହେ। ଗଛ ଫଳ ଓ ଛାଇ ଦିଏ। ସେମାନେ କେବେ ପଚାରନ୍ତି ନାହିଁ 'ଲାଭ କ'ଣ?' କିଛି କାମ କର୍ତ୍ତବ୍ୟ ପାଇଁ କରାଯାଏ, କିଛି ପ୍ରେମ ପାଇଁ, କିଛି ମାନବିକତା ପାଇଁ, କିଛି କୃତଜ୍ଞତା ପାଇଁ, ଆଉ କିଛି କେବଳ ଆଶାକୁ ବଞ୍ଚାଇ ରଖିବା ପାଇଁ। ଜୀବନର ସବୁଠାରୁ ବଡ଼ ଲାଭ ହେଉଛି ଆମେ କେତେ ହୃଦୟ ଜିତିଲୁ, କେତେ ଲୋକଙ୍କ ମୁହଁରେ ହସ ଫୁଟାଇଲୁ, କେତେ ଭଲପାଇବା ବାଣ୍ଟିଲୁ ଏବଂ କେତେ ମାନବିକତା ଛାଡ଼ି ଯାଇପାରିଲୁ। ସେହି ଲାଭ ହିଁ ଚିରସ୍ଥାୟୀ; ବାକି ସବୁ କ୍ଷଣସ୍ଥାୟୀ। ●

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୮୦୭୪୮ ୯୩୭୭୮

# ମହାପାତ୍ର ନୀଳମଣି: ଧ୍ୱନି ଓ ପ୍ରତିଧ୍ୱନି

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ମଣିଷ-ହୃଦୟର ନିଭୃତତମ ନିଳୟ ମଧ୍ୟକୁ ପ୍ରବେଶ କରିବାର ଅପୂର୍ବ ସମ୍ବେଦନା ଯାହାଙ୍କ ଅନ୍ତରାତ୍ମାରେ ହୋଇପାରିଥିଲା ସୁବିକଶିତ ସେ ହେଉଛନ୍ତି ଓଡ଼ିଆ କଥା-ସାହିତ୍ୟଜଗତର ଅସାଧାରଣ ପ୍ରତିଭା ମହାପାତ୍ର ନୀଳମଣି ସାହୁ। ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହି ଯେଉଁ ଚରିତ୍ରମାନେ ଲୋତକାପ୍ଲୁତ ସେମାନଙ୍କୁ ବାହ୍ୟ ପରଦା ଅପସୃତ କରି ଦେଖିପାରିବାର ସୂକ୍ଷ୍ମଦୃଷ୍ଟି ଉନ୍ମୋଚିତ ହୋଇଯାଇଥିଲା ତାଙ୍କ ଅନ୍ତଃସ୍ଥଳରେ। ଚରିତ୍ରମାନଙ୍କ ସହ ଏକାତ୍ମ ହୋଇ ସେ ହସିଛନ୍ତି, କାନ୍ଦିଛନ୍ତି ମଧ୍ୟ। ତାଙ୍କ ରଚିତ ଉପନ୍ୟାସ 'ଧରା ଓ ଧାରା', 'ତାମସୀ ରାଧା', ଗଳ୍ପ ସଂକଳନ 'ସୁମିତ୍ରାର ହସ', 'ଆକାଶ ପାତାଳ', 'ବୃନ୍ଦାବନର ଶେଷଧୂପ', 'ପିଙ୍ଗଳା ସେ ଅନ୍ୟଜଣେ' ଆଦିରେ ତାଙ୍କର ଏହି ସମଦରଦୀ ଭାବର ବ୍ୟାପକତା ପାଠକ ପାଇଁ ଶାନ୍ତି ଓ ସାନ୍ତ୍ୱନାର ସୁଶୀତଳ ନିର୍ଝର। 'ଅଭିଶପ୍ତ ଗନ୍ଧର୍ବ'ତାଙ୍କ ବହୁଚର୍ଚ୍ଚିତ ଗଳ୍ପ ଗ୍ରନ୍ଥ।

ତାଙ୍କର ସ୍ୱକୀୟ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ, ଜୀବନବୋଧ, ସୁକୋମଳ ଭାଷାଶୈଳୀ ଓ ଅପୂର୍ବ ରସସୃଷ୍ଟି ପାଠକମାନସକୁ କରିଆସିଛି ସୁଗଭୀର ତଥା ତୀବ୍ର ଭାବରେ ଆଲୋଡ଼ିତ। ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ରମ୍ୟରଚନା ଆଦି ବିଭିନ୍ନ ବିଭାଗରେ ତାଙ୍କ ସୃଜନଶୀଳ ପ୍ରତିଭା ହୋଇଛି ପରିସ୍ଫୁଟିତ। ସେ ମଣିଷକୁ କୌଣସି ଆଦର୍ଶର ପ୍ରତିମୂର୍ତ୍ତି ଭାବରେ ଚିତ୍ରଣ କରନ୍ତି ନାହିଁ; ବରଂ ତା'ର ଦୁର୍ବଳତା, ସ୍ୱପ୍ନ, ଆଶା, ହତାଶା, ପ୍ରେମ, ଈର୍ଷା, ଅହଂକାର, ଅସହାୟତା ଓ ଅନ୍ତଦ୍ୱର୍ନ୍ଦ୍ୱକୁ ସହାନୁଭୂତିର ସହିତ ଅନୁଧ୍ୟାନ କରନ୍ତି। ସାଧାରଣ ମଣିଷ ମଧ୍ୟରେ ଅସାଧାରଣ ଜୀବନସତ୍ୟକୁ ଆବିଷ୍କାର କରିବାର କ୍ଷମତା ତାଙ୍କ ସାହିତ୍ୟକୁ ବିଶେଷ ମର୍ଯ୍ୟାଦାମଣ୍ଡିତ କରି ଦେଇଛି। ଚରିତ୍ରର ଅବଚେତନ ଇଚ୍ଛା, ଦ୍ୱିଧା, ଆତ୍ମପ୍ରବଞ୍ଚନା, ମାନସିକ ସଂଘର୍ଷ ଓ ନିଃସଙ୍ଗତାକୁ ସେ ସୂକ୍ଷ୍ମ ସୌହାର୍ଦ୍ଦ୍ୟର ସହିତ ଧରିପାରିଛନ୍ତି।

ହାସ୍ୟ ଓ ବ୍ୟଙ୍ଗର ଅନ୍ତଃରୂପ ତାଙ୍କ ସାହିତ୍ୟରେ ଉଦ୍ଭାସିତ। ସେହି ହାସ୍ୟ କେବଳ ପାଠକଙ୍କୁ ହସାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ତାହାର ଅନ୍ତରାଳରେ ବିଦ୍ୟମାନ ଏକ ବିଦଗ୍ଧ ଉପଲବ୍ଧି। ମଧ୍ୟବିତ୍ତ ମଣିଷର ଆତ୍ମପ୍ରବଞ୍ଚନା, ସାମାଜିକ ପ୍ରତିଷ୍ଠାର ଲାଳସା, ମିଥ୍ୟା ଅହଂକାର, ଆଡ଼ମ୍ବର ଓ କଥା-କାମ ମଧ୍ୟରେ ଥିବା ବିରୋଧାଭାସ ତାଙ୍କ ବ୍ୟଙ୍ଗର ବିଷୟ। ସେ ମଣିଷର ଦୁର୍ବଳତାକୁ ଦେଖି ହସନ୍ତି, କିନ୍ତୁ ମଣିଷକୁ ଘୃଣା କରନ୍ତି ନାହିଁ। ଏହି ମାନବିକତା-ଆପ୍ଲୁତ ବ୍ୟଙ୍ଗ ତାଙ୍କ ସାହିତ୍ୟର ଏକ ବିଶେଷ ସ୍ୱାକ୍ଷର। ପରିବାର, ଚାକିରି, ସାମାଜିକ ସମ୍ମାନ, ଆର୍ଥିକ ଅନିଶ୍ଚିତତା, ଦାମ୍ପତ୍ୟ ସମ୍ପର୍କ, ଆତ୍ମୀୟତା, ମାନ-ଅଭିମାନ ଓ ସାମାଜିକ ଛଳନା - ଏସବୁ ତାଙ୍କ ସାହିତ୍ୟର ଅତି ପରିଚିତ ଉପାଦାନ। 'ସ୍ୱପ୍ନ ସ୍ୱପ୍ନ ଅନେକ ସ୍ୱପ୍ନ', 'ଧ୍ୱନି ଧ୍ୱନି ପ୍ରତିଧ୍ୱନି' ପରି ପୁସ୍ତକରେ ବିନ୍ୟସ୍ତ ହୋଇ ରହିଛି ରମ୍ୟ ରଚନାର ଅସାମାନ୍ୟ ଲାଳିତ୍ୟ।

ସ୍ୱାଧୀନତା-ପରବର୍ତ୍ତୀ ଓଡ଼ିଆ ସମାଜରେ ଦ୍ରୁତ ପରିବର୍ତ୍ତିତ ମୂଲ୍ୟବୋଧ ନୀଳମଣି ସାହୁଙ୍କ ସାହିତ୍ୟରେ ସୁସ୍ପଷ୍ଟ। ଏକପଟେ ପାରମ୍ପରିକ ସଂସ୍କାର, ପାରିବାରିକ ବନ୍ଧନ ଓ ନୈତିକ ମୂଲ୍ୟବୋଧ; ଅନ୍ୟପଟେ ଆଧୁନିକ ଶିକ୍ଷା, ସହରୀ ସଭ୍ୟତା, ବ୍ୟକ୍ତିସ୍ୱାତନ୍ତ୍ର୍ୟ ଓ ନବୀନ ଜୀବନଦୃଷ୍ଟି - ଏହି ଦୁଇର ସଂଘାତ ତାଙ୍କ ରଚନାକୁ ଏକ ଭିନ୍ନ ବୈଚିତ୍ର୍ୟରେ ବିଭୂଷିତ କରି ଦେଇପାରିଛି। ସେ ପରମ୍ପରାକୁ ନିର୍ବିଚାର ଭାବରେ ସମର୍ଥନ କରନ୍ତି ନାହିଁ କିମ୍ବା ଆଧୁନିକତାକୁ ନିଃସର୍ତ୍ତ ଭାବରେ ଗ୍ରହଣ କରନ୍ତି ନାହିଁ। ଉଭୟକୁ ମାନବିକ ମୂଲ୍ୟବୋଧର କଷଟିପଥରରେ ପରୀକ୍ଷା କରିବା ତାଙ୍କ ସାହିତ୍ୟ-ଦୃଷ୍ଟିର ଦୁର୍ଲଭ ଉପାଦାନ। କରୁଣା ଓ କୌତୁକର ସହାବସ୍ଥାନ ଘଟାଇ ପାରନ୍ତି ସେ କଳାତ୍ମକ ରୀତିରେ। ଜୀବନ ତାଙ୍କ ପାଖରେ କେବଳ ହାସ୍ୟମୟ ନୁହେଁ, ପୁଣି କେବଳ ଦୁଃଖମୟ ମଧ୍ୟ ନୁହେଁ। ମଣିଷ ଦୁଃଖ ମଧ୍ୟରେ ହସେ, ହାସ୍ୟକର ପରିସ୍ଥିତି ମଧ୍ୟରେ କାରୁଣ୍ୟ ଜର୍ଜରିତ ହୋଇ ବଞ୍ଚେ। ଏହି ଦ୍ୱୈତ ଅନୁଭବକୁ ସେ ଦେଇଛନ୍ତି ଶୈଳ୍ପିକ ସୌନ୍ଦର୍ଯ୍ୟ। ଧର୍ମ, ଆଧ୍ୟାତ୍ମିକତା, ଜୀବନ-ଦର୍ଶନ, ସାହିତ୍ୟ ସମାଲୋଚନା ପ୍ରଭୃତିରେ ତାଙ୍କ ଅନୁଭବ ଓ ଚିନ୍ତନର ମହନୀୟତା ପାଠକକୁ ବିସ୍ମିତ କରିଦିଏ। 'ସନାତନ ଧର୍ମର ସାରକଥା', 'ଉଦ୍ଧବ କେତେ ତୁ ପଚାରୁ', 'ଓହରାନନ୍ଦଙ୍କ ଅଭିନ୍ନ ପ୍ରବଚନମାଳା', 'କଳିଯୁଗର ଶେଷ ବେଳାରେ', 'ସାହିତ୍ୟର ପାରାପାର', 'ଆମ କଥା ସାହିତ୍ୟର କଥା ଓ ରମ୍ୟ ରଚନା' ଆଦି ଧ୍ୟାନସ୍ଥ ଚିତ୍ତରେ ପାଠ କଲେ ଆତ୍ମା ଊର୍ଦ୍ଧ୍ୱଗମୁଖୀ ହେବାର ସମ୍ଭାବନା ଉନ୍ମୁକ୍ତ। ଯେଉଁମାନେ ବିଷାଦ ଜର୍ଜରିତ, ଏ ପୃଥିବୀରେ ଜ୍ଞାନ କରନ୍ତି ନିଜକୁ ନିଃସଙ୍ଗ ସେମାନଙ୍କର ନିଜ ଚିରଈପ୍ସିତ ମଣିଷ ବା ଈଶ୍ୱରଙ୍କ ସହିତ ବି ସାକ୍ଷାତ ହୋଇଯିବା ଆଦୌ ଅସମ୍ଭବ ନୁହେଁ। ଏ ଦୁନିଆରେ ଆଶା-ଦୀପ୍ତ କିଛି ବି ଘଟି ଯାଇପାରେ। 'ନିବେଦିତାର ନୈଶାଭିସାର' ଦୀର୍ଘ ଗଳ୍ପଟିରେ ଏହି ଅନ୍ତର୍ସତ୍ୟ ଚମତ୍କୃତ କରିଦେବ ଆମକୁ ସୁନିଶ୍ଚିତ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପିଡିଏସ୍ ସାମଗ୍ରୀ ବଣ୍ଟନକୁ ନେଇ ଏସ୍‌ଏଚ୍‌ଜି-ସରପଞ୍ଚ ବିବାଦ

ବାଲିକୁଦା,୭।୧୦(ସମିସ):



ପିଡିଏସ୍ ସାମଗ୍ରୀ ବଣ୍ଟନକୁ ନେଇ ବାଲିକୁଦା ବ୍ଲକ ଇଛାପୁର ପଞ୍ଚାୟତରେ ଏକ ଏସ୍‌ଏଚ୍‌ଜି ଓ ସରପଞ୍ଚଙ୍କ ମଧ୍ୟରେ ବିବାଦ ତୀବ୍ର ରୂପ ନେଇଛି। ମା' ସାହାରେଇ ଏସ୍‌ଏଚ୍‌ଜିର ସଦସ୍ୟାମାନେ ସରପଞ୍ଚ ତଥା ସମିତି ସଭାପତିଙ୍କ ବିରୋଧରେ ପିଡିଏସ୍ ଡିଲର ପଏଣ୍ଟରୁ ଇ-ପିଓଏସ୍ ମେସିନ୍, ସ୍କାନର, ସେଲ୍ଫ ଷ୍ଟାମ୍ପ, ରେଜିଷ୍ଟର, ଏସି ନୋଟ୍ ସମେତ ବିଭିନ୍ନ ଜରୁରୀ କାଗଜପତ୍ର ନେଇଯାଇଥିବା ଅଭିଯୋଗ କରିଛନ୍ତି। ସମିତିର ସମ୍ପାଦିକା ସୁମିତ୍ରା ସାହୁଙ୍କ ସମେତ ସଦସ୍ୟାମାନେ ଜଗତସିଂହପୁର ଉପଜିଲ୍ଲାପାଳଙ୍କ ସହ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ, ଏବିଡିଓ, ବ୍ଲକ ଯୋଗାଣ ବିଭାଗ ଅଧିକାରୀ, ବାଲିକୁଦା ପୁଲିସ ନିକଟରେ ଏନେଇ ଅଭିଯୋଗ କରିଥିବା ବେଳେ ବାଲିକୁଦା ବ୍ଲକ ଜନଶୁଣାଣିରେ ମଧ୍ୟ ଲିଖିତ ଅଭିଯୋଗ ଦେଇଥିବା ଜଣାପଡ଼ିଛି। ଏପରିକି ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାଏଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ଏସ୍‌ଏଚ୍‌ଜି ଦୀର୍ଘଦିନ ଧରି ପିଡିଏସ୍ ସାମଗ୍ରୀ ଉଠାଇ ହିତାଧିକାରୀଙ୍କୁ ବଣ୍ଟନ କରିଆସୁଥିଲା। ମାତ୍ର ସମିତିର ଅନ୍ୟ ସଦସ୍ୟାଙ୍କୁ ନଜଣାଇ ସମିତିର ସଭାପତି ତଥା ଇଛାପୁର ସରପଞ୍ଚ ରାଜଲକ୍ଷ୍ମୀ ପୁହାଣ ଓ ମନୋରମା ପୁହାଣ ପିଡିଏସ୍ ଡିଲର ପଏଣ୍ଟରୁ ଉପରୋକ୍ତ ସାମଗ୍ରୀ ନେଇଯାଇଥିବା ଅଭିଯୋଗ ହୋଇଛି। ଫଳରେ ଗତ କିଛିମାସ ଧରି ପ୍ରାୟ ୪୦ ପ୍ରତିଶତ ରାସନ୍ ସାମଗ୍ରୀ ବଣ୍ଟନ ହୋଇପାରୁନଥିବାରୁ ଖାଉଟିମାନେ ହଇରାଣ ହେଉଥିବା ସଦସ୍ୟାମାନେ ଦର୍ଶାଇଛନ୍ତି। ଏପରି ସ୍ଥିତିରେ ଖାଉଟିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ଲକରେ ପିଡିଏସ୍ ବଣ୍ଟନ ପାଇଁ ଏମ୍‌ଆଇଙ୍କୁ ଚାପ ପକାଯାଇଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ଏନେଇ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି, ଅଭିଯୋଗ ଆସିଛି। ତେବେ ଏହା ବ୍ଲକସ୍ତରୀୟ ସମସ୍ୟା ହୋଇଥିବାରୁ ବିଡିଓ ଏନେଇ ଯାହା ନିଷ୍ପତ୍ତି ନେବେ। ଅନ୍ୟପକ୍ଷରେ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଆଜି ପିଡିଏସ୍ ବଣ୍ଟନ ପାଇଁ ଆବଶ୍ୟକ ସମସ୍ତ ମେସିନାରୀ ସାମଗ୍ରୀ ସମ୍ପୃକ୍ତ ସମିତିକୁ ଯୋଗାଇ ଦିଆଯାଇଥିବା ଯୋଗାଣ ବିଭାଗ ଅଧିକାରୀ ଦେବଦତ୍ତ ଲେଙ୍କା ସୂଚନା ଦେଇଛନ୍ତି। ଉଭୟ ପକ୍ଷର ତିକ୍ତତା କାରଣରୁ ସମସ୍ୟା ଉପୁଜିଥିବାରୁ ପ୍ରଥମେ ସାଧାରଣ ଖାଉଟି କିପରି ରାସନ୍ ପାଇବେ, ସେଥିପ୍ରତି ବିଭାଗ ପ୍ରାଥମିକତା ଦେଇଥିବା ସେ କହିଛନ୍ତି। ପରବର୍ତ୍ତୀ ସମୟରେ ବିପିଏମ୍, ମିଶନ ଶକ୍ତିଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଲାଗି ଉଦ୍ୟମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାକୁ ନେଇ ଏସ୍‌ଏଚ୍‌ଜି ସଦସ୍ୟାମାନେ ଆଉ ଏକ ପ୍ରଶ୍ନ ଉଠାଇଛନ୍ତି। ପଞ୍ଚାୟତର ଜଣେ ନିର୍ବାଚିତ ସରପଞ୍ଚ କୌଣସି ଲାଭଜନକ ପଦବୀରେ ଅଧିଷ୍ଠିତ ହେବାର ସରକାରୀ ନିୟମ ଥିବା ବେଳେ ଇଛାପୁର ସରପଞ୍ଚ ଏକ ଏସ୍‌ଏଚ୍‌ଜିର ସଭାପତି ପଦରେ ରହିବା ସହ ପିଡିଏସ୍ ସାମଗ୍ରୀ ବଣ୍ଟନ ସହ ଜଡ଼ିତ ରହି ଏଥିରୁ ଲାଭ ପାଇବା କେତେଦୂର ଯୁକ୍ତିଯୁକ୍ତ, ତାହା ନେଇ ସେମାନେ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ ଜିଲ୍ଲାପାଳ ହସ୍ତକ୍ଷେପ କରି ନିୟମ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନେବା ସହ ପିଡିଏସ୍ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ବାଧାମୁକ୍ତ କରିବାକୁ ମା' ସାହାରେଇ ଏସ୍‌ଏଚ୍‌ଜିର ସମସ୍ତ ସଦସ୍ୟା ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ପୋଷଣ ପଦଯାତ୍ରା



ଜଗତସିଂହପୁର,୭।୧୦(ସମିସ): ରାଷ୍ଟ୍ରୀୟ ପୋଷଣ ମାସ ଅବସରରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ 'ପୋଷଣ ପଦଯାତ୍ରା' (ସଚେତନତା ଶୋଭାଯାତ୍ରା) ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମାତୃ ଓ ଶିଶୁ ପୋଷଣ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ପଡ଼ିଆରୁ ବାହାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରର ଅନେକ ମୁଖ୍ୟ ଅଂଶଗ୍ରହଣକାରୀ ଭାବେ ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ କିଶୋରୀ ବାଳିକା ସାମିଲ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସଦର ସିଡିପିଓ, ଲେଡି ସୁପରଭାଇଜର, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ମିଶନ ଶକ୍ତିର ଡିପିଏ ଓ ବିପିସି ପ୍ରମୁଖ ଶୋଭାଯାତ୍ରା ରେ ଯୋଗ ଦେଇଥିଲେ।

## ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳଙ୍କ ସ୍ମୃତିସଭା

ଜଗତସିଂହପୁର,୭।୧୦(ସମିସ): ଯଶସ୍ୱୀ ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ପଳାଶୋଳ ୟୁଥ ହେଲପିଙ୍ଗ ଚାରିଟେବୁଲ ଟ୍ରଷ୍ଟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳ ସ୍ମୃତି ପରିଷଦର ସଭାପତି ରମାରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମେନକା ଦାସ, ମୁଖ୍ୟବକ୍ତା ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ଓ ସମ୍ମାନନୀୟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ବରିଷ୍ଠ ନାଗରିକ ସର୍ବେଶ୍ୱର ପଣ୍ଡା, ସମାଜସେବୀ ବିଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ସାହୁ ଓ ଅବସରପ୍ରାପ୍ତ ଅଧିକାରୀ ତଥା ସାହିତ୍ୟିକ ଭବତୋଷ ସାମନ୍ତରାୟଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପରିଷଦର ଯୁଗ୍ମ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଷଦର ସମ୍ପାଦକ ତଥା ସମାଜସେବୀ ଅକ୍ଷୟ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବେତାର କଣ୍ଠଶିଳ୍ପୀ ଅଦୈତ ଚରଣ ପାତ୍ର, ରମେଶ ସ୍ୱାଇଁ, ଅରୁଣ କୁମାର ରାଉତରାୟ, ଉପ ସଭାପତି ତପନ ରାଉତରାୟ, ତରୁଣ କୁମାର ରାଉତରାୟ, ଅଜୟ ସ୍ୱାଇଁ, ଋତୁରାଜ ମହାନ୍ତି, ମାନସ ମହାନ୍ତି, ବାନାମ୍ବର ବେହେରା, କାବୁଲା ନାୟକ, ରାମଚନ୍ଦ୍ର ସାହୁ, ୱାର୍ଡ ସଭ୍ୟା ରୁକ୍ମଣୀ ଭୋଇ, କଲ୍ୟାଣ ପଟ୍ଟନାୟକ, ସୁରଜ ବେହେରା, ସ୍ୱାଇଁ ଅମୀୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସାହିତ୍ୟିକ ସ୍ୱର୍ଗତ ବିଶ୍ୱାଳ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ଶେଷରେ ତାଙ୍କର ସୁପୁତ୍ର ପ୍ରଦୀପ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପୁତ୍ର ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ,ନାତି ସୂର୍ଯ୍ୟସ୍ନାତ ମହାନ୍ତି, ନାତି ପ୍ରତ୍ୟୁଷ କୁମାର ବିଶ୍ୱାଳ, ଅଣନାତି ସ୍ନେହାଶିଷ ମହାନ୍ତି (ନିତାଇ) ପ୍ରମୁଖ ସହଯୋଗ କରିଥିଲେ।

## ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା




କୁଜଙ୍ଗ,୭।୧୦(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ପାରାଦୀପ ନିର୍ବାଚନ ମଣ୍ଡଳୀରେ ୧ନଂ ଜୋନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଟପୁର ପଞ୍ଚାୟତର ଜଟାଧାରୀ ବଟ ମହାପୁରୁଷଙ୍କ ପୀଠରେ ଜନସମ୍ପର୍କ ପଦଯାତ୍ରା ଅବସରରେ ଏକ କର୍ମୀ ସମାବେଶ ଆୟୋଜନ କରାଯାଇଥିଲା। ବିଜେଡି ନେତା ତଥା ପୂର୍ବତନ ବିଧାୟକ ଇଂ. ସମ୍ବିତ ରାଉତରାୟ ସଭାରେ ଓଡିଶା ବିଜେପି ସରକାରଙ୍କୁ କଡା ସମାଲୋଚନା କରିଥିଲେ। ସଭା ପୂର୍ବରୁ ଦଳୀୟ କର୍ମୀମାନେ ପାଟପୁର ହାଟ ନିକଟସ୍ଥ ବ୍ୟାଙ୍କ ଛକ ନିକଟରୁ ଏକ ପଦଯାତ୍ରାରେ ବିଜେପି ସରକାରର ବିଫଳତା ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ମିଟିଂ ସ୍ଥଳରେ ପହଞ୍ଚିଥିଲେ। ବିଜେଡି ପୂର୍ବତନ ପ୍ରଚାର କମିଟି ଅଧ୍ୟକ୍ଷ ଡ. ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ପୂର୍ବତନ ବିଜେଡି ରାଜ୍ୟ ସମ୍ପାଦକ ପ୍ରମୋଦ କିଶୋର ଜେନା ତାଙ୍କ ଭାଷଣରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା ବଖାଣି ଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଜିଲ୍ଲା ସମ୍ପାଦକ ମାନସ ପରିଡ଼ା, ପୋତାନଇ ସମିତିସଭ୍ୟ ସତ୍ୟବାନ ମୁଦୁଲି, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟମଣୀ ସେଠୀ, ଯୁବ ସଂଗଠକ ଅରୁପ୍ରସାଦ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଭାସ ଗୋଛାୟତ, କବିରଞ୍ଜନ ବେହେରା, ଦିବ୍ୟଜ୍ୟୋତି ଦାସ, ରଞ୍ଜନ କୁମାର ସାହୁ, ଅଂଶୁମାନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଧୂଳିମାଟିର ସନ୍ଥ ଥିଲେ ନାରାୟଣ ବୀରବର ସାମନ୍ତ




କୁଜଙ୍ଗ,୭।୧୦(ସମିସ): ଜୀବନର ଶେଷ ପର୍ଯ୍ୟନ୍ତ ଗାନ୍ଧୀବାଦ ବିଚାରଧାରା ପ୍ରତି ଅଟଳ ରହି ଜନ ମାନସରେ କୁଜଙ୍ଗ ଗାନ୍ଧୀ ଭାବରେ ଖ୍ୟାତ ନାରାୟଣ ବୀରବର ସାମନ୍ତଙ୍କ ତ୍ୟାଗ ଓ ଆଦର୍ଶ ପ୍ରତି ଯୁବପିଢ଼ି ଅନୁରକ୍ତ ରହି ପାରିଲେ ଦେଶ ଚରିତ୍ରବାନ ନେତୃତ୍ୱ ପାଇପାରିବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଛନ୍ତି। ଝିମାଣୀ ସ୍ଥିତ ନାରାୟଣ ବୀରବର ସାମନ୍ତ ମହାବିଦ୍ୟାଳୟ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟ, ସଂସ୍କୃତି, ଶିକ୍ଷା ଅନୁଷ୍ଠାନ ମେଘମହ୍ଲାର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଏକଦିବସୀୟ ସ୍ମାରକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କବି ପୀତାମ୍ବର ତରାଇଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଡ. ଭାଗବତ ଶୁକ୍ଳ ଯୋଗ ଦେଇ ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟ ଓ ବିଚାରଧାରାରୁ ଜୀବନର ଶେଷ ପର୍ଯ୍ୟନ୍ତ ବିଚ୍ୟୁତ ହୋଇ ନଥିଲେ। ସେ ଥିଲେ ଧୂଳିମାଟିର ସନ୍ଥ ବୋଲି କହିଥିଲେ। ମୁଖ୍ୟବକ୍ତା ପାରାଦୀପ ବନ୍ଦରର ପୂର୍ବତନ ସଚିବ ପ୍ରଭାତ କୁମାର ନନ୍ଦ ଭାରତୀୟ ମୁକ୍ତି ସଂଗ୍ରାମରେ ସାମନ୍ତଙ୍କ ଅବଦାନ ଅବିସ୍ମରଣୀୟ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଯେଉଁ କେତେଜଣ ମହାମନିଷୀ ତଥା ସ୍ୱାଧୀନତା ସଂଗ୍ରାମୀ ପଦବୀ, କ୍ଷମତା ଓ ବିଳାସବ୍ୟସନରୁ ବହୁଦୂରରେ ରହି ଗାନ୍ଧିଜୀଙ୍କ ସରଳ ଜୀବନଯାପନ ଶୈଳୀକୁ ଛାଡି ପାରି ନଥିଲେ, ସେମାନଙ୍କ ଭିତରୁ ସାମନ୍ତ ହେଉଛନ୍ତି ଅନ୍ୟତମ। ଜଣେ ଋଷିଙ୍କ ପରି ଆଜୀବନ ସମୟ ବିତାଇବା ଥିବାର ସାମନ୍ତଙ୍କ ଦୃଷ୍ଟିକୋଣ ପ୍ରତି ଯୁବ ନେତୃତ୍ୱମାନେ ଧ୍ୟାନ ଦେବା ଉଚିତ୍ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବନପ୍ରଭା ପରିଡା ଓ ଜଗନ୍ନାଥ ସଂସ୍କୃତି ଗବେଷିକା ଡ. ରୋଜାଲିନ ଅତିଥି ଭାବରେ ଯୋଗଦେଇ ସାମନ୍ତଙ୍କ ସାହିତ୍ୟ ଓ ସମାଜ ସେବା ସଂପର୍କରେ ଆଲୋକପାତ କରିଥିଲେ। ସଭାପତି ଅଭିଭାଷଣରେ କବି ପୀତାମ୍ବର ତରାଇ ସାମନ୍ତଙ୍କ ପରି ଯୋଗଜନ୍ମା ପୁରୁଷଙ୍କ ଦେଶପ୍ରତି ଅବଦାନକୁ ଯଥା ସମ୍ମାନ ଜଣାଇ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପୂଜ୍ୟପୂଜା କ୍ୟାଲେଣ୍ଡରରେ ମୃତ୍ୟୁର ସତେଇଶି ବର୍ଷ ପରେ ବି ସାମନ୍ତଙ୍କୁ ସ୍ଥାନ ନମିଳିବା ଦୁଃଖର ବିଷୟ। ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଥିଲେ। ପ୍ରାରମ୍ଭରେ ମେଘମହ୍ଲାର ସଂପାଦିକା କବି ପ୍ରଭାତୀ ମାଝୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଏକାଡେମୀ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ସଂଭାଷଣ ରଖିଥିଲେ। କବି ଉମାକାନ୍ତ ନାୟକଙ୍କ ସଭାପତିତ୍ୱରେ ମୋନାଲିସା ସଂପାଦିକା ସଂଘମିତ୍ରା ସ୍ୱାଇଁ ଓ ତୁଳସୀ ବରାଳଙ୍କ ସଂଯୋଜନାରେ ୫୦ରୁ ଅଧିକ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଡ. କିଶୋର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା ସମିତି ପକ୍ଷରୁ ହେଲମେଟ ବିତରଣ




ଜଗତସିଂହପୁର,୭।୧୦(ସମିସ): ଜଗତସିଂହପୁର ପୌରପରିଷଦ ମୁଖ୍ୟ ଫାଟକ ସମ୍ମୁଖରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ତରଫରୁ ଜିଲ୍ଲାପାଳ ଜେ.ସୋନାଲ ଏବଂ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ଉପସ୍ଥିତିରେ ବିନା ହେଲମେଟରେ ଯାଉଥିବା ଦୁଇଚକିଆ ପଥଚାରୀମାନଙ୍କୁ ସଡ଼କ ସୁରକ୍ଷା ସଚେତନତା କରିବା ସହ ହେଲମେଟ୍ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ବିନା ହେଲମେଟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କହିଥିଲେ ଯେ, ଯେଉଁ ହସ ମୁହଁରେ ରଖି ସେମାନେ ଘରୁ ବାହାରୁଛନ୍ତି, ସେହି ହସ ସହ ପୁଣି ପରିବାର ପାଖକୁ ଫେରିବା ଦରକାର। ସୁରକ୍ଷାର କିଛି ଉପାୟ ଆମ ହାତରେ ଅଛି। ତେଣୁ ସଡ଼କ ସୁରକ୍ଷାର ନିୟମ ମାନି ଆମେ ନିଜ ତଥା ସମାଜର କଲ୍ୟାଣ କରିପାରିବା ବୋଲି ସେ କହିଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ବର୍ମା ମଧ୍ୟ ସମସ୍ତଙ୍କୁ ସଡ଼କ ସୁରକ୍ଷାର ନିୟମ ମାନି ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ପଥଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରିଣୀ ପ୍ରତିଚୀ ତନୟା ମହାନ୍ତି, ମଟର ଯାନ ନିରୀକ୍ଷକ ପ୍ରତାପ କୁମାର ବେହେରା, ଯୁଗ୍ମ ମଟରଯାନ ନିରୀକ୍ଷକ ଦମୟନ୍ତୀ ମାହାଲି ଏବଂ ଯୁଗ୍ମ ମଟରଯାନ ନିରୀକ୍ଷକ ମନୋରମା ମାଝୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକୁ ଆଞ୍ଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ସମ୍ପାଦନା କରିଥିଲେ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସହକର୍ମୀ ମାନେ ପରିଚାଳନା କରିଥିଲେ।

## ଗଡକୁଜଙ୍ଗରେ ନୂତନ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ




ପାରାଦୀପ,୭।୧୦(ସମିସ): ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ପକ୍ଷରୁ ଗଡକୁଜଙ୍ଗରେ ଏକ ନୂତନ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଗ୍ରାମ ବିକାଶର ପ୍ରାଥମିକତାକୁ ଆଧାର କରି ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନର ସହଯୋଗରେ ଏହି ଅତ୍ୟାଧୁନିକ ଗୋଷ୍ଠୀ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଦୀର୍ଘଦିନ ଧରି ଗଡକୁଜଙ୍ଗବାସୀଙ୍କ ପାଇଁ ସାମୂହିକ ଭାବେ ଏକାଠି ହେବା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏକ ସ୍ୱତନ୍ତ୍ର ସାଧାରଣ ସ୍ଥାନର ଅଭାବ ରହିଥିଲା। ନୂତନ ଗୋଷ୍ଠୀ କେନ୍ଦ୍ର ଏହି ଦୀର୍ଘଦିନର ଆବଶ୍ୟକତାକୁ ପୂରଣ କରିବା ସହ ଗ୍ରାମବାସୀଙ୍କ ପାଇଁ ବୈଠକ, ସାଂସ୍କୃତିକ କାର୍ଯ୍ୟକ୍ରମ, ସାମାଜିକ ଉତ୍ସବ ଓ ବିଭିନ୍ନ ସାମୂହିକ ଆୟୋଜନ ପାଇଁ ଏକ ସୁବିଧାଜନକ ଓ କେନ୍ଦ୍ରୀୟ ସ୍ଥାନ ଭାବେ କାର୍ଯ୍ୟ କରିବ। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ମନୋଜ ସିଂହ, ଜେଏସଡବ୍ଲୁ ଫାଉଣ୍ଡେସନର ସିଇଓ ରିତେଶ ସିହ୍ନା, ଜନସମ୍ପର୍କ ବିଭାଗର ଏଭିପି ସମରେନ୍ଦୁ ପଟ୍ଟନାୟକ, ଜେଏସଡବ୍ଲୁ ଫାଉଣ୍ଡେସନ ଓଡ଼ିଶାର ଜିଏମ ପ୍ରଶାନ୍ତ ବିଶ୍ୱାଳ ଏବଂ ସିଏସଆର ହେଡ୍ ଅଭିଜିତ ମହାନ୍ତିଙ୍କ ସମେତ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଗଡକୁଜଙ୍ଗ ସରପଞ୍ଚ କବିତା ଦାସ, କୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟର ପରିଚାଳକ ରାଜେନ୍ଦ୍ର ବେହେରାଙ୍କ ସମେତ ଯଦୁନାଥ ଖଟୁଆ, ପ୍ରଶାନ୍ତ ଦାସ ଓ ନଳିନୀକାନ୍ତ ବେହେରା ଏବଂ ଅନ୍ୟାନ୍ୟ ସ୍ଥାନୀୟ ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବ୍ରାଉନସୁଗର ଜବତ; ୨ ଗିରଫ

ନାଉଗାଁ,୭।୧୦(ସମିସ): ନାଉଗାଁ ଥାନା ପୁଲିସ ପକ୍ଷରୁ ଦେବୀଦୋଳ ପୋଲ ନିକଟରେ ୧୦ ଗ୍ରାମ ବ୍ରାଉନସୁଗର ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯିଛି। ଭଦ୍ରକ ଜିଲ୍ଲା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଗୋବିନ୍ଦପୁର ଗ୍ରାମର ଯାନୀ ସାହା ଓ ଆଜିଜୁଲ୍ଲା ସାହା ଏକ ଟୟଟା ଗ୍ଲାଞ୍ଜା କାର୍ ଯୋଗେ ବ୍ରାଉନସୁଗର ନେଇ ଆସୁଥିବା ବେଳେ ପୁଲିସର ନାକା ଚେକିଂ ଚାଲିଥିବା ସମୟରେ ଧରା ପଡି ଯାଇଥିଲେ। ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ବ୍ୟବହୃତ କାର୍, ୩ଟି ମୋବାଇଲ୍ ଫୋନକୁ ଜବତ କରି ସେମାନଙ୍କ ନିକଟରୁ ୧୦ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନ ସୁଗାର ଜବତ କରିଥିଲା। ଅନ୍ୟପଟେ ଏହି ଘଟଣାକୁ ଆଧାର କରି ଏଣ୍ଡିପିଏସ ଆକ୍ଟ ଅନୁଯାଇ ଗୋଟେ କେସ ୨୨୮/୨୬ ଦାୟର କରି ଆଜି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନାଉଗାଁ ଥାନା ଅଧିକାରୀ ଦେବାଶିଷ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି।

## ନିଶାମୁକ୍ତ ସଚେତନତା ପଦଯାତ୍ରା

ପାରାଦୀପ,୭।୧୦(ସମିସ): ପାରାଦୀପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆଜି ନିଶାମୁକ୍ତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀଙ୍କ ମାର୍ଗଦର୍ଶନରେ ଏହି ନିଶାମୁକ୍ତ ଅଭିଯାନ ଆୟୋଜିତ ହୋଇଥିଲା ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା କାଦମ୍ବିନୀ ସାହୁଙ୍କ ଦ୍ୱାରା ଏହା ପରିଚାଳିତ ହୋଇ ପାରାଦୀପ ମହାବିଦ୍ୟାଳୟରୁ ଏହି ପଦଯାତ୍ରା ଆରମ୍ଭ ହୋଇ ବଡପଡ଼ିଆ ଥାନା ପର୍ଯ୍ୟନ୍ତ ଯାଇଥିଲା। ସ୍ୱେଚ୍ଛାସେବୀ ମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

- ନିମିଢ଼ି ଗ୍ରାମରେ ସମସ୍ତ ବିବାଦର ଅନ୍ତ

## ଶାନ୍ତିଶୃଙ୍ଖଳାରେ ହେଲା ଗଣେଶ ଭସାଣି

ପାରାଦୀପ,୭।୧୦(ସମିସ): ପାରାଦୀପ ଉପକଣ୍ଠ ନିମିଢ଼ି ଗ୍ରାମରେ "ମା' ରାମଚଣ୍ଡୀ କ୍ଲବ୍' ପକ୍ଷରୁ ସମସ୍ତ ପୂର୍ବ ବିବାଦର ଅନ୍ତ ଘଟାଇ, କ୍ଲବର ସମସ୍ତ ବ୍ୟକ୍ତିବିଶେଷଙ୍କ ସହାୟତାରେ ଶାନ୍ତିପୂର୍ଣ୍ଣ ଭାବରେ ବାବା ଗଣେଶଙ୍କ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ଭାସ୍କର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଚନ୍ଦ୍ରକାନ୍ତ ସ୍ୱାଇଁ, ନିରଞ୍ଜନ ପରିଡା, କ୍ଲବର ମୁରବିବୃନ୍ଦ ତଥା ସମସ୍ତ ସଦସ୍ୟ ଓ ଯୁବପିଢ଼ି ଉପସ୍ଥିତ ରହି ମା' ଶାରଳାଙ୍କ ଘଣ୍ଟ ପାଟୁଆ ଓ ସିଂହବାଜା ବଜାଇ ଏକ ନିଆରା ଢଙ୍ଗରେ ପ୍ରଶାସନ ନିୟମକୁ ସମ୍ମାନ ଜଣାଇ ବିନା ଡିଜେ ଓ ମାଇକ୍ ସାଉଣ୍ଡରେ ଶୋଭାଯାତ୍ରା ପରିଚାଳନା କରାଯାଇଥିଲା। ଏଥିସହିତ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପାରାଦୀପ ଲକ୍ ଥାନା ପୁଲିସ ଫୋର୍ସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ସମଗ୍ର ଭସାଣି ଉତ୍ସବକୁ ସଫଳତାର ସହ ଶେଷ କରାଯାଇଛି, ଯାହାକୁ ନେଇ ସମଗ୍ର ଗ୍ରାମରେ ଆନନ୍ଦର ଲହରୀ ଖେଳିଯାଇଛି। ଲକ୍ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାସଙ୍କ ଦୃଢ଼ ନେତୃତ୍ୱ ଓ ଇଚ୍ଛାଶକ୍ତି ଯୋଗୁଁ ନିମିଢ଼ି ଗ୍ରାମରେ ଭାଇଚାରା ପୁନର୍ଜୀବିତ ହୋଇଥିବା କୁହାଯାଉଛି। ତେବେ ଦୀର୍ଘ ଏକ ସପ୍ତାହ ଧରି ଲାଗିରହିଥିବା ଅଶାନ୍ତ ପରିବେଶର ସମାପ୍ତି ଘଟିଛି।

# ପିସିଏଲ୍ ସିଜନ୍-୫ର ଟ୍ରଫି ଓ ଜର୍ସି ଉନ୍ମୋଚିତ

ଜଗତସିଂହପୁର,୭।୧୦(ସମିସ):




ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଖଇରଙ୍ଗ ପଞ୍ଚାୟତର ପିସିସି ହୋମ୍ ଗ୍ରାଉଣ୍ଡରେ ପିସିଏଲ୍ ସିଜନ୍-୫ର ଟ୍ରଫି ଓ ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ବହୁ ଆଡମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖଇରଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ଲିପକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରଫି ଓ ଜର୍ସି ଉନ୍ମୋଚନ କରିଥିବା ବେଳେ ଚଳିତ ପିସିଏଲ୍ ସିଜନ୍-୫ ଲିଗ୍‌ରେ ମୋଟ ୭ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ପିସିସି ଲିଟିଲ୍ ଜିଆଣ୍ଟ, ପିସିସି ୱାରିଅର, ପିସିସି କୋବ୍ରା ୧୧, ପିସିସି ଭିକ୍ଟରୀ ଭାଇପର୍ସ, ପିସିସି ଡାରିଂ ଡେଭିଲ୍ସ, ଓସିଏ ୱାରିଅର୍ସ ଏବଂ ପିସିସି ସସ୍ପେନ୍ସ ସ୍ପୋର୍ଟ ଆଦି ଦଳ ଏଥିରେ ଭାଗ ନେବେ। ଏଥର ନିଲାମ ପ୍ରକ୍ରିୟାରେ ପ୍ରାୟ ୩୦୦ ଜଣ ଖେଳାଳି ନିଜ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୦ ଜଣ ଖେଳାଳିଙ୍କୁ ବିଭିନ୍ନ ଦଳ ଚୟନ କରିଛନ୍ତି। ଏହି ୧୨୦ ଜଣ ଯୁବ ଓ ପ୍ରତିଭାବାନ ଖେଳାଳିଙ୍କୁ ନେଇ ଆସନ୍ତା ଅକ୍ଟୋବର ୧୬ ତାରିଖରୁ ପିସିଏଲ ସିଜନ୍-୫ ଆରମ୍ଭ ହେବ। ଚାମ୍ପିଅନ୍ ଦଳକୁ ୫୦ ହଜାର ଟଙ୍କା ଏବଂ ରନର୍ସ-ଅପ୍ ଦଳକୁ ୩୦ ହଜାର ଟଙ୍କା ନଗଦ ପୁରସ୍କାର ସହିତ ଆକର୍ଷଣୀୟ ଉପହାର ଓ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯିବ। ଏନେଇ କ୍ଲବର କାର୍ଯ୍ୟକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ଲିଗ୍‌ରେ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ, ଅନ୍ୟ ଜିଲ୍ଲାରୁ ମଧ୍ୟ ବହୁ ପ୍ରତିଭାବାନ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଏହା ଦ୍ୱାରା ନୂତନ କ୍ରିକେଟ୍ ପ୍ରତିଭାଙ୍କୁ ସୁଯୋଗ ମିଳିବା ସହିତ ଖେଳାଳିମାନଙ୍କ ମଧ୍ୟରେ ସ୍ନେହ, ସୌହାର୍ଦ୍ଦ ଓ ଭ୍ରାତୃତ୍ୱର ସମ୍ପର୍କ ମଧ୍ୟ ଦୃଢ଼ ହେଉଛି। ନୂତନ ଓ ଲୁକ୍କାୟିତ କ୍ରିକେଟ୍ ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ହେଉଛି ପିସିଏଲ ଲିଗର ମୁଖ୍ୟ ଉଦ୍ଦେଶ୍ୟ। ଜଗତସିଂହପୁର ଜିଲ୍ଲାର ଅନ୍ୟତମ ପୁରାତନ କ୍ରିକେଟ୍ ସଂଗଠନ ପିସିସି କ୍ଲବର କାର୍ଯ୍ୟକର୍ତ୍ତା ସମ୍ବିତ, ଶିବପ୍ରସାଦ, ଶୈଳେନ୍ଦ୍ରୁ, ସଞ୍ଜୟ, ବଣ୍ଟିଲ, ସତ୍ୟ, ଗିରିଜା, ରାଜେଶ, ମନୋଜ, ଶିବୁଲ, ତନ୍ମୟ, ସନ୍ତୋଷ, ଆନନ୍ଦ ଓ ଜୟପ୍ରକାଶ କହିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ଏହି ଲିଗ୍ ମାଧ୍ୟମରେ ଅଧିକରୁ ଅଧିକ ଯୁବ କ୍ରିକେଟ୍ ପ୍ରତିଭାଙ୍କୁ ସୁଯୋଗ ଦିଆଯିବ। ପିସିଏଲ ସିଜନ୍-୫କୁ ସଫଳ କରିବା ପାଇଁ କ୍ଲବର କାର୍ଯ୍ୟକର୍ତ୍ତା, ଖେଳାଳି ଓ ଖେଳପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି।

## ବନ୍ୟପ୍ରାଣୀ ସପ୍ତାହ ପାଳିତ

# ଐତିହ୍ୟ ପ୍ରାଣୀ ହାତୀର ସଂରକ୍ଷଣ ଜରୁରୀ

ଢେଙ୍କାନାଳ,୭ ।୧୦(ସମିସ)



ମହିଷାପାଟସ୍ଥିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ଏଥିରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷିତ ଡ. ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଐତିହ୍ୟ ପ୍ରାଣୀ ହାତୀର ସଂରକ୍ଷଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଆଠମଲ୍ଲିକ, ଆଠଗଡ଼, ଅନୁଗୋଳ ଓ ଢେଙ୍କାନାଳ ବନଖଣ୍ଡକୁ ନେଇ ଗଠିତ ଅନୁଗୋଳ ସର୍କଲ୍‌ରେ ସମଗ୍ର ଓଡ଼ିଶାର ୪୦ ପ୍ରତିଶତ ହାତୀ ରହିଛନ୍ତି। ଏଣୁ ଏସବୁ ଅଞ୍ଚଳରେ ହାତୀ-ମଣିଷ ଲଢ଼େଇ ସବୁଠୁ ଅଧିକ। ଜଙ୍ଗଲରେ ହାତୀଙ୍କ ଖାଦ୍ୟାଭାବ ଦୂର ପାଇଁ ବାଉଁଶ, ବର, ଅଶ୍ୱତ୍ଥ, କଦଳୀ ଓ ନାପିୟର ଜାତୀୟ ବଡ଼ ଘାସ ଅଧିକ ପରିମାଣରେ ଲଗାଇବା ଯୋଜନା କରାଯାଉଛି। ନିଜର ସୁରକ୍ଷା ପାଇଁ ହାତୀପ୍ରବଣ ଅଞ୍ଚଳର ଅଧିବାସୀ ସକାଳ ୭ଟାରେ ଶୌଚ ବା ବଗିଚା କାମରେ ବାହାରକୁ ଯିବା ଆଦୌ ନିରାପଦ ନୁହେଁ। ଏହାକୁ ମାନିଲେ ହାତୀ ଆକ୍ରମଣ ଜନିତ ମୃତ୍ୟୁ ଘଟଣା ଖୁବ୍ କମ୍ ଘଟିବ ବୋଲି ଡ. ସ୍ୱାଇଁ ମତ ଦେଇଥିଲେ।

ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ ଯୋଗଦେଇ କହିଲେ, ହାତୀକୁ ନେଇ ଓଡ଼ିଶା ମହାଭାରତ ଯୁଗରୁ ପ୍ରସିଦ୍ଧିଲାଭ କରିଆସିଛି। ମହାଭାରତ ଯୁଦ୍ଧରେ ନିହତ ଅଶ୍ୱତ୍ଥମା ହସ୍ତୀ ପରୋକ୍ଷରେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ମୃତ୍ୟୁର କାରଣ ପାଲଟିଥିଲା ବୋଲି ସେ କହିଥିଲେ। ପରିବେଶବିତ୍ ଦୀପ୍ତିମୟୀ ଲେଙ୍କା ପରିବେଶ ସୁରକ୍ଷାରେ ପ୍ଲାଷ୍ଟିକ ବ୍ୟବହାର କିଭଳି ଗୁରୁତର ପ୍ରଭାବ ସୃଷ୍ଟି କରୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ବିଜୟ ଦାସ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେ, ଜିଲ୍ଲାପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ହାତୀ ସୁରକ୍ଷା ଓ ଅନ୍ୟ ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ରୂପେ ପରିଚିତ ଜଙ୍ଗଲର ସୁରକ୍ଷା ସହ ଏହାର ସାନ୍ଦ୍ରତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଗୋଳର ଆଇନଜୀବୀ ଅଶୋକ ପଟ୍ଟନାୟକ ଓ ସ୍ନେହା ଅନୁଷ୍ଠାନର ରଣଜିତ୍ ପଟ୍ଟନାୟକ ଆଲୋଚନାରେ ଭାଗ ନେଇଥିଲେ। ଢେଙ୍କାନାଳ ବନଖଣ୍ଡ ଜାଇକା ପ୍ରକଳ୍ପର ବିଷୟ ବିଶେଷଜ୍ଞ ଅମୀୟ ପରିଡ଼ା ସଭା ସଂଯୋଜନା କରିଥିଲେ। ସହକାରୀ ବନସଂରକ୍ଷକ ନୀଳେନ୍ଦ୍ର ନାରାୟଣ ସିଂ ଦଳପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାର୍ ଆସୋସିଏସନ ପ୍ରାଙ୍ଗଣରେ ସ୍ୱାସ୍ଥ୍ୟ ଶିବିର

ଢେଙ୍କାନାଳ,୭ ।୧୦(ସମିସ): ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ହେଲ୍‌ଥ ଭିଲ୍ଲା ପକ୍ଷରୁ ଢେଙ୍କାନାଳ ବାର ଆସୋସିଏସନ ପ୍ରାଙ୍ଗଣରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବହୁ ଆଇନଜୀବୀ, ବାର ସଦସ୍ୟ, କର୍ମଚାରୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ବିଭିନ୍ନ ରୋଗ ସମ୍ପର୍କରେ ପରାମର୍ଶ ଗ୍ରହଣ କରିଥିଲେ। ହେଲ୍‌ଥ ଭିଲ୍ଲାର ମ୍ୟାନେଜର ନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଡା. ସୃଷ୍ଟି ସିଂହ ୭୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାଦାବ ଆହମଦ ଶିବିର ସଂଯୋଜନା କରିଥିଲେ। ଥେରାପିଷ୍ଟ ଅନନ୍ତା, ତିଲୋତ୍ତମା ଏବଂ ସଙ୍ଗୀତା ସହଯୋଗ କରିଥିଲେ।

## ଦୁଃସାହସିକ ବାଇକ୍ ଯାତ୍ରା ପାଇଁ ଅଜୟଙ୍କୁ ସମ୍ବର୍ଦ୍ଧନା



ଭୁବନ,୭ ।୧୦(ସମିସ): ଭୁବନ ଅଞ୍ଚଳର ଉଦୀୟମାନ ଯୁବକ ଅଜୟ ଗୁରୁ ଦୁଃସାହସିକ ବାଇକ୍ ଯାତ୍ରା କରି ଲଦାଖ ସିଆଚିନ ସୀମାରୁ ଫେରିଛନ୍ତି। ଏହି ଅବସରରେ ଭୁବନ କାପୁଡ଼ିଆ ସମାଜ ୟୁଥ ଅର୍ଗାନାଇଜେସନ୍ ତରଫରୁ ତାଙ୍କୁ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଉମେଶ ଦାସ, ଲକ୍ଷ୍ମଣ ଦାସ, ଦିଲୀପ ଦାସ, ଅମ୍ବୁଜ ସାହୁ, ନିରଞ୍ଜନ ଗୁରୁ, ନରେନ୍ଦ୍ର ବେହେରା, ସନ୍ତୋଷ ରାଉଳ, ଦେବାନନ୍ଦ ସାହୁ, ନାରାୟଣ ନାୟକ, ରାକେଶ ପୃଷ୍ଟି, ଲିଙ୍ଗରାଜ ସାହୁ, ପିଣ୍ଟୁ ଦାସ, ମିଥୁନ ପାତ୍ର, ରାମଚନ୍ଦ୍ର ନାୟକ, ଟିଟୁ ଦାସ, ଜଗନ୍ନାଥ ଗୁରୁ, ରାଜେନ୍ଦ୍ର ଗୁରୁ, ସୁଶାନ୍ତ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ ପାଳିତ



କାମାକ୍ଷାନଗର,୭ ।୧୦(ସମିସ): କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ୍ ଡିଗ୍ରୀ ମହାବିଦ୍ୟାଳୟରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ମହାବିରୋଡ୍ ବନାଞ୍ଚଳ, ଟାଟା ପାୱାର ଓ ସ୍ନେହା ଏନଜିଓ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଧର୍ମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ରାଜେଶ କୁମାର ଦେହୁରୀ, ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ମହାବିରୋଡ୍ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ର, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଶୁଭାଶିଷ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ବେହେରା, ସ୍ନେହା ଏନଜିଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାମାସ୍ୱାମୀ କ୍ରିଷ୍ଣନ, ଓଡ଼ିଶା ଶାଖା ମୁଖ୍ୟ ରଞ୍ଜିତ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜଙ୍ଗଲ, ପରିବେଶ ଓ ବନ୍ୟଜନ୍ତୁ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ହାତୀ-ମଣିଷ ସଂଘର୍ଷ କିପରି ହ୍ରାସ ପାଇବ ଓ ଏହି ଅଞ୍ଚଳରେ ହାତୀ ଚଳପ୍ରଚଳ କରୁଥିବାରୁ ଭୋର ଓ ସନ୍ଧ୍ୟା ସମୟରେ ଜଙ୍ଗଲ ନିକଟବର୍ତ୍ତୀ ସ୍ଥାନକୁ ନ ଯିବା ପାଇଁ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନେଇ ବନ୍ୟଜନ୍ତୁ ସୁରକ୍ଷା ଓ ସହବସ୍ଥାନ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୩ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅରବିନ୍ଦ ମାଝୀ ମଞ୍ଚ ପରିଚାଳନା କରିଥିଲା ବେଳେ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମିକଙ୍କ ସ୍ୱାର୍ଥ ପଛ, କାରଖାନା ସ୍ୱାର୍ଥ ପ୍ରଥମ



ଢେଙ୍କାନାଳ,୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲାରେ ଶିଳ୍ପାୟନକୁ ପ୍ରାଧାନ୍ୟ ଦେଇ ଗୋଟିଏ ପରେ ଗୋଟିଏ ଶିଳ୍ପ ଗଢ଼ିଉଠୁଛି। ତେବେ ସ୍ଥାନୀୟ ଲୋକଙ୍କୁ ଏଥିରେ ନିଯୁକ୍ତି ମିଳିବା ତ ଦୂରର କଥା ଦୂଷିତ ପରିବେଶ ଏବଂ ଧୂଳିଧୂଆଁରେ ଦିନ କାଟୁଛନ୍ତି ଲୋକ। ପ୍ରଶାସନ ସର୍ବଦା କାରଖାନା ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଆସିଛି। ଓଡ଼ାପଡ଼ା ବ୍ଲକ ନିମିଧାସ୍ଥିତ ଏମଜିଏମ କାରଖାନାରୁ ବିନା କାରଣରେ ଶ୍ରମିକଙ୍କୁ ଛଟେଇ ପ୍ରତିବାଦରେ ଶ୍ରମିକ ଆନ୍ଦୋଳନ ପୂର୍ବରୁ ପ୍ରଶାସନ ଉକ୍ତ ସ୍ଥାନରେ ବୁଧବାର ବିଏନ୍‌ଏସ୍‌ର ୧୬୩ ଧାରା ଲଗାଇ କମ୍ପାନୀକୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି।

ଗତ ୩୦ ତାରିଖ କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟରତ ସତ୍ୟରଞ୍ଜନ ପଟ୍ଟନାୟକ, ବିଦେଶୀ ସିଂ ଓ ନିରଞ୍ଜନ ରାଉତଙ୍କୁ କାରଖାନା କର୍ତ୍ତୃପକ୍ଷ ବିନା କାରଣରେ ଛଟେଇ କରିଥିଲେ। ଶ୍ରମିକମାନେ କର୍ତ୍ତୃପକ୍ଷଙ୍କୁ ଏହାର କାରଣ ପଚାରିବାରୁ ସେମାନଙ୍କୁ ଧମକ ଦେଇ ଆହୁରି ଅନେକଙ୍କୁ ବାହାର କରିଦେବାକୁ ଧମକ ଦେଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏହାର ସୁବିଚାର କରିବା ପାଇଁ ଶ୍ରମିକମାନଙ୍କ ପକ୍ଷରୁ ଜିଲ୍ଲା ଶ୍ରମ ଅଧିକାରୀ, ପ୍ରଶାସନ ଓ ପୁଲିସକୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ

**ଏମଜିଏମ କାରଖାନା ଶ୍ରମିକ ଆନ୍ଦୋଳନ ସ୍ଥଳରେ ୧୬୩ ଧାରା**

ଥିଲା। ଏହାର ପ୍ରତିବାଦରେ ଶ୍ରମିକମାନେ ବୁଧବାରଠାରୁ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ତେବେ ଜିଲ୍ଲା ଶ୍ରମ ଅଧିକାରୀ ଓ ପ୍ରଶାସନ ଶ୍ରମିକଙ୍କ ଦାବି ନ ଶୁଣି କମ୍ପାନୀକୁ ସୁରକ୍ଷା ଦେବାକୁ ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରାଯାଇଥିଲା। ଶ୍ରମିକମାନେ କାରଖାନା ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ ମଧ୍ୟ ପୁଲିସ ସେମାନଙ୍କୁ ବାରଣ କରିବାରୁ ସେମାନେ କାରଖାନା ସମ୍ମୁଖ ଜାତୀୟ ରାଜପଥ କଡ଼ରେ ବସି ଅନଶନ ଆରମ୍ଭ କରିଛନ୍ତି। ପ୍ରଶାସନର ଏପରି ଶ୍ରମିକମାରଣ ନୀତିକୁ ବିଭିନ୍ନ ମହଲରେ ତୀବ୍ର ସମାଲୋଚନା କରାଯାଇଛି। ଶ୍ରମିକମାନଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, କାରଖାନା କର୍ତ୍ତୃପକ୍ଷ ସରକାରୀ ଜଙ୍ଗଲ ଜମି, ଗୋଚର ଜମିକୁ ବେଆଇନ ଭାବେ ଦଖଲ କରି କାରଖାନା କୋଠାବାଡ଼ି ନିର୍ମାଣ କରିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ଫଳରେ ଗ୍ରାମବାସୀ ସେତେବେଳେ ଆନ୍ଦୋଳନକୁ ଓହ୍ଲାଇବା ପୂର୍ବରୁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇ ଲୋକଙ୍କ ସ୍ୱରକୁ ଚାପି ଦିଆଯାଇଥିଲା। ଏହାକୁ ମଧ୍ୟ ସବୁ ମହଲରୁ ସମାଲୋଚନା କରାଯାଇଥିଲା।

## କୁସ୍ତିରେ ରଞ୍ଜିତଙ୍କ ସ୍ୱର୍ଣ୍ଣ ପଦକ ହାସଲ



ଢେଙ୍କାନାଳ,୭ ।୧୦(ସମିସ): ସିଏଚ୍‌ଏସ୍‌ଇ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କୁସ୍ତି ପ୍ରିୟୋଗିତାରେ ସଦର ବ୍ଲକ ପରିଖେଦା ଗ୍ରାମର ରଞ୍ଜିତ୍ କୁମାର ନାୟକ ତଥା ପରିମାଳ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ କଳା ଛାତ୍ର ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବିଗତ ଦିନରେ ସେ ଆନ୍ତଃ ବିଦ୍ୟାଳୟ, ଆନ୍ତଃ ଓପନ୍ କୁସ୍ତିରେ ଅଂଶଗ୍ରହଣ କରିଥିଲେ। ଗୁରୁ ଆର୍ଯ୍ୟ ପଟ୍ଟନାୟକଙ୍କଠାରୁ ସେ କୁସ୍ତି ଶିକ୍ଷା ଲାଭ କରୁଛନ୍ତି। ଆଫ୍ରିକାରେ ରହୁଥିବା ଜିଲ୍ଲାର ଯୁବ ଇଞ୍ଜିନିୟର ପ୍ରଦୀପ୍ତ ଖଟୁଆ, ଶୁଭଲକ୍ଷ୍ମୀ ବିଲ୍ଡରର ପ୍ରୋପ୍ରାଇଟର ଅତିଶ କୁମାର ମାର୍ଥା ଓ ଭୁବନେଶ୍ୱର ୱାର୍ଡ ନଂ-୬୫ର କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟସାହାଣୀ ପ୍ରମୁଖ ଢେଙ୍କାନାଳ ଜିଲ୍ଲାର କୁସ୍ତି ଖେଳାଳିଙ୍କୁ ଆର୍ଥିକ ସହଯୋଗ କରି ଆସୁଛନ୍ତି। ରଞ୍ଜିତଙ୍କ ଏହି ସଫଳତାରେ ପୂର୍ବତନ କୁସ୍ତି ଖେଳାଳି ହିମାଂଶୁ ଦାସ, ବିଦ୍ୟାଧର ବେହେରା, ଅଭୟ ଦେହୁରୀ, ଗୁରୁ ଆର୍ଯ୍ୟ ପଟ୍ଟନାୟକ, ନାଠୁଆ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ ଅଭିନନ୍ଦନ ଜଣାଇଛନ୍ତି।

## ହାତୀ ଆକ୍ରମଣରେ ମହିଳା ଗୁରୁତର

ହିନ୍ଦୋଳ/ଖଜୁରିଆକଟା,୭ ।୧୦(ସମିସ): ହିନ୍ଦୋଳ ବନାଞ୍ଚଳ ହାତୁରା ପଞ୍ଚାୟତ ବାଗୁଡା ଗ୍ରାମର ଜନୈକା ମହିଳା ହାତୀ ଆକ୍ରମଣରେ ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି। ବାଗୁଡା ଗ୍ରାମର ଅଜିତ ବେହେରାଙ୍କ ସ୍ତ୍ରୀ ସ୍ୱାଧୀନ ବେହେରା ୩୫ ଗ୍ରାମ ନିକଟସ୍ଥିତ ଯୋରକୁ ଗାଧୋଇବାକୁ ଯାଇ ଫେରୁଥିବାବେଳେ ନିକଟରେ ଥିବା ଏକ ବଣୁଆ ହାତୀ ଆକ୍ରମଣ କରି ଶୁଣ୍ଢରେ କଚାଡି ପାଦରେ ଦଳିଦେବାରୁ ସ୍ୱାଧୀନଙ୍କ ବାମ ଗୋଡ଼ ସମ୍ପୂର୍ଣ୍ଣ ଭାଙ୍ଗିଯିବାସହ ଗୁରୁତର ଆହତ ହୋଇଥିଲେ। ତେବେ ହାତିଟି ନିକଟସ୍ଥିତ ଜଙ୍ଗଲକୁ ପଳାଇଥିବାବେଳେ ଗୁରୁତର ଆହତ ସ୍ୱାଧୀନଙ୍କୁ ପରିବାର ସଦସ୍ୟ ଉଦ୍ଧାର କରି ଖଜୁରିଆକଟା ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଖବରପାଇ ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ସଦଳେବଳେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏଥିସହ ଡାକ୍ତରଖାନାରେ ପହଞ୍ଚି ଗୁରୁତର ଆହତଙ୍କ ଅଧିକ ଚିକିତ୍ସାପାଇଁ ପଦକ୍ଷେପ ନେବାସହ ଆବଶ୍ୟକ କ୍ଷତିପୂରଣ ପାଇଁ ପ୍ରତିଶୃତି ଦେଇ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ତେବେ ହାତୀ ମଣିଷ ଲଢେଇ ପାଇଁ ସରକାର କୌଣସି ପଦକ୍ଷେପ ନେଉ ନଥିବାରୁ ହିନ୍ଦୋଳ ଜନସାଧାରଣ ଜୀବନକୁ ପାଣିଛଡେଇ ରହିବାସହ ସରକାର, ପ୍ରଶାସନ ଓ ବନବିଭାଗ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



## ୪ ହଜାର କର୍ମଚାରୀଙ୍କ ପ୍ରଗତିକୁ ନୂଆ ଗତି



ଢେଙ୍କାନାଳ,୭ ।୧୦(ସମିସ): ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ଲିମିଟେଡ୍ ଏବଂ ଟାଟା ଷ୍ଟିଲ୍ ସପୋର୍ଟ ସର୍ଭିସେସ୍ ଲିମିଟେଡ୍ ଅଧୀନରେ ମେରାମଣ୍ଡଳୀ ପ୍ଲାଣ୍ଟରେ କାର୍ଯ୍ୟରତ ପ୍ରାୟ ୪ ହଜାର କର୍ମଚାରୀଙ୍କ ପାଇଁ ଗତ ୮ ବର୍ଷ ବେଶ୍ ପରିବର୍ତ୍ତନକାରୀ ସାବ୍ୟସ୍ତ ହୋଇଛି। କେବଳ କାର୍ଯ୍ୟକ୍ଷେତ୍ର ନୁହେଁ, ବରଂ କର୍ମଚାରୀମାନେ ନିଜ ଭବିଷ୍ୟତକୁ ଉନ୍ନତ କରିବାର ସୁବ୍ୟବସ୍ଥିତ ସୁଯୋଗ ପାଇପାରିଛନ୍ତି। ଏହାର ଏକ ବଡ଼ ଉଦାହରଣ ହେଉଛି, ଉଭୟ ଟିଏସଟିଏସଏଲ୍ ଓ ଟିଏସଏସଏସଏଲ୍‌ର ୩ ହଜାରରୁ ଅଧିକ କର୍ମଚାରୀ ପଦୋନ୍ନତି ପାଇସାରିଥିବା ବେଳେ ୩୦୦ରୁ ଅଧିକ କର୍ମଚାରୀ ସିଧାସଳଖ ଟାଟା ଷ୍ଟିଲ୍‌ର ମୂଳ ପେ-ରୋଲ୍‌କୁ ଉନ୍ନୀତ ହୋଇଛନ୍ତି। ୨୦୧୮ ମେ ମାସରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପ୍ଲାଣ୍ଟର ପରିଚାଳନା ଭାର ଗ୍ରହଣ କରିବା ପରଠାରୁ, ଏହାର ଦୁଇ ଶତପ୍ରତିଶତ ସହଯୋଗୀ ସଂସ୍ଥା ଟିଏସଟିଏସଏଲ୍ ଓ ଟିଏସଏସଏସଏଲ୍ ପକ୍ଷରୁ କ୍ୟାରିୟର ବିକାଶ, କାର୍ଯ୍ୟଦକ୍ଷତା, କର୍ମଚାରୀ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ପର୍ଯ୍ୟାୟକ୍ରମେ ଔପଚାରିକ ନୀତି ନିୟମ ପ୍ରଣୟନ କରାଯାଇଛି। ଉନ୍ନତ ସାମାଜିକ ସୁରକ୍ଷା ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବା ସହାୟତା ଏହି କର୍ମଚାରୀମାନଙ୍କ ଜୀବନଧାରଣ ମାନରେ ଉଲ୍ଲେଖନୀୟ ସୁଧାର ଆଣିପାରିଛି। ପ୍ରଗତିର ସ୍ୱଷ୍ଟ ପଥ ନିର୍ଦ୍ଧାରଣ ପୂର୍ବରୁ କର୍ମଚାରୀମାନଙ୍କ କ୍ୟାରିୟର ପ୍ରଗତିକୁ ସୁବ୍ୟବସ୍ଥିତ କରିବା ପାଇଁ ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଓ କାର୍ଯ୍ୟର ପ୍ରକାରକୁ ନେଇ ଏକ ନିର୍ଦ୍ଦିଷ୍ଟ ଗ୍ରେଡିଂ ବ୍ୟବସ୍ଥା ଲାଗୁ କରାଯାଇଛି। ଫଳରେ କର୍ମଚାରୀମାନେ ନିଜ ଦାୟିତ୍ୱ, ପଦବୀ ଏବଂ ପଦୋନ୍ନତିର ସୁଯୋଗ ସମ୍ପର୍କରେ ସ୍ପଷ୍ଟ ଧାରଣା ପାଇପାରୁଛନ୍ତି। ସେହିପରି ଟିଏସଏସଏସଏଲ୍ ପକ୍ଷରୁ ପରଫରମାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଯେଉଁଥିରେ ବାର୍ଷିକ ମୂଲ୍ୟାୟନ ଆଧାରରେ ବାର୍ଷିକ ଇନକ୍ରିମେଣ୍ଟ ଏବଂ ବୋନସ୍ ପ୍ରଦାନ କରାଯାଉଛି। କର୍ମଚାରୀମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ତଥା କମ୍ପାନୀର ପ୍ରଦର୍ଶନ ଆଧାରରେ ପ୍ରଯୁଜ୍ୟ ଆଇନଗତ ବୋନସ୍ କିମ୍ବା ପରଫରମାନ୍ସ ବୋନସ୍ ମଧ୍ୟରୁ ଯାହା ଅଧିକ, ତାହା ପ୍ରଦାନ କରାଯାଉଛି।

## ପୃଥକ୍ ଦୁର୍ଘଟଣାରେ ୨ ଗୁରୁତର

ପରଜଙ୍ଗ,୭ ।୧୦(ସମିସ): ପରଜଙ୍ଗ ଥାନା ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ସାଆନ୍ଦା ଫାଣ୍ଡି କଙ୍କିଳି ଗ୍ରାମର ଆଦିତ୍ୟ ପ୍ରଧାନ (୪୭) ଡ୍ୟୁଟି ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ କୁସୁମୀ ଛକ ବିଶ୍ୱାଳ ହୋଟେଲ ପାଖରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେହିପରି ହାତୀଲୁଚାଣୀ ଛକ ନିକଟରେ ପରଜଙ୍ଗରୁ କାର୍ଯ୍ୟ ସାରି ଫେରୁଥିବା ଗେହ୍ଲେଇଟାଟେଣୀ ଗ୍ରାମର କେଦାର ମହାରଣା (୩୬)ଙ୍କୁ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

## ସରିଲା ଖୁଦୁରୁକୁଣୀ ପୂଜା ଭସାଣି

ଭୁବନ,୭ ।୧୦(ସମିସ): ଭୁବନ ଏନ୍‌ଏସି ଅଞ୍ଚଳରେ ଚାଲିଥିବା ମା’ ଖୁଦୁରୁକୁଣୀଙ୍କ ପୂଜାର ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଆରା ସାହି, ତେଲି ସାହି, ବାଜିଛକ, ଚମାର ସାହି, ବଢ଼େଇ ସାହି, ଚିନାରା ସାହି, ସାଧୁଆ ସାହି, ଖଣ୍ଡିଆବନ୍ଧ, ବିଘ୍ନଛକ, ବଙ୍ଗାଳୀ ସାହି ସମେତ ବିଭିନ୍ନ ସାହିରେ ୩୫ରୁ ଉର୍ଦ୍ଧ୍ୱ ମଣ୍ଡପରେ ଖୁଦୁରୁକୁଣୀଙ୍କ ପୂଜା ହୋଇଥିଲା। ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଛି।

## ଔଷଧ ଦୋକାନରେ ଚଢ଼ଉ



ହିନ୍ଦୋଳ,୭ ।୧୦(ସମିସ): ଜିଲ୍ଲା ଭେଷଜ ବିଭାଗ ପକ୍ଷରୁ ପୁଲିସ ସହାୟତାରେ ବିଭିନ୍ନ ଔଷଧ ଦୋକାନରେ ଚଢ଼ଉ କରାଯାଇଛି। ଜିଲ୍ଲା ଆଡିସନାଲ ଡ୍ରଗ କଣ୍ଟ୍ରୋଲର ଦିଲୀପ କୁମାର ଜେନା, ଜିଲ୍ଲା ଡ୍ରଗ ଇନ୍ସପେକ୍ଟର ପବିତ୍ର ରଞ୍ଜନ କର ଓ ଡିଏସପି ନଳିତା ମୋଦି ମିଳିତ ଭାବେ ହିନ୍ଦୋଳ ଉପଖଣ୍ଡ ରାସୋଳ, ହିନ୍ଦୋଳ ସହର, ସାତମାଇଲ ଛକ, ଖଜୁରିଆକଟା ବଜାର ସମେତ ଜିଲ୍ଲାର ଭୁବନ, ମହାବୀରୋଡ୍ ଆଦି ଅଞ୍ଚଳରେ ଥିବା ଔଷଧ ଦୋକାନରେ ଚଢ଼ଉ କରିଥିଲେ। ବିନା ପ୍ରେସ୍କିପସନରେ କୌଣସି ଔଷଧ ବିକ୍ରି ନ କରିବା, ସମସ୍ତ ଔଷଧ ଦୋକାନରେ ସିସିଟିଭି ରଖିବା ବାଧ୍ୟତାମୂଳକ ସହିତ ନାର୍କୋଟିକ ଓ ସାଇକାଟ୍ରିକ ଓ କୌଣସି ନିଶାଜାତୀୟ ଔଷଧ ଥିବା ଦୋକାନରେ ଚଢ଼ଉ ଜୋରଦାର କରାଯାଇଥିଲା। ଏହି ଔଷଧ ବିକ୍ରି କରିବାକୁ ହେଲେ ଡାକ୍ତରଙ୍କ ପ୍ରେସ୍କିପସନର କପି ରଖିବା ବାଧ୍ୟତାମୂଳକ ବୋଲି ଦୋକାନୀମାନଙ୍କୁ ସଚେତନ କରାଯିବା ସହ ସମସ୍ତ ଦୋକାନର ବିଲ ରେଜିଷ୍ଟର ଯାଞ୍ଚ କରାଯାଇଥିଲା। ଏଥିସହିତ ଔଷଧ ନମୁନା ସଂଗ୍ରହ କରାଯାଇଥିଲା।

## ପାଣି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ



ଢେଙ୍କାନାଳ,୭ ।୧୦(ସମିସ): ପାଣି ସମସ୍ୟାକୁ ନେଇ ସଦର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ବୋରାପଦା ଖମାର ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବୋରାପଦା ଖମାର ୧୫ନଂ ୱାର୍ଡରେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏହି ଅଞ୍ଚଳରେ ଦୁଇଟି ନଳକୂପ ଥିଲେ ହେଁ ସେଥିରୁ ବାହାରୁଥିବା ପାଣି ପିଇବା ଯୋଗ୍ୟ ନୁହେଁ। ଏପରିକି ଗ୍ରାମବାସୀଙ୍କ ପାଇଁ ଗାଧୋଇବା ସମସ୍ୟା ମଧ୍ୟ ଦେଖାଦେଇଛି। ଗାଈଗୋରୁ ପାଣି ମୁନ୍ଦେ ପାଇପାରୁ ନାହାଁନ୍ତି। ଦୁଇଟି ନଳକୂପରୁ ବାହାରୁଥିବା ଦୂଷିତ ପାଣି ପିଇ କିଛିଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ମଧ୍ୟ ହୋଇଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପାଣି ଟାଙ୍କି ସହ ବୋର୍‌ୱେଲ ସୁବିଧା କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସମ୍ପର୍କରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ବେଳେ ଗ୍ରାମର ମଞ୍ଜୁ ଦେହୁରୀ, ଅନି ଦେହୁରୀ, ଶାନ୍ତି ଦେହୁରୀ, ରୁକୁଣୀ ଦେହୁରୀ, ପାର୍ବତୀ ମହାରଣା, ଉଦରୀ ନାଏକ, ବାଦୁଡ଼ି ବେହେରା ଓ ସାରୁଆ ମହାନ୍ତ ପ୍ରମୁଖଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ।

## ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ

ଗଁଦିଆ,୭ ।୧୦(ସମିସ): ଗଁଦିଆ ବ୍ଲକ ଲାଉଲଇସ୍ଥିତ ପ୍ରିୟଫିଜିଓଥେରାପି ସେଣ୍ଟରରେ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକ ଯୋଗଦେଇଥିଲେ। ଫିଓଥେରାପିଷ୍ଟ ନିବେଦିତା ନାୟକ, ସାହିଲ ଆଫ୍ରିଦ୍, ସତ୍ୟପ୍ରକାଶ ନାୟକ ଉପସ୍ଥିତ ଥିଲେ। ପ୍ରିୟର କର୍ମକର୍ତ୍ତା ଅନ୍ନପୂର୍ଣ୍ଣା ଧଳ, ସୋନାଲି ଧଳ, କୁସୁମିତା ବାଗ, ବର୍ଷାରାଣୀ ପ୍ରଧାନ, ଆଶାରାଣୀ ସାହୁ, ସାବିତ୍ରୀ ସାହୁ, ଲକ୍ଷ୍ମୀପ୍ରିୟା ଗାଗରାଇ, ରବୀନ୍ଦ୍ର ସାମଲ, ବୈକୁଣ୍ଠନାଥ ପାତ୍ର, ପ୍ରକାଶ ସାମଲ ସହଯୋଗ କରିଥିଲେ।

## ବିବାଦ ସମାଧାନ ପାଇଁ ବିଶେଷ ମଧ୍ୟସ୍ଥତା ଅଭିଯାନ

ଢେଙ୍କାନାଳ,୭ ।୧୦(ସମିସ): କୋର୍ଟଗୁଡ଼ିକରେ ବିଭିନ୍ନ ପ୍ରକାର ମଧ୍ୟସ୍ଥଯୋଗ୍ୟ ମାମଲା ସମାଧାନ ପାଇଁ ବିଶେଷ ମଧ୍ୟସ୍ଥତା ଅଭିଯାନ ଅଗଷ୍ଟ ୧ରୁ ସାରା ଦେଶରେ ଚାଲୁଛି। ଏହି କ୍ରମରେ ଢେଙ୍କାନାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମଧ୍ୟ ମଧ୍ୟସ୍ଥତା ଅଭିଯାନ ଚାଲୁଛି। ଏହି ଅଭିଯାନରେ ବିବାଦୀୟ ପକ୍ଷଗୁଡ଼ିକ ଅଦାଲତରେ ବିଚାର ନ କରି ନିରପେକ୍ଷ ତୃତୀୟ ପକ୍ଷଙ୍କ ସହାୟତାରେ ବିବାଦର ଗ୍ରହଣଯୋଗ୍ୟ ଏବଂ ସୃଜନାତ୍ମକ ଢଙ୍ଗରେ ସମାଧାନ କରିପାରିବେ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ଏହି ସମାଧାନ ସନ୍ତୋଷଜନକ। ଏହାବ୍ୟତୀତ ଅଦାଲତରେ ରାୟ ପାଇବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଏବଂ ସମୟ ଅପଚୟରୁ ମୁକ୍ତି ମିଳିଥାଏ। ମଧ୍ୟସ୍ଥତା ଦ୍ୱାରା ସମାଧାନ ହୋଇଗଲେ ଦାୟର ହୋଇଥିବା କୋର୍ଟ ଫି’ ଫେରସ୍ତ ବ୍ୟବସ୍ଥା ରହିଛି ବୋଲି ଆଇନସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

# ବ୍ରହ୍ମପୁତ୍ର ଭଲିବଲ୍ ଲିଗ୍; ତାଳବାହାଲ ରନର୍ସଅପ୍

ଢେଙ୍କାନାଳ,୭ ।୧୦(ସମିସ)




ଆସାମ ଗୁଆହାଟୀଠାରେ ଆୟୋଜିତ ବ୍ରହ୍ମପୁତ୍ର ଭଲିବଲ୍ ଲିଗ୍‌ରେ ଅନୁଗୋଳ ଜିଲ୍ଲା ତାଳବାହାଲର ୧୬ ବର୍ଷରୁ କମ୍ ବାଳିକା ଟିମ୍ ରନର୍ସଅପ୍ ହୋଇଛି। ଗୁଆହାଟୀର ଜଜେସ୍ ଫିଲ୍ଡସ୍ଥିତ ଜିଭିସିସି ଗ୍ରାଉଣ୍ଡରେ ଆୟୋଜିତ ଏହି ପ୍ରତିଯୋଗିତାରେ ତାଳବାହାଲ ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥଲା। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ତୃଣମୂଳ ସ୍ତରର କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ନେଇଥିବା ଗ୍ରାମାଞ୍ଚଳର କ୍ରୀଡ଼ାବିତମାନଙ୍କ ଏହି ସଫଳତା ଫାଉଣ୍ଡେସନ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଇଛି।

୨୦୨୫ ଡିସେମ୍ବରରେ କଳିଙ୍ଗ ଭଲିବଲ୍ ଡେଭଲପମେଣ୍ଟ କାଉନସିଲ୍ ଦ୍ୱାରା ଆୟୋଜିତ କଳିଙ୍ଗ ଭଲିବଲ୍ ଲିଗ୍‌ରେ ତାଳବାହାଲ ବାଳିକା ଦଳ ଅନୁଗୋଳ ଜିଲ୍ଲା ପାଇଁ ପ୍ରତିନିଧିତ୍ୱ କରି ଚାମ୍ପିଅନ୍ ହୋଇଥିଲା। ଏହି ବିଜୟ ଆଧାରରେ ଟିମ୍ ବ୍ରହ୍ମପୁତ୍ର ଭଲିବଲ୍ ଲିଗ୍‌ରେ ଖେଳିବା ପାଇଁ ମନୋନୀତ ହୋଇଥିଲା। ଗୁଆହାଟୀରେ ଅନୁଷ୍ଠିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ତାଳବାହାଲ ଦଳ ଜମ୍ମୁ-କାଶ୍ମୀର, ଝାଡ଼ଖଣ୍ଡ ଓ ମଣିପୁର ଦଳକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲା। ଫାଇନାଲ୍ ମ୍ୟାଚ୍‌ରେ ଆସାମ ବିପକ୍ଷରେ ମ୍ୟାଚ୍ ଖେଳି ୧-୩ ଗୋଲ୍‌ରେ ପରାଜିତ ହୋଇଥିଲା। ଦଳରେ ରୋଜାଲିନ୍ ନାୟକ, ବିଷ୍ଣୁପ୍ରିୟା ରାଉଳ, ସୌମ୍ୟା ସନ୍ଦୀପା ଗଡ଼ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମିକି ନାୟକ, ରିଙ୍କି ସାହୁ, ମିରାଲି ନାୟକ, ରୂପାଲି ନାୟକ, ସ୍ୱର୍ଣ୍ଣପ୍ରଭା ନାୟକ, ଶିବାନୀ ନାୟକ, ଶ୍ରାବଣୀ ନାୟକ ଓ ସାୟାନୀ ନାୟକ ସାମିଲ ଥିଲେ।

ସକାଳ THE SAKALA



# ୫୦ରୁ ଊର୍ଦ୍ଧ୍ୱ ହଷ୍ଟେଲ୍ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

ବାରିପଦା/ବଡ଼ସାହି/ମାଣତ୍ରୀ,୭ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ (ଏସ୍‌ଏସ୍‌ଡି) ବାଳିକା ହାଇସ୍କୁଲ ହଷ୍ଟେଲରେ ଏକ ଅଭାବନୀୟ ଘଟଣା ଘଟିଛି। ହଷ୍ଟେଲରେ ରହୁଥିବା ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ହଠାତ୍ ଝାଡ଼ାବାନ୍ତି ଏବଂ ପେଟ



ଯନ୍ତ୍ରଣା ଯୋଗୁଁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଗତକାଲି ରାତିରେ ହଷ୍ଟେଲରେ ରାତ୍ରିଭୋଜନ ସାରି ଶୋଇବା ପରେ ବିଳମ୍ବିତ ରାତିରୁ କିଛି ଛାତ୍ରୀ ବାନ୍ତି, ଝାଡ଼ା ଓ ପେଟ ଯନ୍ତ୍ରଣା ଅନୁଭବ କରିଥିଲେ। ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୫୦ରେ ପହଞ୍ଚିଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଆମ୍ବୁଲାନ୍ସ ଏବଂ ଅନ୍ୟ ଗାଡ଼ି ଯୋଗେ ଅସୁସ୍ଥ ଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ମାଣତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ଥାନାଭାବ ଏବଂ ଗୁରୁତର ଥିବା କିଛି ଛାତ୍ରୀଙ୍କୁ ତୁରନ୍ତ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ହଷ୍ଟେଲ ରୋଷେୟା ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଡାକ୍ତରଖାନାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଆକ୍ରାନ୍ତ ଛାତ୍ରୀଙ୍କୁ ଚିକିତ୍ସା ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏବଂ ବିପଦମୁକ୍ତ ଥିବା ଡାକ୍ତର ସୂଚନା ଦେଇଛନ୍ତି। ଖାଦ୍ୟ ବିଷକ୍ରିୟା (ଫୁଡ୍ ପଏଜନିଂ) କିମ୍ବା ଦୂଷିତ ପାନୀୟ ଜଳ ବ୍ୟବହାର ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ସନ୍ଦେହ କରାଯାଉଛି। ଘଟଣା ସମ୍ପର୍କରେ ଖବର ପାଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜିଲ୍ଲାପାଳ ସିଧାସଳଖ ମାଣତ୍ରୀ ଏସ୍‌ଏସ୍‌ଡି ବାଳିକା ହଷ୍ଟେଲ ପରିଦର୍ଶନ କରି ରୋଷେଇ ଘର, ଡାଇନିଂ ହଲ୍ ଏବଂ ପାନୀୟ ଜଳ ବ୍ୟବସ୍ଥାର ତନଖି କରିଛନ୍ତି।

# ଓଡ଼ିଶା ବନ୍ଦ ପୂର୍ବରୁ ଡିଜିଙ୍କ ସମୀକ୍ଷା

କଟକ,୭।୧୦(ସମିସ): ୮ ଅକ୍ଟୋବର ଗୁରୁବାର କଂଗ୍ରେସ ସମେତ କେତେକ ରାଜନୈତିକ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡକରାକୁ ନଜରରେ ରଖି ରାଜ୍ୟରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ବୁଧବାର ସନ୍ଧ୍ୟାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ

## ରାଜପଥ, ଷ୍ଟେସନରେ କଡ଼ା ସୁରକ୍ଷା

ହୋଇଛି। ସମସ୍ତ ଥାନାଞ୍ଚଳରୁ ସୂଚନା ସଂଗ୍ରହ କରି ସ୍ଥାନୀୟ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ସମସ୍ତ ଜିଲ୍ଲା ଏସ୍‌ପିମାନଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ରାଜପଥ, ଜାତୀୟ ରାଜପଥ, ରେଳ ଷ୍ଟେସନ ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ପର୍ଯ୍ୟାପ୍ତ ପୁଲିସ ମୁତୟନ ସହ ପାଟ୍ରୋଲିଂ ଓ ନାକା ଚେକିଂ ବୃଦ୍ଧି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆଗୁଆ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ ଏବଂ ଗୁଇନ୍ଦା ସୂଚନାକୁ ସୁଦୃଢ଼ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ବନ୍ଦ ସମୟରେ କୌଣସି ପ୍ରକାର ହିଂସା, ଭଙ୍ଗାରୁଜା, ବଳପୂର୍ବକ ଦୋକାନ ବଜାର ବନ୍ଦ କିମ୍ବା ସାଧାରଣ ଯାତାୟାତରେ ବାଧା ସୃଷ୍ଟି ଯେପରି ନହୁଏ, ସେଥିପ୍ରତି ସତର୍କ ରହିବାକୁ ସମସ୍ତ ଜିଲ୍ଲା ଏସ୍‌ପି ଓ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇନ ହାତକୁ ନେଉଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଓ ଦୃଢ଼ ଆଇନଗତ ପଦକ୍ଷେପ ନେବା ଦିଗରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ




ରାଜେଶ କୁମାର, ଡିଆଇଜିପି ଯୁଗଳ କିଶୋର କୁମାର ବନୋଥ, ମଡକର ସନ୍ଦୀପ ସମ୍ପଦ, କ୍ରାଇମବ୍ରାଞ୍ଚ ଏସପି ବିବେକାନନ୍ଦ ଶର୍ମା, ଏଆଇଜିପି ପ୍ରଭାଶଙ୍କର ନାୟକ ଏବଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ସମସ୍ତ ରେଞ୍ଜର ଆଇଜି, ଡିଆଇଜି, ସମସ୍ତ ଜିଲ୍ଲାର ଏସ୍‌ପି, ଡିସିପି ଭୁବନେଶ୍ୱର, ଡିସିପି କଟକ ଏବଂ ଏସ୍‌ଆର୍‌ପି କଟକ ଓ ରାଉରକେଲା ଯୋଗ ଦେଇଥିଲେ।

## କାନ୍ଥ ପଡ଼ି ଶିଶୁପୁତ୍ର ମୃତ; ମା’ ଗୁରୁତର

ବାରିପଦା/ରାଇରଙ୍ଗପୁର,୭ ।୧୦ (ସମିସ): କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ଦୁଇ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ବେଳେ ମା’ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ରାଇରଙ୍ଗପୁର ଥାନା ଅନ୍ତର୍ଗତ ହାଟବଦଲା ନିକଟ ଟିଲିଙ୍ଗୁଡିପୋଖରୀ ଗ୍ରାମର ମଦନ ଟୁଡୁଙ୍କ ପରିବାର ଉପରେ ଏହି ଦୁର୍ଘଟଣା ଘଟିଛି। ଘରର କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିବାରୁ ମଦନଙ୍କ ଦୁଇ ବର୍ଷର ପୁଅ ଅନୁଜ ଟୁଡୁ ଓ ତାଙ୍କ ମା’ ବାସନ୍ତୀ ଟୁଡୁ(୫୧) ଗୁରୁତର ଭାବେ ଆହତ ହୋଇଥିଲେ।

## ପଟ୍ଟାମୁଣ୍ଡାଇରେ ଚାଞ୍ଚଲ୍ୟ

# ଦୁଷ୍କର୍ମର ଶିକାର ପରେ ଗର୍ଭବତୀ ଦିବ୍ୟାଙ୍ଗ ନାବାଳିକାର ମୃତ୍ୟୁ

ପଟ୍ଟାମୁଣ୍ଡାଇ,୭।୧୦(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜନୈକା ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବାବେଳେ ଗର୍ଭବତୀ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏ ନେଇ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଲିକଣା ପଞ୍ଚାୟତ ସାନଗରା ଗ୍ରାମର ଡି ସ୍ୱାଇଁ ନାମକ ଜନୈକ ଯୁବକ ସେହି ଗ୍ରାମର ଜନୈକା ଭିନ୍ନକ୍ଷମ ନାବାଳିକା ସହିତ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିବା ପରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ପରିବାର ଲୋକେ ପେଟରେ ଟ୍ୟୁମର ହୋଇଥିବା ଭାବି କଟକ ବଡ଼ ମେଡିକାଲ ନେଇ

## ଅଭିଯୁକ୍ତ ଗିରଫ, ତଦନ୍ତ ଆରମ୍ଭ

ପରୀକ୍ଷା କରିବା ପରେ ସେ ୫ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦିବ୍ୟାଙ୍ଗ ନାବାଳିକାଙ୍କ ଅଜା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେବା ପରେ ସ୍ଥାନୀୟ ପୁଲିସ କେଶ ନଂ ୪୨୨/୨୦୨୬ ରେ ମୋକଦ୍ଦମା ରୁଜୁ କରି ଅଭିଯୁକ୍ତ ଯୁବକକୁ ଗିରଫ କରିବା ସହିତ ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ଡାକ୍ତରୀ ମାଇନା କରିଛି। ମୃତା ଗର୍ଭବତୀ ନାବାଳିକାର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ମାମଲାର ତଦନ୍ତ ଚଳାଇଛି। ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ବିଭାଗର ନିର୍ଦ୍ଦେଶନାମା ବଦଳାଇଦେଲା ବନ ନିଗମ

# ୩୦୦ କିମି ଦୂରରୁ ଅଧିକାରୀଙ୍କୁ ଆଣି ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୭।୧୦(ସମିସ): ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାକୁ ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ୍ (ଓଏଫ୍‌ଡିସି) ପରିବର୍ତ୍ତନ କରି ଦେଉଛି। ଯାହାକୁ ନେଇ ଓଡ଼ିଶା ବନ ସେବା ସଂଘ ତୀବ୍ର ଆପତ୍ତି ଉଠାଇଛି। ଏମିତିକି ଓଏଫ୍‌ଡିସିର ନିଷ୍ପତ୍ତି ଦ୍ୱାରା ଜଣେ ଏସିଏଫ୍‌ଙ୍କ ପ୍ରତି ପାତରଅନ୍ତର କରାଯାଇଥିବା ନେଇ ଅଭିଯୋଗ କରାଯାଇଛି।

ସଂଘ ପକ୍ଷରୁ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ ଏସିଏଫ୍ ଯଶୋବନ୍ତ କରାଳୀଙ୍କୁ ଭୁବନେଶ୍ୱର (ପିଏଲ୍) ଡିଭିଜନର ଇନ୍-ଚାର୍ଜ ଡିଭିଜନାଲ୍ ମ୍ୟାନେଜର ଭାବେ ଜୁନ୍ ୩୦ରେ ବନ ବିଭାଗ ନିଯୁକ୍ତି ଦେଇଥିଲା।

## ନିଷ୍ପତ୍ତି ବିରୋଧରେ ମେଳି ବାନ୍ଧିଲା ବନ ସେବା ସଂଘ

ମାତ୍ର ଏହି ଦାୟିତ୍ୱରେ ଯୋଗ ଦେବା ପରେ ତାଙ୍କୁ ଏହି ପଦରୁ ହଟାଇ ଡେପୁଟି ଡିଭିଜନାଲ୍ ମ୍ୟାନେଜର ଭାବେ ଅନ୍ୟ ଜଣେ ଅଧିକାରୀଙ୍କ ଅଧୀନରେ ରଖାଯାଇଛି। ଏନେଇ ଓଏଫ୍‌ଡିସି ପକ୍ଷରୁ ଅକ୍ଟୋବର ୩ ତାରିଖରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଶ୍ରୀ କରାଳୀଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ପ୍ରତିକୂଳ ଟିପ୍ପଣୀ କିମ୍ବା ଭିଜିଲାନ୍ସ ମାମଲା ନାହିଁ। ହେଲେ ତିନି ମାସ ପରେ ତାଙ୍କର ପଦ ପରିବର୍ତ୍ତନକୁ ନେଇ ସଂଘ ପ୍ରଶ୍ନ ଉଠାଇଛି। ଅପରପକ୍ଷେ ତାଙ୍କ ସ୍ଥାନରେ ବାରିପଦା (ସି) ଡିଭିଜନର ଡିଭିଜନାଲ୍ ମ୍ୟାନେଜର ଜଗନ୍ନାଥ ସ୍ୱାଇଁଙ୍କୁ ଭୁବନେଶ୍ୱର (ପିଏଲ୍) ଡିଭିଜନର ଡିଭିଜନାଲ୍ ମ୍ୟାନେଜର ଭାବେ ନିଯୁକ୍ତ କରାଯାଇଛି। ଏହା ସହିତ ଶ୍ରୀ ସ୍ୱାଇଁଙ୍କୁ ବାରିପଦା (ସି) ଡିଭିଜନର ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଛି। ଭୁବନେଶ୍ୱରଠାରୁ ପ୍ରାୟ ୩୦୦ କିଲୋମିଟର ଦୂରରେ ଥିବା ଦୁଇଟି ଡିଭିଜନର ଦାୟିତ୍ୱ ଜଣେ ଅଧିକାରୀଙ୍କୁ ଦିଆଯିବା ଘଟଣାକୁ ନେଇ ସଂଘ ଘୋର ଆପତ୍ତି ଉଠାଇଛି।

ଏହାକୁ ବଦଳି ନୀତି ଉଲ୍ଲଂଘନ ବୋଲି କହିବା ସହ ଅକ୍ଟୋବର ମାସରେ ଏପରି ଆଦେଶ ଜାରି ହେବାକୁ ନେଇ ମଧ୍ୟ ସଂଘ ପ୍ରଶ୍ନ ଉଠାଇଛି। ସରକାରଙ୍କ ବଦଳି ନିର୍ଦ୍ଦେଶାବଳୀ ଅନୁସାରେ ସାଧାରଣତଃ ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ବଦଳି କରାଯିବା କଥା। ଏହି ସମୟସୀମା ବାହାରେ ବଦଳି କରାଗଲେ ଉଚ୍ଚତର କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ। ଅକ୍ଟୋବର ୩ର ଆଦେଶରେ ଏପରି ଅନୁମୋଦନ ନିଆଯାଇଥିବା ଦର୍ଶାଯାଇନଥିବା ସଂଘ କହିଛି। ସେହିପରି ସାଧାରଣ କାର୍ଯ୍ୟକାଳ ତିନି ବର୍ଷ ଥିବାବେଳେ ତାହା ପୂର୍ବରୁ ଅଧିକାରୀଙ୍କୁ ପରିବର୍ତ୍ତନ କରାଗଲେ ଲିଖିତ ଭାବେ କାରଣ ରେକର୍ଡ କରାଯିବା ଆବଶ୍ୟକ ବୋଲି ସଂଘ ଦର୍ଶାଇଛି। ପରି ବ୍ୟବସ୍ଥା ପଛରେ ପ୍ରଶାସନିକ ଆବଶ୍ୟକତା କ’ଣ ଥିଲା, ତାହା ସ୍ପଷ୍ଟ କରିବାକୁ ସଂଘ ଦାବି କରିଛି। ଆଦେଶ ପ୍ରତ୍ୟାହାର ସହ ଏହି ଘଟଣାର ତଦନ୍ତ ପାଇଁ ବନ ସେବା ସଂଘ ଦାବି କରିଛି।

## ପାରାଦୀପ ବନ୍ଦରରେ ଫସିଥିବା ଜାହାଜର କ୍ରିୟୁ ସଦସ୍ୟଙ୍କୁ ସ୍ୱଦେଶ ଫେରାଇବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୭ ।୧୦(ସମିସ): ପାରାଦୀପ ବନ୍ଦରରେ ଦୀର୍ଘ ଦିନ ଧରି ଅଟକି ରହିଥିବା ଏମଟି ୟୁନିଟି ନାମକ ବିଦେଶୀ ଜାହାଜର କ୍ରିୟୁ ସଦସ୍ୟଙ୍କୁ ହାଇକୋର୍ଟରୁ ମିଳିଛି ଆଶ୍ୱସ୍ତି। ଜାହାଜର କ୍ୟାପଟେନ୍ ଏବଂ ସମସ୍ତ ୨୨ ଜଣ କ୍ରିୟୁ ସଦସ୍ୟଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ଓହ୍ଲାଇବା ଏବଂ ନିଜ ନିଜ ଦେଶକୁ ଫେରାଇ ନେବା ପାଇଁ କେନ୍ଦ୍ର ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ ସପ୍ତାହ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବାକୁ କୋର୍ଟ କହିଛନ୍ତି। ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ସମ୍ପୃକ୍ତ ଜାହାଜର କ୍ୟାପଟେନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୬ ମେ’ ୧୧ରୁ ଜାହାଜଟି ପ୍ରାପ୍ୟ ସଂକ୍ରାନ୍ତ ଆଇନଗତ ବିବାଦ ଯୋଗୁଁ ପାରାଦୀପ ବନ୍ଦରରେ ଅଟକି ରହିଥିଲା। ଜାହାଜର ମାଲିକ କ୍ରିୟୁ ସଦସ୍ୟଙ୍କ ଦରମା ବାକି ରଖିବା ସହ ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସାମଗ୍ରୀ ଯୋଗାଣ ବନ୍ଦ କରି ଦେଇଥିଲେ। ମାସ ମାସ ଧରି ବନ୍ଦର ଆଙ୍କରେଜ୍‌ରେ ଫସି ରହିବା ଯୋଗୁଁ ଜାହାଜରେ ଥିବା ରୁଷୀୟ ନାଗରିକଙ୍କ ସମେତ ୨୩ ଜଣ ସଦସ୍ୟଙ୍କ ମାନସିକ ଓ ଶାରୀରିକ ସ୍ଥିତି ଶୋଚନୀୟ ହୋଇପଡ଼ିଥିଲା। ଏହାପରେ ଜାହାଜର କ୍ୟାପଟେନ୍ ଇଷ୍ଟ୍ୟାଗିନ୍ ଇଭଜେନି ନିକୋଲେଭିଚ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଦେଶୀ ନାଗରିକ ହୋଇଥିଲେ ମଧ୍ୟ ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ କ୍ରିୟୁ ସଦସ୍ୟମାନଙ୍କର ସମ୍ମାନର ସହ ବଞ୍ଚିବାର ମୌଳିକ ଅଧିକାର ରହିଛି ବୋଲି ହାଇକୋର୍ଟ କହିଛନ୍ତି।

# ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରହିଛି: ବିଜେଡି

ଭୁବନେଶ୍ୱର,୭।୧୦(ସମିସ): ଏକ ଦାୟିତ୍ୱବାନ ଆଞ୍ଚଳିକ ରାଜନୈତିକ ଦଳ ଭାବେ ବିଜୁ ଜନତା ଦଳ ସର୍ବଦା ଓଡ଼ିଶାବାସୀଙ୍କ ସ୍ୱାର୍ଥ, ଅଧିକାର ଓ ହକ୍ ପାଇଁ ଦୃଢ଼ ଭାବେ ଠିଆ ହୋଇଆସିଛି। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଯେତେବେଳେ ପ୍ରଭାବିତ ହୋଇଛି, ସେତେବେଳେ ବିଜେଡି ରାଜ୍ୟର ସ୍ୱାର୍ଥ ପାଇଁ ନିରନ୍ତର ଭାବେ ସ୍ୱର ଉତ୍ତୋଳନ କରିବା ସହ ଲୋକମାନଙ୍କ ପାଇଁ ରାଜରାସ୍ତାରେ ଲଢେଇ କରିଛି। ବିଜେଡି ଉଭୟ ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରଖିଛି ବୋଲି ବୁଧବାର ଆଉଥରେ ସ୍ପଷ୍ଟ କରିଛି ବିଜେଡି। ବିଜେଡି ଆସନ୍ତାକାଲି ଡକାଯାଇଥିବା ବନ୍ଦକୁ ନା ସମର୍ଥନ କରୁଛି, ନା ବିରୋଧ କରୁଛି। ଆମେ ଏକ ସ୍ୱାଧୀନ ଓ ନୀତିନିଷ୍ଠ ଆଭିମୁଖ୍ୟ ବଜାୟ ରଖିଛୁ। ଆମର ଫୋକସ୍ ଓଡ଼ିଶାବାସୀଙ୍କ ଅଧିକାର ଓ ସ୍ୱାର୍ଥ ଉପରେ ବୋଲି ବିଜେଡି ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଏକ ପ୍ରେସ ବିବୃତି ଦ୍ୱାରା ମତବ୍ୟକ୍ତ କରିଛନ୍ତି।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ଏମ୍‌ଏମଡିଆର ସଂଶୋଧନ ଆଇନ୨୦୨୬କୁ ବିଜେଡି ଦୃଢ଼ ଭାବେ ବିରୋଧ କରିଛି। ଦଳର ମତରେ ଏହି ଆଇନ ଓଡ଼ିଶାର ମାଟି ଉପରେ ଥିବା ଅଧିକାର ଓ ଆର୍ଥିକ ସ୍ୱାର୍ଥକୁ ପ୍ରତିକୂଳ ଭାବେ ପ୍ରଭାବିତ କରୁଛି। ଏହି ଆଇନ ଦ୍ୱାରା ରାଜ୍ୟର ସ୍ୱାର୍ଥ କ୍ଷୁର୍ଣ୍ଣ ବୋଲି ବିଜେଡି ସାରା ରାଜ୍ୟରେ ପ୍ରତିବାଦ ଆୟୋଜନ କରିବା ସହ ଜନମତ ସୃଷ୍ଟି ପାଇଁ ନିରନ୍ତର ଆନ୍ଦୋଳନ କରିଆସିଛି। ଡ. ମହାନ୍ତି ଆହୁରି ମଧ୍ୟ କହିଥିଲେ ଯେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ବିଜେଡି ଏକ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଥିଲା। ୧,୮୦୦ରୁ ଅଧିକ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନ ବିରୋଧରେ ଏହି ଆନ୍ଦୋଳନ କରାଯାଇଥିଲା। ଏହି ପ୍ରସଙ୍ଗକୁ ସାରା ଓଡ଼ିଶାରେ ଉଠାଯାଇଥିଲା, କାରଣ ସ୍କୁଲ ଶିକ୍ଷାର ଗୁଣବତ୍ତା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ ବୋଲି ବିଜେଡି ବାରମ୍ବାର କହିଆସୁଛି। ସେହିପରି ଏସ୍‌ଆଇଆର୍ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଦ୍ୱାରା ଆୟୋଜିତ ନୂଆଦିଲ୍ଲୀରେ ଭାରତୀୟ ନିର୍ବାଚନ କାର୍ଯ୍ୟାଳୟ ଅଭିମୁଖେ ରାଲିରେ ବିଜେଡି ରାଜ୍ୟସଭା ସାଂସଦମାନେ ଅଂଶଗ୍ରହଣ କରିଥିଲେ। ଏହି ରାଲିରେ ବିରୋଧୀ ଦଳଗୁଡ଼ିକ ଭୋଟର ତାଲିକାର ଏସ୍‌ଆଇଆର ପ୍ରକ୍ରିୟାକୁ ନେଇ ନିଜର

### ■ ଓଡ଼ିଶାବାସୀଙ୍କ ଅଧିକାର ଓ ସ୍ୱାର୍ଥ ଉପରେ ବିଜେଡିର ସଦାବେଳେ ଗୁରୁତ୍ୱ
### ■ ଆସନ୍ତାକାଲିର ବନ୍ଦ ଡକରାକୁ ସମର୍ଥନ କିମ୍ବା ବିରୋଧ ନାହିଁ

ଚିନ୍ତା ପ୍ରକାଶ କରିବା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ବିରୋଧୀ ଦଳଗୁଡ଼ିକର ବ୍ୟାପକ ଅଭିଯାନର ଅଂଶ ଭାବେ ଏହି ରାଲି ପ୍ରତିବାଦ ଆୟୋଜିତ ହୋଇଥିଲା। ଏସ୍‌ଆଇଆର ପ୍ରକ୍ରିୟାକୁ ନେଇ ଗୁରୁତର ଚିନ୍ତା ପ୍ରକାଶ ପାଇଛି। ବିରୋଧୀ ଦଳଗୁଡ଼ିକର ଅଭିଯୋଗ ଅନୁଯାୟୀ ବହୁ ସଂଖ୍ୟକ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଛି। ଏଥିରେ ଓଡ଼ିଶାର ୨୭.୫୦ ଲକ୍ଷ ଲୋକ ମଧ୍ୟ ବାଦ୍ ପଡିଛନ୍ତି। ନାଗରିକମାନଙ୍କ ମତଦାନ ଅଧିକାରର ସୁରକ୍ଷା ପ୍ରସଙ୍ଗରେ ନିଜର ଆଭିମୁଖ୍ୟର ଅଂଶ ଭାବେ ବିଜେଡି ନୂଆଦିଲ୍ଲୀର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲା। ସେ ଆହୁରି କହିଥିଲେ ଯେ ଆଜି ମଧ୍ୟ ବିଜେଡି ସୁନ୍ଦରଗଡ଼ରେ ଏମ୍‌ଏମଡିଆର ଆଇନ ବିରୋଧରେ ଅର୍ଥନୈତିକ ଅବରୋଧ ଆନ୍‌ଦୋଳନ କରିଛି। ସେଠାରେ ଦଳ ପକ୍ଷରୁ ସଂଶୋଧିତ ଆଇନ ବିରୋଧରେ ପ୍ରତିବାଦ ଓ ଆର୍ଥିକ ଅବରୋଧ ଆୟୋଜନ କରାଯାଇଛି। ଏହା ଦ୍ୱାରା ପୁଣିଥରେ ପ୍ରମାଣିତ ହୋଇଛି ଯେ ବିଜେଡି ଓଡ଼ିଶାବାସୀଙ୍କ ସହ ଠିଆ ହୋଇ ରାଜ୍ୟର ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ପାଇଁ ନିରନ୍ତର ଲଢ଼େଇ ଜାରି ରଖିବ। ବିଜେଡି ଓଡ଼ିଶାବାସୀଙ୍କ ସହ ସମ୍ପୃକ୍ତ ବିଭିନ୍ନ ପ୍ରସଙ୍ଗରେ ନିରନ୍ତର ଭାବେ କାର୍ଯ୍ୟ କରୁଛି। ବିଜେପି ଓ କଂଗ୍ରେସ ଉଭୟଙ୍କଠାରୁ ବିଜେଡି ସମଦୂରତା ବଜାୟ ରଖିଛି ଏବଂ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଆଧାର କରି ନିଜର ନିଷ୍ପତ୍ତି ନେଇ ଚାଲିବ। ଏକ ଦାୟିତ୍ୱବାନ ଆଞ୍ଚଳିକ ଦଳ ଭାବେ ବିଜେଡି ଓଡ଼ିଶା ସମ୍ପର୍କିତ ପ୍ରସଙ୍ଗଗୁଡ଼ିକୁ ନିରନ୍ତର ଉଠାଇବ, ରାଜ୍ୟର ସ୍ୱାର୍ଥ ପାଇଁ କ୍ଷତିକାରକ ନୀତିଗୁଡ଼ିକୁ ପ୍ରଶ୍ନ କରିବ ଏବଂ ଲୋକଙ୍କ ସହ ଦୃଢ଼ ଭାବେ ଠିଆ ହୋଇ ନିଜର ସ୍ୱାଧୀନ ରାଜନୈତିକ ପରିଚୟ ଓ ବିଜେପି ଏବଂ କଂଗ୍ରେସଠାରୁ ସମଦୂରତା ବଜାୟ ରଖିବ ବୋଲି ଡ. ମହାନ୍ତି କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪ ବର୍ଷ ପରେ...

ଅର୍ଥନୈତିକ ପରିସ୍ଥିତି ବର୍ତ୍ତମାନ ଆହ୍ୱାନପୂର୍ଣ୍ଣ। ଏହା ସତ୍ତ୍ୱେ, ଭାରତୀୟ ଅର୍ଥନୀତି ସୁଦୃଢ଼ ରହିଛି ଏବଂ ଅନେକ କ୍ଷେତ୍ରରେ ଅଭିବୃଦ୍ଧି ଜାରି ରହିଛି। ସୂଚନାଯୋଗ୍ୟ ଯେ ରେପୋ ହାରରେ କୌଣସି ପରିବର୍ତ୍ତନ ବ୍ୟାଙ୍କର ସ୍ଥାୟୀ ଜମା ଯୋଜନାକୁ ପ୍ରଭାବିତ କରେ। ରେପୋ ହାରରେ ବୃଦ୍ଧି ପରେ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଏଫ୍‌ଡି ସୁଧ ହାର ମଧ୍ୟ ବୃଦ୍ଧି କରିପାରନ୍ତି, ଯାହା ସିଧାସଳଖ ଏଫ୍‌ଡି ନିବେଶକଙ୍କୁ ଲାଭ ଦେବ।

### ସବୁଠୁ ଦୁର୍ବଳ...

ତୈଳର ଉଚ୍ଚ ମୂଲ୍ୟ ଏବଂ ବିଦେଶୀ ପାଣ୍ଠି ପ୍ରବାହ ଜନିତ ଚାପ ଯୋଗୁଁ ଚଳିତବର୍ଷ ଟଙ୍କା ମୂଲ୍ୟରେ ୮% ହ୍ରାସ ଘଟିଛି। ଫଳରେ ଏସିଆ ମହାଦେଶରେ ଟଙ୍କା ଚଳିତ ବର୍ଷ ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଭାରତର ମୁଖ୍ୟ ଆମଦାନୀ ସାମଗ୍ରୀ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଡଲାରର ଚାହିଦା ବଢ଼ାଇଛି, ଯାହା ଭାରତର ଆମଦାନୀ ବିଲ୍ ବୃଦ୍ଧି କରିବା ସହ ଆଗକୁ ଘରୋଇ ମୁଦ୍ରା ଉପରେ ଚାପ ପକାଇପାରେ। ବିଶ୍ୱ ବଜାରରେ ତେଲ ଦର ବୃଦ୍ଧି ପରେ,ଏବେ ତୈଳ କମ୍ପାନୀଗୁଡ଼ିକ ଅଧିକ ଡଲାର କିଣିବେ। ବଜାରରେ ଡଲାରର ଚାହିଦା ବୃଦ୍ଧି ପାଇବ। ଯଦି ଉପଲବ୍ଧତା ସମାନ ଗତିରେ ବୃଦ୍ଧି ନ ପାଏ, ତେବେ ମୂଲ୍ୟ ମଧ୍ୟ ବଢ଼ିପାରେ। ଏହା ବ୍ୟତୀତ, ଯଦି ଘରୋଇ ମୁଦ୍ରା ଦୁର୍ବଳ ହୁଏ ତେବେ ପ୍ରତ୍ୟେକ ଡଲାର ପାଇଁ ଭାରତକୁ ଅଧିକ ଟଙ୍କା ଦେବାକୁ ପଡିବ। ଏହାର ଅର୍ଥ ହେଉଛି ତୈଳ ମୂଲ୍ୟ ବୃଦ୍ଧି ଏବଂ ଟଙ୍କା ଦୁର୍ବଳ ରହିବା ଉଭୟ ଯୋଗୁଁ ଖର୍ଚ୍ଚ ବୃଦ୍ଧି ପାଉଛି। ସମ୍ପ୍ରତି ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କା ୫ ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି।

### ବିସ୍ଫୋରକ ହେଉଛି...

କହିଥିଲେ ଯେ ଏସଆଇଆର ବିରୋଧୀ ଆନ୍ଦୋଳନ ପରେ ପୁଲିସ ତାଙ୍କ ବିରୋଧରେ ୪୫ଟି ଏଫ୍‌ଆଇଆର ଦାଖଲ କଲାଣି। କିନ୍ତୁ ସେ ଡରିବେ ନାହିଁ। ପ୍ରତିଟି ଏଫ୍‌ଆଇଆର ତାଙ୍କ ପାଇଁ ପଦକ ସଦୃଶ। ଏହାପରେ ତିନିଟି ବସରେ ମେଣ୍ଟର ସାଂସଦମାନେ ଆଜି ସନ୍ଧ୍ୟା ବେଳେ ଯନ୍ତରମନ୍ତର ଆଡ଼କୁ ଅଗ୍ରସର ହୋଇଥିଲେ। ତେବେ ସେମାନଙ୍କୁ ଅଟକାଇବା ଲାଗି ଦିଲ୍ଲୀ ପୁଲିସ ପକ୍ଷରୁ ବହୁ ସ୍ତରୀୟ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ବସ ଯନ୍ତରମନ୍ତର ଆଡ଼କୁ ଯାଉଥିବା ବେଳେ ଜନପଥ ।ାରେ ସେମାନଙ୍କୁ ଅଟକାଇଥିଲା ପୁଲିସ। ବସକୁ ଅଟକାଇ ସାଂସଦମାନଙ୍କୁ ଅଟକ ରଖିବାରୁ ଏହାର ପ୍ରତିବାଦ ଜଣାଇ ଅନେକ ନେତା ଜନପଥ ଉପରେ ଧାରଣାରେ ବସିଯାଇଥିଲେ। କିନ୍ତୁ ପୁଲିସ ସେମାନଙ୍କୁ ବଳପ୍ରୟୋଗ କରି ଉଠାଇନେଇଥିଲା। ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ମଧ୍ୟ ଜୋରଜବରଦସ୍ତ ଉଠାଇନେଇଥିଲା। ରାସ୍ତା ଉପରେ ବସିଥିବା ପ୍ରିୟଙ୍କା ଓ ଅନ୍ୟ ମହିଳା ସାଂସଦଙ୍କୁ ହଟାଇବା ଲାଗି ବହୁସଂଖ୍ୟକ ମହିଳା ପୁଲିସକୁ ନିୟୋଜିତ କରାଯାଇଥିଲା। ସେମାନେ ପ୍ରିୟଙ୍କାଙ୍କୁ ରାସ୍ତା ଉପରୁ ଘୋଷାଡ଼ି ବସ ଭିତରକୁ ନେଇଯାଇଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ପ୍ରିୟଙ୍କା। ସେ କହିଥିଲେ ଯେ ନିର୍ବାଚନ କମିସନରଙ୍କୁ ଭେଟିବା ଲାଗି ଚାହୁଁଥିବା ସାଂସଦମାନଙ୍କ ପ୍ରତି ପୁଲିସ ବର୍ବରତା ଗ୍ରହଣଯୋଗ୍ୟ ନୁହେଁ। ଆଜିର ଏହି ଆନ୍ଦୋଳନରେ କଂଗ୍ରେସ ସମେତ ଟିଏମସି, ଆରଜେଡି, ଉଦ୍ଧବ ସେନା, ଶରଦ ପାୱାରଙ୍କ ଏନସିପି, ସିପିଆଇ, ସିପିଏମ, ମୁସଲିମ ଲିଗ୍, ନେସନାଲ କନଫେରେନ୍ସ, ଜେଏମଏମ ଭଳି ଦଳର ସାଂସଦ ସାମିଲ ହୋଇଥିଲେ। ତେବେ ଗତକାଲି ପଦଯାତ୍ରାରେ ସାମିଲ ହୋଇଥିବା ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟିର ସାଂସଦମାନେ ଆଜିର ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇନଥିଲେ। ଏସ୍‌ପି ସୂତ୍ରଙ୍କ ଅନୁସାରେ, ବୈଠକ ସମ୍ପର୍କରେ ଠିକ୍ ସମୟରେ ସୂଚନା ମିଳିନଥିଲା। କଂଗ୍ରେସ କହିଛି, ସମସ୍ତ ସହଯୋଗୀ ଦଳକୁ ନିମନ୍ତ୍ରଣ କରାଯାଇଥିଲା, କିନ୍ତୁ ବୈଠକର ନିଷ୍ପତ୍ତି ବିଳମ୍ବରେ ନିଆଯାଇଥିବାରୁ କେତେକ ଦଳ ଯୋଗ ଦେଇପାରିନଥିଲେ। ତେବେ ଆସନ୍ତାକାଲିର ପ୍ରତିବାଦ କାର୍ଯ୍ୟକ୍ରମରେ ସେମାନେ ସାମିଲ ହେବେ ବୋଲି ସମାଜବାଦୀ ପାର୍ଟିର ନେତା ଘୋଷଣା କରିଛନ୍ତି। ସମାଜବାଦୀ ପାର୍ଟିର ୩୭ଜଣ ସାଂସଦ ଅଛନ୍ତି। ଅନ୍ୟପକ୍ଷରେ ଗତକାଲି ରାହୁଲଙ୍କୁ ସମାଲୋଚନା କରିଥିବା ଡିଏମକେ ଆଜି ଏହାର ସ୍ୱର ବଦଳାଇବା ସହିତ ଜ୍ଞାନେଶ କୁମାର-ବିରୋଧୀ ଆନ୍ଦୋଳନକୁ ସମର୍ଥନ ଜଣାଇଛି। ଡିଏମ।କେ ମୁଖପାତ୍ର ଟିକେଏସ୍ ଏଲଙ୍ଗୋଭନ କହିଛନ୍ତି, ଯଦି ଜ୍ଞାନେଶ କୁମାର ଗଣତନ୍ତ୍ର ବିରୋଧୀ ଭୂମିକା ନେଉଛନ୍ତି, ତେବେ ତାଙ୍କୁ ପଦରୁ ହଟାଇବା ଆବଶ୍ୟକ। ନିର୍ବାଚନରେ ନିରପେକ୍ଷତା ରହିବା ଦରକାର ଏବଂ ସରକାରଙ୍କ ଅନ୍ୟାୟ ବିରୋଧରେ ନାଗରିକଙ୍କ ପ୍ରତିବାଦ କରିବାର ଅଧିକାର ରହିଛି ବୋଲି ସେ କହିଛନ୍ତି।

### ଆଜି ଇଣ୍ଡିଆ ମେଣ୍ଟର...

ଦିଆଯିବ। ଛାତ୍ର-ଛାତ୍ରୀ ମାନଙ୍କର ସମସ୍ତ ପ୍ରକାରର ପରୀକ୍ଷା ପାଇଁ କୌଣସି ବାଧା ରହିବ ନାହିଁ। ୧୦୮, ୧୦୨ ଓ ସମସ୍ତ ପ୍ରକାରର ଆମ୍ବୁଲାନ୍ସକୁ କୌଣସି ପରିସ୍ଥିତିରେ ଅଟକାଯିବ ନାହିଁ। ରୋଗୀଙ୍କୁ ହସ୍ପିଟାଲ୍ ନେଉଥିବା ଯେକୌଣସି ଗାଡ଼ିକୁ ତୁରନ୍ତ ରାସ୍ତା ଦିଆଯିବ। ଅଗ୍ନିଶମ ବାହିନୀ, ଉଦ୍ଧାରକାରୀ ଦଳ ଓ ଜରୁରୀ ସେବାର ଯାନବାହନକୁ ସମ୍ପୂର୍ଣ୍ଣ ମୁକ୍ତ ରାସ୍ତା ଦିଆଯିବ। ଔଷଧ ଦୋକାନ, ଜନ ଔଷଧି କେନ୍ଦ୍ର ଓ ଜରୁରୀ ଚିକିତ୍ସା ସାମଗ୍ରୀର ଯୋଗାଣକୁ ବନ୍ଦରେ ସାମିଲ କରାଯିବ ନାହିଁ। ଦୁଗ୍ଧ ବିତରଣ କେନ୍ଦ୍ର, ଦୁଗ୍ଧ ଗାଡ଼ି ଓ ଆବଶ୍ୟକ ଦୁଗ୍ଧ ଯୋଗାଣ ବନ୍ଦରୁ ବାହାରେ ରହିବ। ସେହିପରି ଅନ୍ୟାନ୍ୟ ଜରୁରୀ ସେବା ଯଥା ବିଦ୍ୟୁତ୍/ଜଳ ସେବା ପୁନରୁଦ୍ଧାର କାର୍ଯ୍ୟ, ଗଣମାଧ୍ୟମ ପ୍ରତିନିଧି, ସାମ୍ବାଦିକ ଓ ଖବର ସଂଗ୍ରହ କରୁଥିବା ବ୍ୟକ୍ତିଙ୍କୁ କାର୍ଯ୍ୟ କରିବାରେ ବାଧା ଦିଆଯିବ ନାହିଁ। ଇଣ୍ଡିଆ ମେଣ୍ଟ ପକ୍ଷରୁ କୁହାଯାଇଛି ଯେ ଗଣତାନ୍ତ୍ରିକ ପ୍ରତିବାଦ ମାଧ୍ୟମରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଏହି ବନ୍ଦର ଉଦ୍ଦେଶ୍ୟ। ଜ୍ଞାନେଶ କୁମାରଙ୍କ ଇସ୍ତଫା ସହ ଏସ୍‌ଆଇଆର୍ ପ୍ରତ୍ୟାହାର, ଏମ୍‌ଏମ୍‌ଡିଆର୍ (ସଂଶୋଧନ) ଆଇନ, ରଦ୍ଦ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଓ ବନ୍ୟାଞ୍ଚଳରେ ତୁରନ୍ତ ଓ ପର୍ଯ୍ୟାପ୍ତ ସହାୟତା ପ୍ରଦାନ ଦିବାରେ ଏହି ବନ୍ଦ ଡାକରା ଦିଆଯାଇଛି। ଆଜି ସକାଳେ ଭୁବନେଶ୍ୱରରେ ଆୟୋଜିତ ପଟୁଆରରେ ବହୁ ସଂଖ୍ୟାରେ ଲୋକ ଅଂଶଗ୍ରହଣ କରି ଗଣତନ୍ତ୍ର ଓ ଭୋଟ ଅଧିକାରର ସୁରକ୍ଷା ପାଇଁ ନିଜର ଦୃଢ଼ ସଂକଳ୍ପ ପ୍ରକାଶ କରିଥିଲେ। ସନ୍ଧ୍ୟାରେ ମାଷ୍ଟର କ୍ୟାଣ୍ଟିନ ଛକରୁ ରାଜମହଲ ଛକ ପର୍ଯ୍ୟନ୍ତ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଶାଲ ଶୋଭାଯାତ୍ରାରେ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳଗୁଡ଼ିକର ନେତା ଓ କର୍ମୀମାନେ ଏକତ୍ରିତ ହୋଇ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ନିଜର ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଅକ୍ଟୋବର ୮ ତାରିଖରେ ଓଡ଼ିଶା ବନ୍ଦ ଡାକରାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ଗୃହ ବିଭାଗ ନିର୍ଦ୍ଦେଶ ଦେଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ସମୟରେ ରାସ୍ତା ଅବରୋଧ, ରାଲି, ପ୍ରଦର୍ଶନ, ପିକେଟିଂ, ରେଳ ରୋକୋ ଏବଂ ଖଣି ବନ୍ଦ ଭଳି କାର୍ଯ୍ୟକ୍ରମ ହେବାର ସମ୍ଭାବନା ରହିଛି। ଏଥିସହ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବଜାର ଓ ବାଣିଜ୍ୟିକ ପ୍ରତିଷ୍ଠାନ ମଧ୍ୟ ପ୍ରଭାବିତ ହୋଇପାରେ। ଏହି ଆଇନଶୃଙ୍ଖଳା ପରିସ୍ଥିତି ଯେପରି ଅବନତି ନ ହୁଏ, ସେଥିପାଇଁ ପ୍ରତିଷେଧକ ଓ ସତର୍କତାମୂଳକ ସୁରକ୍ଷା ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

### ଏସ୍‌ଇବିସି କମିଶନ...

ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ଏହି କମିଶନର ଅଧ୍ୟକ୍ଷ ରୂପେ ନିଯୁକ୍ତି ଦିଆଯାଇଛି। ଏଥିସହିତ ଅବସରପ୍ରାପ୍ତ ଆଇଏଏସ ବିଜୟ କୁମାର ପୃଷ୍ଟି ଏହି କମିଶନର ସଦସ୍ୟ ଭାବେ କାର୍ଯ କରିବେ। ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ମିଶ୍ର କମିଶନ’ର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ। ଏହି କମିଶନ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ସେ ଅଞ୍ଚଳର ସମୁଦାୟ ଲୋକସଂଖ୍ୟା ତୁଳନାରେ ଏସଇବିସି ମାନଙ୍କର ସଂଖ୍ୟାର ଅନୁପାତ ସମ୍ପର୍କରେ ଅନୁଧ୍ୟାନ କରିବ। ଏହା ସହିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହି ତୁଳନାରେ ସେମାନେ ରାଜନୈତିକ ଦୃଷ୍ଟିକୋଣରୁ କେତେ ପଛୁଆ ଅଛନ୍ତି, ତା’ର ସ୍ୱରୂପ ଓ ତାହାର ପ୍ରଭାବ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରାଯିବ। ଏହାଦ୍ୱାରା ରାଜ୍ୟରେ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଜନସାଧାରଣଙ୍କର ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ଉପଯୁକ୍ତ ପ୍ରତିନିଧିତ୍ୱ ଓ ସେମାନଙ୍କ ଅଧିକାର ସମ୍ପର୍କରେ ଉପଯୁକ୍ତ ବ୍ୟବସ୍ଥା କରାଯାଇପାରିବ।

### କାଠଯୋଡ଼ି ନଦୀକୂଳରେ...

ଖାଇବା ପ୍ଲେଟ୍ ଏବଂ ଏକ ପଲିଥିନ୍ ବ୍ୟାଗ୍ ମିଳିଛି। ଏହାର କିଛି ଦୂରରେ ଜଣେ ମହିଳାଙ୍କ ବାମ ପଟର ଚପଲ ପଡ଼ିଥିବା ଦେଖାଯାଇଛି। ଉକ୍ତ ଚପଲଟି ମୃତ ଯୁବତୀଙ୍କର ହୋଇଥିବା ପୁଲିସ ଅନୁମାନ କରୁଛି। ଘଟଣାସ୍ଥଳରେ ମସିଣା ଓ ଆମିଷ କଢେଇ ପଡ଼ିଥିବାରୁ ହତ୍ୟା ପୂର୍ବରୁ ସେଠାରେ ଭୋଜିଭାତ ହୋଇଥିବା ପୁଲିସ ଆଶଙ୍କା କରୁଛି। ପ୍ରାଥମିକ ତଦନ୍ତରୁ ସନ୍ଧ୍ୟା ୫ଟାରୁ ସାଢେ ୬ଟା ମଧ୍ୟରେ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ଦୁଷ୍କର୍ମ ପରେ ମହିଳାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏହି ହତ୍ୟାକାଣ୍ଡ ସହ ଦୁଷ୍କର୍ମର କୌଣସି ସ୍ପଷ୍ଟ ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ ବୋଲି ପୁଲିସ କହିଛି। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରୁ ବିଭିନ୍ନ ନମୁନା ଓ ତଥ୍ୟ ସଂଗ୍ରହ କରିଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ମଧ୍ୟ ଯାଞ୍ଚ କରିଥିଲା। ସମସ୍ତ ଯାଞ୍ଚ ପ୍ରକ୍ରିୟା ପରେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ୍‌କୁ ପଠାଇଛି। ପ୍ରଥମେ ମୃତଦେହ ଦେଖିଥିବା ଯୁବକମାନଙ୍କୁ ପୁଲିସ ପଚରାଉଚରା କରିବା ସହ ସେମାନଙ୍କ ତଥ୍ୟ ଓ ପ୍ରମାଣପତ୍ର ରଖି ଛାଡ଼ିଛି। ମୃତ ଯୁବତୀଙ୍କ ପରିଚୟ ଓ ହତ୍ୟାକାରୀଙ୍କୁ ଧରିବା ପାଇଁ ତଦନ୍ତ ଜୋରଦାର କରାଯାଇଛି। ସୂଚନା ଥାଉକି ଏହି ଅଞ୍ଚଳରେ ଏକାଧିକ ହତ୍ୟାକାଣ୍ଡ ଘଟିଥିଲେ ବି ହତ୍ୟାକାରୀଙ୍କୁ ପୁଲିସ ଏ ପର୍ଯ୍ୟନ୍ତ ଚିହ୍ନଟ କରିପାରି ନ ଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ସାଂସଦଙ୍କ ଆଗରେ...

କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହିତ ହତ୍ୟା ଧମକ ନେଇ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଏ ସଂପର୍କରେ ସିଡିଓ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଯାଜପୁର ଏସ୍‌ପିଙ୍କୁ ଅବଗତ କରି ତାଙ୍କୁ ଏଥିପାଇଁ ସୁରକ୍ଷା ଯୋଗାଇଦେବା ସହିତ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି। ଆଲୋଚନା ମୁତାବକ ଯାଜପୁର ସାଂସଦ ଦେଇଥିବା ପ୍ରକଳ୍ପକୁ ଜିଲ୍ଲାର ବିଜେପି ବିଧାୟକ ଓ ବିଧାୟକ ପ୍ରାର୍ଥୀ ମାନେ କାଟି ଦେଉଛନ୍ତି। ଯାହାକୁ ନେଇ ବିବାଦ ଦେଖାଦେଇଛି। ଉଭୟ ବିଜେପି ସାଂସଦ ଓ ବିଧାୟକଙ୍କ କଳି ଭିତରେ ଅଫିସର ମାନେ ବଳି ପଡୁଥିବା ଚର୍ଚ୍ଚା ହେଉଛି। ତେବେ ଏହି ଘଟଣାକୁ ନେଇ ଯାଜପୁର ସାଂସଦ ରବୀନ୍ଦ୍ର ବେହେରାଙ୍କ ପ୍ରତିନିଧି ପ୍ରଦୀପ ଧଳ ମଧ୍ୟ ସିଡିଓଙ୍କ ବିରୋଧରେ ଦୁର୍ବ୍ୟବହାର କରିଥିବା ନେଇ ଏତଲା ଦାୟର କରିଥିବା ଜଣାପଡିଛି।

### ମୁଖ୍ୟ ସଚିବ...

ଅନୁଗୁଳ ଏସ୍‌ପି ଓ ତାଳଚେର ଥାନା ଆଇଆଇସି ସାମିଲ ଅଛନ୍ତି। ସୂଚନା ଅନୁସାରେ, ତାଳଚେର ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ନିଜଗଡ଼ ଶାସନ ବାଲି ସୈରାତ (ଗୋପୀନାଥପୁର ବାଲି ଖାଦାନ)ରୁ ନିର୍ଦ୍ଧାରିତ ସୀମା ବାହାରେ ଅତ୍ୟଧିକ ଏବଂ ବେଆଇନ ବାଲି ଉତ୍ତୋଳନ ହେଉଥିବା ନେଇ ତାଳଚେରର ଏକ ଏନଜିଓ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଶଙ୍କର ପ୍ରସାଦ ପାଣି ଏବଂ ଆଶୁତୋଷ ପାଢ଼ୀ ଏହି ମାମଲା ପରିଚାଳନା କରୁଛନ୍ତି। ପ୍ରକାଶିତ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ସରକାରୀ କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତି ଯୋଗୁଁ ମାମଲାର ବିଚାରରେ ଅଯଥା ବିଳମ୍ବ ହେଉଛି, ଯାହା ପରିବେଶ ସୁରକ୍ଷା ଭଳି ଗମ୍ଭୀର ବିଷୟକୁ ବାଧାପ୍ରାପ୍ତ କରୁଛି। ତେବେ ଅନୁଗୁଳ ଜିଲ୍ଲାପାଳଙ୍କ ପକ୍ଷରୁ ସମ୍ପୃକ୍ତ ତହସିଲଦାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ହାଜର ହୋଇଥିବାରୁ ଜିଲ୍ଲାପାଳଙ୍କ ଉପରେ କୌଣସି ଜରିମାନା କରାଯାଇ ନାହିଁ। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ସରକାର ଏବଂ ତାଙ୍କର ବିଭିନ୍ନ ବିଭାଗ ସାମ୍ବିଧାନିକ ଭାବେ ପରିବେଶ ନିୟମାବଳୀ ଅନୁପାଳନ କରିବାକୁ ବାଧ୍ୟ। ଏହା କୌଣସି ସାଧାରଣ ଦେୱାନୀ ମାମଲା ନୁହେଁ ଯେଉଁଠି ପ୍ରତିପକ୍ଷ ନିଜ ଇଚ୍ଛା ଅନୁସାରେ ଅନୁପସ୍ଥିତ ରହିପାରିବେ। ଏହି ସମସ୍ତ ଅଧିକାରୀଙ୍କୁ ନିଜର ଜବାବ ଦାଖଲ କରିବା ପାଇଁ ଶେଷ ସୁଯୋଗ ଦିଆଯିବା ସହ ଆସନ୍ତା ଏକ ମାସ ମଧ୍ୟରେ କୋଲକାତା ସ୍ଥିତ ରେଜିଷ୍ଟ୍ରାରଙ୍କ ନିକଟରେ ଜରିମାନା ଅର୍ଥ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୪ ତାରିଖକୁ ଧାର୍ଯ୍ୟ କରାଯାଇଛି।

## ପ୍ରତିଶ୍ରୁତି ପରେ ଯୋଗାଣ ସହାୟକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୭।୧୦(ସମିସ): ରାଜ୍ୟରେ ୨୦ ଜିଲ୍ଲାରେ ମାସେ ଧରି ଯୋଗାଣ ସେବା ଠପ୍ ହେବାପରେ ସରକାରଙ୍କ ଚେତା ପଶିଛି। ଦୀର୍ଘ ଦିନ ହେବ ଗାନ୍ଧୀ ମାର୍ଗରେ ଆନ୍ଦୋଳନରତ ରାଜ୍ୟ ଯୋଗାଣ ସହାୟକ ସଂଘକୁ ଡାକି ସରକାର ଆଲୋଚନା କରିଛନ୍ତି। ଏହି ଆଲୋଚନା ସକାରାତ୍ମକ ରହିଥିବା ଯୋଗୁଁ ସଂଘ ପକ୍ଷରୁ ଏହି ଆନ୍ଦୋଳକୁ ସ୍ଥଗିତ କରାଯାଇଛି। ୧୧ ଦଫା ଦାବିରୁ ୪ ଦଫା ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିବା ପରେ ଏହି ଆନ୍ଦୋଳନକୁ ସ୍ଥଗିତ କରାଯାଇଛି। ଦୀର୍ଘ ୩୧ ଦିନର ଆନ୍ଦୋଳନ ପରେ ସ୍ଥାୟୀ ନିଯୁକ୍ତି ସହ ଦରମା ବୃଦ୍ଧି ଓ ଅନ୍ୟାନ୍ୟ ଦାବି ନେଇ ସଂଘ ସହ ଆଲୋଚନା କରାଯାଇଥିଲା। ଏଥିରେ ଯୋଗାଣ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସହ ଯୋଗାଣ ସଂଘର କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ସୂଚନା ଥାଉ କି ଗତ ସେପ୍ଟେମ୍ବର ୭ ତାରିଖରୁ ଭୁବନେଶ୍ୱର ଲୋୟର ପିଏମଜିରେ ଯୋଗାଣ ସହାୟକମାନେ ଧାରଣାରେ ବସି ପ୍ରତିବାଦ ଚଳାଇ ଆସିଥିଲେ। ଏହା ପ୍ରଭାବରେ ପାଖାପାଖି ୨୦ ଜିଲ୍ଲାର ୩୫ ଶହ ପଞ୍ଚାୟତରେ ପ୍ରାୟ ମାସେ ହେବ ଯୋଗାଣ ସେବା ବନ୍ଦ ହୋଇଥିଲା। ଏହି ଆନ୍ଦୋଳନ ଯୋଗୁଁ ୩ ମାସ ହେବ ଯୋଗାଣ ସାମଗ୍ରୀ ପାଇବାରୁ ଖାଉଟି ବଞ୍ଚିତ ହୋଇଥିଲେ। ଆଗକୁ ଦୁର୍ଗା ପୂଜା ଥିବାରୁ ଯୋଗାଣ ସାମଗ୍ରୀ ବଣ୍ଟନ ନେଇ ଆଜି ସଂଘ ସହ ଆଲୋଚନା କରି ଦାବି ପୂରଣ ନେଇ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରହିଲା ବୋଲି ରାଜ୍ୟ ଯୋଗାଣ ସଂଘ ସଭାପତି ସଞ୍ଜୀବ ଦାସ କହିଛନ୍ତି। ତେବେ ସରକାର ଯଦି ଦଶହରା ପରେ ଦାବି ପୂରଣ ନ କରନ୍ତି ଓ ପ୍ରତିଶ୍ରୁତିକୁ ପ୍ରତାରଣାରେ ପରିଣତ କରନ୍ତି ତେବେ ପୁଣି ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବୋଲି ସେ ଚେତାବନୀ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଆୟ ଅନୁସାରେ ବ୍ୟୟ ହେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ଯାନବାହନ କିଣିବା ଯୋଗ ଅଛି।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶ ପାଇଁ ଉପଯୁକ୍ତ ସମୟ। ମହିଳାମାନେ ଦାନ ଧର୍ମ କରନ୍ତୁ।

**ମିଥୁନ:** ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଉଧାର ଟଙ୍କା ଫେରିପାଇବେ।

**କର୍କଟ:** ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଅଫିସ୍ ସହକର୍ମୀଙ୍କ ସହଯୋଗ ପାଇବେ।

**କନ୍ୟା:** ଆୟ ଓ ବ୍ୟୟ ସମାନ ହେବ। ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ମୀନ:** ବିଦ୍ୟାର୍ଥୀ ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଘଟଣା

- ୧୯୩୬- ହିନ୍ଦୀ ସାହିତ୍ୟ ଜଗତର କିମ୍ବଦନ୍ତୀ ଲେଖକ ମୁନ୍‌ସୀ ପ୍ରେମଚନ୍ଦଙ୍କ ଦେହାନ୍ତ।
- ୧୯୬୨ : ଆଲଜେରିଆ ଜାତିସଂଘରେ ଯୋଗଦେଲା ।
- ୧୯୮୦ : ରୁଷ୍-ସିରିୟା ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
- ୧୯୮୨ : ପୋଲାଣ୍ଡ ୬ଟି ରାଷ୍ଟ୍ର ସହ ବ୍ୟବସାୟିକ ସମ୍ପର୍କ ଛିନ୍ନ କଲା ।
- ୧୯୯୮ - ଭାରତ ଫ୍ଲାଇଟ୍ ସେଫ୍ଟି ଫାଉଣ୍ଡେସନ୍‌ର ସଦସ୍ୟ ହେଲା।



## ଭାରତୀୟ ବାୟୁସେନା ଦିବସ

ପ୍ରତିବର୍ଷ ୮ ଅକ୍ଟୋବରକୁ ଭାରତରେ ବାୟୁସେନା ଦିବସ ଭାବେ ବେଶ୍ ଗର୍ବ ଓ ଉତ୍ସାହର ସହ ପାଳନ କରାଯାଏ। ଦେଶର ଆକାଶ ମାର୍ଗକୁ ସୁରକ୍ଷିତ ରଖିବାରେ ଏବଂ ଯୁଦ୍ଧ ସମୟରେ ଅତୁଳନୀୟ ସାହସିକତା ପ୍ରଦର୍ଶନ କରୁଥିବା ବାୟୁସେନାର ବୀର ଯବାନମାନଙ୍କୁ ସମ୍ମାନ ଜଣାଇବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଭାରତୀୟ ବାୟୁସେନା ହେଉଛି ଭାରତୀୟ ସଶସ୍ତ୍ର ବାହିନୀର ଏକ ପ୍ରମୁଖ ଅଙ୍ଗ, ଯାହାର ମୁଖ୍ୟ ଦାୟିତ୍ୱ ହେଉଛି ଭାରତର ଆକାଶ ମାର୍ଗକୁ ସୁରକ୍ଷିତ ରଖିବା ଏବଂ ଯୁଦ୍ଧ ସମୟରେ ଆକାଶ ପଥରୁ ଶତ୍ରୁର ମୁକାବିଲା କରିବା। ବ୍ରିଟିଶ ଶାସନ ସମୟରେ ୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ଏହାର ବିଧିବଦ୍ଧ ପ୍ରତିଷ୍ଠା ହୋଇଥିଲା। ସେହିଦିନଠାରୁ ପ୍ରତିବର୍ଷ ଅକ୍ଟୋବର ୮ କୁ ବାୟୁସେନା ଦିବସ ଭାବେ ପାଳନ କରାଯାଉଛି। ପ୍ରାରମ୍ଭରେ ଏହାକୁ 'ରୟାଲ୍ ଇଣ୍ଡିଆନ୍ ଏୟାରଫୋର୍ସ' କୁହାଯାଉଥିଲା। ୧୯୫୦ ମସିହାରେ ଏଥିରୁ 'ରୟାଲ୍' ଶବ୍ଦ ହଟାଇ କେବଳ ଭାରତୀୟ ବାୟୁସେନା ନାମ ଦିଆଗଲା। ୧୯୪୭, ୧୯୬୫, ୧୯୭୧ ର ପାକିସ୍ତାନ ଯୁଦ୍ଧ ହେଉ କିମ୍ବା ଚୀନ୍ ସହ ସଂଘର୍ଷ, ବାୟୁସେନା ସବୁବେଳେ ଶତ୍ରୁ ପକ୍ଷର ମେରୁଦଣ୍ଡ ଭାଙ୍ଗିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶେଷ କରି ୧୯୯୯ ର କାର୍ଗିଲ ଯୁଦ୍ଧରେ ଅପରେସନ ସଫେଦ ସାଗର ମାଧ୍ୟମରେ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଲୁଚି ରହିଥିବା ଅନୁପ୍ରବେଶକାରୀଙ୍କୁ ଧୂଳି ଚଟାଇ ବାୟୁସେନା ଯେଉଁ ପରାକ୍ରମ ଦେଖାଇଥିଲା, ତାହା ସାମରିକ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। କେବଳ ଯୁଦ୍ଧ ନୁହେଁ, ବନ୍ୟା, ବାତ୍ୟା କିମ୍ବା ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାୟୁସେନା ସବୁବେଳେ ଲୋକଙ୍କୁ ଉଦ୍ଧାର କରିବା ଓ ସହାୟତା ଯୋଗାଇବାରେ ଆଗଧାଡ଼ିରେ ରହିଥାଏ। ୧୯୩୨ ମସିହାରେ ମାତ୍ର ୪ଟି ଛୋଟ ବିମାନରୁ ଆରମ୍ଭ ହୋଇଥିବା ଏହି ବାୟୁସେନା ଆଜି ରାଫେଲ୍, ସୁଖୋଇ-୩୦ ଏବଂ ସ୍ୱଦେଶୀ ତେଜସ୍ ଭଳି ସୁପରସୋନିକ୍ ଲଢ଼ୁଆ ବିମାନରେ ସମୃଦ୍ଧ। ଦେଶ ମାତୃକାର ସୁରକ୍ଷା ପାଇଁ ଆକାଶ ମାର୍ଗରେ ନିଜ ଜୀବନକୁ ବାଜି ଲଗାଉଥିବା ବୀର ସୈନିକ ଓ ଶହୀଦମାନଙ୍କ ଅସୀମ ସାହସ, ତ୍ୟାଗ ଓ ନିଷ୍ଠାକୁ ସମ୍ମାନ ଜଣାଇବା ସହ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରି ସେମାନଙ୍କୁ ବାୟୁସେନାରେ ଯୋଗଦେବା ପାଇଁ ଅନୁପ୍ରାଣିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

## ୧୪ ବର୍ଷ ପରେ ଅକ୍ଷୟ-ସାଜିଦ୍ ଯୋଡ଼ି

ବଲିଉଡ୍ ସୁପରଷ୍ଟାର୍ ଅକ୍ଷୟ କୁମାର ଯଦିଓ ନିଜର ଦମଦାର୍ ଆକ୍ସନ୍ ପାଇଁ ସିନେମା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ତାଙ୍କ ଅଭିନୀତ କମେଡି ଫିଲ୍ମଗୁଡ଼ିକ ମଧ୍ୟ ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଛି। ଏବେ 'ଖିଲାଡି କୁମାର'ଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ସେ ତାଙ୍କର ଆଗାମୀ ପ୍ରୋଜେକ୍ଟରେ ପୁଣିଥରେ କମେଡି ଅବତାରକୁ ଫେରୁଛନ୍ତି। ନିକଟରେ ମୁକ୍ତିଲାଭ କରିଥିବା ଅକ୍ଷୟଙ୍କ ଅଭିନୀତ ଫିଲ୍ମ 'ହେୱାନ' ବକ୍ସ ଅଫିସ୍‌ରେ ସେଭଳି କିଛି ଖାସ୍ କମାଲ କରିପାରିନାହିଁ। ଏହି ଫିଲ୍ମର ନିରାଶାଜନକ ପ୍ରଦର୍ଶନ ପରେ ଅକ୍ଷୟ ଏବେ ପୁଣିଥରେ କମେଡି ଫିଲ୍ମକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି। ଅକ୍ଷୟଙ୍କର ସବୁଠାରୁ ଭଲ ବନ୍ଧୁ ତଥା ନିର୍ଦ୍ଦେଶକ ସାଜିଦ୍ ଖାନ୍‌ଙ୍କ ଆଗାମୀ କମେଡି ଫିଲ୍ମରେ ସେ ନଜର ଆସିବେ। ଶେଷ ଥର ପାଇଁ ଏହି ଯୋଡ଼ି ୨୦୧୨ରେ ଆସିଥିବା ସୁପରହିଟ୍ କମେଡି ଫିଲ୍ମ 'ହାଉସଫୁଲ୍ ୨'ରେ ଏକାଠି କାମ କରିଥିଲେ। ଦୀର୍ଘ ୧୪ ବର୍ଷର ବ୍ୟବଧାନ ପରେ ଏହି ସୁପରହିଟ୍ ଯୋଡ଼ି ପୁଣିଥରେ ବଡ଼ ପରଦାରେ ଧମାକା କରିବାକୁ ଯାଉଛନ୍ତି। ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଏକତା କପୁର ଅଛନ୍ତି। ଯଦିଓ ଫିଲ୍ମର ନାମ ଏପର୍ଯ୍ୟନ୍ତ ଫାଇନାଲ ହୋଇନାହିଁ କିନ୍ତୁ ଏହା ଏକ ଜବରଦସ୍ତ କମେଡି ଫିଲ୍ମ ହେବ ବୋଲି ଚର୍ଚ୍ଚା ହେଉଛି। ଏହି ଫିଲ୍ମର ସବୁଠାରୁ ବଡ଼ ଆକର୍ଷଣ ହେବ ଏହାର ଷ୍ଟାରକାଷ୍ଟ। ଏଥିରେ ଅକ୍ଷୟଙ୍କ ସହ ଆର୍. ମାଧବନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ନିକଟରେ ଉଭୟ କଳାକାର ଫିଲ୍ମ 'କେସରୀ ଚାପ୍ଟର ୨: ଦ ଅନଟୋଲ୍ଡ ଷ୍ଟୋରୀ ଅଫ୍ ଜାଲିଆନୱାଲା ବାଗ୍'ରେ ପରସ୍ପରର ଶତ୍ରୁ ଭୂମିକାରେ ଅଭିନୟ କରିଥିଲେ। ସେହି ଫିଲ୍ମରେ ପରସ୍ପର ବିରୋଧରେ ଲଢ଼ିବା ପରେ, ଏବେ ଏହି ଦୁଇ କଳାକାର କମେଡି ଜରିଆରେ ଦର୍ଶକଙ୍କୁ କେତେ ହସାଉଛନ୍ତି, ତାହା ଦେଖିବାକୁ ବାକି ରହିଲା।



## ଆମାଜନ ଜଙ୍ଗଲରେ ୩୮ ବର୍ଷ

ଆଜିର ୪ଜି, ୫ଜି ଦୁନିଆ ଠାରୁ ହଜାର ହଜାର କିଲୋମିଟର ଦୂରରେ ଏମିତି ଏକ ଜଗତ ଅଛି, ଯେଉଁଠି ପ୍ରତି ସେକେଣ୍ଡରେ ମୃତ୍ୟୁ ଓ ଜୀବନ ମଧ୍ୟରେ ଲଢ଼େଇ ଚାଲେ। ଏହି ସ୍ଥାନଟି ହେଉଛି ଆମାଜନ ଜଙ୍ଗଲ। ସେହି ଭୟଙ୍କର ସବୁଜ ସାମ୍ରାଜ୍ୟ ଭିତରେ ଜଣେ ମଣିଷ ଦୀର୍ଘ ୩୮ ବର୍ଷ ବିତାଇ ଦେଇଛନ୍ତି। ଚିକୋ ନାମକ ଏହି ବ୍ୟକ୍ତିଙ୍କୁ ନିକଟରେ ବିଶ୍ୱପ୍ରସିଦ୍ଧ ୟୁଟ୍ୟୁବ୍ ଚ୍ୟାନେଲ 'ୟେସ୍ ଥିଓରି' ଲୋକଲୋଚନକୁ ଆଣିଛି। ୩୮ ବର୍ଷ ପୂର୍ବେ ଯେତେବେଳେ ଚିକୋ ଏହି ଦୁର୍ଗମ ଜଙ୍ଗଲ ଭିତରକୁ ପ୍ରବେଶ କରିଥିଲେ, ସେତେବେଳେ ତାଙ୍କ ପାଖରେ କେବଳ ଏକ ଛୁରୀ ଏବଂ ବଞ୍ଚି ରହିବାର ଦୃଢ଼ ଇଚ୍ଛାଶକ୍ତି ଥିଲା। ଆମାଜନ ଜଙ୍ଗଲରେ ସାଧାରଣ ମଣିଷଟିଏ ମଧ୍ୟ କିଛି ଦିନ ରହିବା ଅସମ୍ଭବ। କାରଣ ଏହି ଜଙ୍ଗଲରେ ଅନେକ ବିଷଧର ସାପ ସହ ଜଙ୍ଗଲୀ ଜୀବଜନ୍ତୁ ଓ ଅତି ବିଷାକ୍ତ ପୋକଜୋକ ରହିଛନ୍ତି। ଚିକୋ ଏହି ସମସ୍ତ ବିପଦକୁ ନିଜର ଦୈନନ୍ଦିନ ଜୀବନର ଅଂଶ ଭାବେ ଗ୍ରହଣ କରିଛନ୍ତି। ସେ ବର୍ଷା ଜଳ ସଂଗ୍ରହ କରି ପିଅନ୍ତି, ଅରଣ୍ୟର ଫଳମୂଳ ଏବଂ ବାରହା ଶିକାର କରି ଖାଇଥାନ୍ତି। ଚିକୋଙ୍କ କାହାଣୀରେ ସବୁଠାରୁ ପ୍ରେରଣାଦାୟୀ ଅଧ୍ୟାୟ ହେଉଛି ତାଙ୍କର ଧୈର୍ଯ୍ୟ। ପ୍ରାୟ ୩୮ ବର୍ଷ ପୂର୍ବେ ସେ ନିଜ ହାତରେ ଜଙ୍ଗଲ ମଧ୍ୟରେ ୧,୫୦୦ଟି 'ବ୍ରାଜିଲ୍ ନଟ୍' ଗଛ ଲଗାଇଥିଲେ। ଏହି ଗଛଗୁଡ଼ିକ ବଡ଼ ହୋଇ ଫଳ ଦେବା ପାଇଁ ଦଶନ୍ଧି ଦଶନ୍ଧି ସମୟ ଲାଗିଥାଏ। ସମୟର ସ୍ରୋତ ବହିଗଲା, ଦୁନିଆ ବଦଳିଗଲା, ହେଲେ ଚିକୋ ସେହି ଗଛଗୁଡ଼ିକର ଯତ୍ନ ନେବା ଛାଡ଼ି ନ ଥିଲେ। ଚଳିତ ବର୍ଷ, ଅର୍ଥାତ୍ ଦୀର୍ଘ ୩୮ ବର୍ଷର ଅପେକ୍ଷା ପରେ, ଚିକୋ ପ୍ରଥମ ଥର ପାଇଁ ତାଙ୍କ ନିଜ ହାତରେ ଲଗାଇଥିବା ଗଛରୁ ଫଳ ଅମଳ କରିଛନ୍ତି ! ଏହା ପ୍ରକୃତି ଏବଂ ମଣିଷ ମଧ୍ୟରେ ଥିବା ଏକ ଅତି ନିବିଡ଼ ସମ୍ପର୍କର





ପ୍ରମାଣ। ପ୍ରାୟ ୨ ମାସ ଧରି 'ୟେସ୍ ଥିଓରି' ଦଳ ଆମାଜନ ଜଙ୍ଗଲରେ ଏକାକି ରହୁଥିବା ଚିକୋଙ୍କୁ ଖୋଜୁଥିଲେ । ସେମାନେ ଜଙ୍ଗଲର ବିଭିନ୍ନ ଅଞ୍ଚଳକୁ ୬ ଜଣ ଗାଇଡ୍ ପଠାଇଥିଲେ । ଶେଷରେ ସେମାନେ ଜଣେ ସାମ୍ବାଦିକଙ୍କ ସହ ଯୋଗାଯୋଗ କରି ଦୀର୍ଘ ଦିନର ବିପଜ୍ଜନକ ଯାତ୍ରା ପରେ ଚିକୋଙ୍କ ନିକଟରେ ପହଞ୍ଚିଥିଲେ। ଏହାପରେ ଚିକୋଙ୍କ କାହାଣୀ ସାରା ଦୁନିଆ ଜାଣିପାରିଲା। ଯେତେବେଳେ ଅନୁସନ୍ଧାନକାରୀ ଦଳ ଚିକୋଙ୍କୁ ପଚାରିଥିଲେ ଯେ, ସେ ଏତେ ବର୍ଷ ଏହି ଜଙ୍ଗଲରେ ଏକାକି କେମିତି ରହିଲେ? ଚିକୋ ଉତ୍ତର ଦେଇଥିଲେ-"ଏହି ନିଛାଟିଆ ମହାଅରଣ୍ୟରେ ଟଙ୍କା କିମ୍ବା ସମ୍ପତ୍ତିର କୌଣସି ମୂଲ୍ୟ ନାହିଁ। ଏଠାରେ ମଣିଷକୁ ନିଜ ଆବଶ୍ୟକତା ନିଜେ ହିଁ ଉତ୍ପନ୍ନ କରିବାକୁ ପଡ଼େ। ପ୍ରକୃତି ହିଁ ମୋର ଘର, ମୋର ପରିବାର ଏବଂ ସେ ହିଁ ମୋତେ ବଞ୍ଚାଇ ରଖିଛି ।"

# ସୁଶ୍ରୀ

## ବେଙ୍ଗଲି ଆଉଟ୍‌ଫିଟ୍

ପାଖେଇ ଆସୁଛି ଶାରଦୀୟ ନବରାତ୍ରୀ। ଏଥିରେ ମହିଳାମାନେ ପୂଜାପାଠ ସହ ଧଳା ନାଲି ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ପାରମ୍ପରିକ ବେଙ୍ଗଲି ଲୁକ୍ ଚାହୁଁଥିଲେ ଏହି ଶାଢ଼ି ପିନ୍ଧିପାରିବେ।

**ବାଲୁଚରି ଶାଢ଼ି**

ରାଜକୀୟ ଲୁକ୍ ପସନ୍ଦ ଥିଲେ ବାଲୁଚରି ଶାଢ଼ି ପିନ୍ଧିପାରିବେ। ଏହା ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ।

**ଗରଦ**

ସିମ୍ପଲ ଡିଜାଇନ ପାଇଁ ଏହି ଶାଢ଼ି ବେଶ୍ ପରିଚିତ। ଉଜ୍ଜ୍ୱଳ ନାଲି ଧଡ଼ିକୁ ଅଫ୍ ହ୍ୱାଇଟ୍ ରଙ୍ଗ ଖୁବ୍ ଆକର୍ଷଣୀୟ ଦିଶିଥାଏ।

## ମହୁ, ବିଟ୍‌ରୁ କଳାଦାଗ ଦୂର

ନିଦ୍ରାଭାବ, ଅବସାଦ ଯୋଗୁ ଆଖି ତଳେ କଳା ଦାଗ ପଡ଼ିଯାଏ। ଏଥିପାଇଁ ଚେହେରା ଶୁଷ୍କ ଏବଂ ରୋଗୀଣା ଦେଖାଯାଏ। ସେହିପରି ଏହି ସମସ୍ୟା ଅଧିକ ବଢ଼ିଗଲେ ବ୍ୟକ୍ତିତ୍ୱ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ। ଏଥିଯୋଗୁ ଅନେକ ମହିଳା ଆତ୍ମବିଶ୍ୱାସ ହାରିଯାଆନ୍ତି। ତେବେ ବିଟ୍‌ରୁଟ୍ ପାଉଡର୍, ମହୁ ଏବଂ ମିଲ୍କ ପାଉଡର ମିଶାଇ ଏହାକୁ ଲଗାଇ ଦାଗ ଦୂର କରିପାରିବେ।

- ଏଥିପାଇଁ ଗୋଟିଏ ପାତ୍ରରେ ଅଧା ଚାମଚ ମହୁ, ଦୁଇ ଚାମଚ ବିଟ୍‌ରୁଟ୍ ପାଉଡର, ବାଦାମ ତେଲ ସମେତ ମିଲ୍କ ପାଉଡର୍ ମିଶାଇ ଭଲରେ ଘାଣ୍ଟି ଦିଅନ୍ତୁ। ଏହାର ଏକ ଗାଢ଼ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଆଖିତଳେ ଲଗାଇ ୧୦-୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ।
- ସେହିପରି ସ୍କ୍ରିନ୍ ଟାଇମ୍ ଅଧିକ ହେଲେ ଆଖି ଥକିଯିବା ସହ ଶୁଷ୍କତା ଆସିଯାଏ। ଏପରି ସ୍ଥଳେ ଆଖି ଉପରେ କୁଲିଂ ମାସ୍କ ଲଗାଇଲେ ଆଖି ସତେଜ ରହିଥାଏ। ଏହି ପ୍ୟାକ୍ ଆଖପାଖ ସ୍ଥାନରେ ସହଜରେ ଉପଲବ୍ଧ ଥାଏ।
- ତେବେ ଆଖି ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ। ତେଣୁ ଏହାକୁ ଲଗାଇବା ପୂର୍ବରୁ ସାବଧାନତା ଅବଲମ୍ବନ କରିବା ଜରୁରି। ଏହା ଯେପରି ଆଖି ଭିତରକୁ ନଯାଏ ସେଥିପ୍ରତି ସତର୍କ ରୁହନ୍ତୁ।



## ଦାଣ୍ଡିଆ ନାଇଟ୍ ପାଇଁ ଲାଠି କିଣୁଥିଲେ



ନବରାତ୍ରୀକୁ ନେଇ ମହିଳାମାନେ ଉତ୍ସାହିତ ଥାନ୍ତି। ଏଥିପାଇଁ ପାରମ୍ପରିକ ଲେହେଙ୍ଗା ସହ ଦାଣ୍ଡିଆ କିଣନ୍ତି। ହେଲେ ଅନେକ ସମୟରେ ଭୁଲ୍ ଦାଣ୍ଡିଆ ଚୟନ ଦ୍ୱାରା ଖେଳିବା ସମୟରେ ଏହା ଭାଙ୍ଗିଯାଏ। ତେଣୁ ଲାଠି କିଣୁଥିଲେ କିଛିଟା ସତର୍କତା ଆପଣାନ୍ତୁ।

**କାଠର ଗୁଣବତ୍ତା ପରୀକ୍ଷା**

ଦାଣ୍ଡିଆ କିଣୁଥିଲେ ସାମାନ୍ୟ ମୋଟା ଦେଖି କିଣନ୍ତୁ। କାରଣ ହାଲୁକା ଦାଣ୍ଡିଆ ଶୀଘ୍ର ଭାଙ୍ଗିଯାଏ। ଏଥିପାଇଁ ଦାଣ୍ଡିଆକୁ ହାତରେ ନେଇ ସାମାନ୍ୟ ମୋଡ଼ି ପରୀକ୍ଷା କରନ୍ତୁ। କାଠ ନରମ ଥିଲେ ଏହାକୁ ନ କିଣିବା ଭଲ।

**ହାତର ସାଇଜ୍ ଅନୁଯାୟୀ ଦାଣ୍ଡିଆ**

ସର୍ବଦା ନିଜ ହାତର ସାଇଜ୍ ଅନୁସାରେ ଦାଣ୍ଡିଆ କିଣିବା ଭଲ। ଅଧିକ ବଡ଼ ଦାଣ୍ଡିଆ ଥିଲେ ଖେଳିବାରେ ଅସୁବିଧା ହୋଇଥାଏ। ଏଥିସହ ଛୋଟ ଦାଣ୍ଡିଆ ମଧ୍ୟ ହାତରୁ ଖସିଯାଏ। ତେଣୁ ହାତ ଅନୁଯାୟୀ ଦାଣ୍ଡିଆ ଚୟନ କରି ଆଣିବା ଭଲ। ୧୪ ରୁ ୧୬ ଇଞ୍ଚ ଭିତରେ ଦାଣ୍ଡିଆ ଭଲ ହୋଇଥାଏ।

## ଟାୟାର୍ ଡାକ୍ତରାଣୀ

**ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି। କଠିନ ପରିଶ୍ରମ, ସଂଘର୍ଷ କରି ନିଜ ପରିଚୟ ନିଜେ ସୃଷ୍ଟି କରୁଛନ୍ତି। ସେମିତି ଜଣେ ସାହସୀ ମହିଳା ହେଲେ ଉତ୍ତରାଖଣ୍ଡ ନୈନିତାଲର କମଳା ନେଗି। ଷାଠିଏ ବର୍ଷ ବୟସରେ ସେ ସାଇକଲ୍‌ଠୁ ନେଇ ଜେସିବି, ଡମ୍ପର ଭଳି ଭାରିଯାନଗୁଡ଼ିକର ଟାୟାର ପମ୍ଚର ମରାମତି କାର୍ଯ୍ୟ କରୁଛନ୍ତି। ଏକ ଛୋଟ ଦୋକାନରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ସ୍ଥାନୀୟ ଅଞ୍ଚଳରେ ସେ ଟାୟାର୍ ଡାକ୍ତରାଣୀ ଏବଂ ମହିଳା ମେକାନିକ୍ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି।**



ରାମଗଡ଼ ଓଡ଼ାଖାନ ଅଞ୍ଚଳରେ କମଳା ଏହି ଦୋକାନଟିକୁ ଚଳାନ୍ତି। ଏଠାରେ ସାଇକଲ, ବାଇକ୍ କାରଠୁ ଆରମ୍ଭ କରି ଜେସିବି, ବସ୍, ଟ୍ରକ୍ ଭଳି ଭାରିଯାନର ଟାୟାର୍ ମରାମତି କରିଥାନ୍ତି। ୨୦୦୪ ମସିହାରୁ ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଏଥିପାଇଁ ଗ୍ୟାରେଜ୍ କିମ୍ବା ଦୋକାନରୁ କୌଣସି ପ୍ରଶିକ୍ଷଣ ନେଇ ନଥିଲେ। ପ୍ରଥମେ ସେ ସାଇକଲ ପମ୍ଚର କରୁଥିଲେ। ଧୀରେ ଧୀରେ ନିଷ୍ଠା, କଠିନ ପରିଶ୍ରମ ଦ୍ୱାରା ବଡ଼ ବଡ଼ ଗାଡ଼ିର ମେକାନିକାଲ କାମ ଶିଖିଥିଲେ। ଯେ କୌଣସି ଗାଡ଼ିର ଟାୟାରଜନିତ ସମସ୍ୟାକୁ ସେ ଖୁବ୍ ସହଜରେ ସଠିକ୍ ଭାବେ ସମାଧାନ କରୁଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଶ୍ରଦ୍ଧାରେ ଟାୟାର ଡକ୍ଟର ଏବଂ ଆୟରନ୍ ଲେଡି ବୋଲି କହନ୍ତି।

କମଳାଙ୍କ ପାଇଁ ଏହି କାର୍ଯ୍ୟ ପ୍ରାରମ୍ଭରୁ ଏତେ ସହଜ ନଥିଲା। ସାଇକଲ ପମ୍ଚର ଶିଖିବା ପରେ ସେ ଧୀରେ ଧୀରେ ଭାରିଯାନର ଟାୟାର କାମ ଶିଖିବା ଆରମ୍ଭ କରିଥିଲେ। କାମ ବଢ଼ିବା ସହ ଦାୟିତ୍ୱ ଏବଂ ପରିଶ୍ରମ ବୃଦ୍ଧି ହୋଇଥିଲା। ଭାରିଯାନର ଟାୟାର କାର୍ଯ୍ୟ କରିବା ଏତେ ସହଜ ନୁହେଁ। ଏଥିପାଇଁ ଅନୁଭବ ସହ ଧୈର୍ଯ୍ୟ ଏବଂ କୌଶଳ ଶିଖିବାକୁ ପଡ଼ିଥାଏ। କମଳା ସେସବୁକୁ ଭ୍ରୁକ୍ଷେପ ନ କରି ଆଗକୁ ବଢ଼ିଥିଲେ। ସେ କେବେ ହେଲେ ନିଜ କାର୍ଯ୍ୟକୁ ଛୋଟ ଭାବି ନ ଥିଲେ। ସାଇକଲ ପମ୍ଚର ଦୋକାନରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ତାଙ୍କୁ ଏକ ନୂଆ ପରିଚୟ ଦେଇଛି।

ପମ୍ଚର ତଥା ଗାଡ଼ି ମରାମତିକୁ ସମାଜରେ ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ। ତେଣୁ କମଳା ଟାୟାର ପମ୍ଚର କାର୍ଯ୍ୟ କରିବାକୁ ନେଇ ଅନେକଙ୍କ ଠାରୁ ସମାଲୋଚିତ ହୋଇଥିଲେ। ଏପରି ସ୍ଥଳେ ତାଙ୍କ ପାଇଁ ଏହି ଯାତ୍ରା ଖୁବ୍ ସଂଘର୍ଷ ପୂର୍ଣ୍ଣ ଥିଲା। ଏହାସତ୍ତ୍ୱେ ସେ ନିରବ ରହି ଅନ୍ୟ କଥାକୁ ଭ୍ରୁକ୍ଷେପ ନ କରି ନିଜ କାର୍ଯ୍ୟରେ ମନୋନିବେଶ କରିଥିଲେ। ପୁରୁଷପ୍ରାଧାନ୍ୟ ଏହି ମେକାନିକ୍ ବ୍ୟବସାୟରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଧୀରେ ଧୀରେ ଲୋକ ତାଙ୍କ କାର୍ଯ୍ୟକୁ ପସନ୍ଦ କଲେ। ପୁରୁଷଙ୍କ ଭଳି ମହିଳାମାନେ ମେକାନିକ୍ କାର୍ଯ୍ୟ କରିବାରେ ସିଦ୍ଧହସ୍ତ ବୋଲି କମଳା ପ୍ରମାଣ କରିଛନ୍ତି। ତାଙ୍କ ଦୋକାନଠୁ ୨୫ କିଲୋମିଟର ଦୂରତା ଭିତରେ କୌଣସି ଗ୍ୟାରେଜ ନ ଥିବାରୁ କମଳାଙ୍କ ଦୋକାନ ଗାଡ଼ି ଚାଳକଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ।

## ମୋ ହାଣ୍ଡିଶାଳରୁ...

## ଟମାଟୋ ତରକାରି

**ଆବଶ୍ୟକ ସାମଗ୍ରୀ**

ଟମାଟୋ – ୫୦୦ ଗ୍ରାମ୍, ଚିନାବାଦାମ – ଅଧା କପ୍, କଟା ପିଆଜ – ଅଧା କପ୍, ଅଦା – ଏକ ଇଞ୍ଚ, ରସୁଣ – ଦୁଇ ଚାରି କୋଲା, କଞ୍ଚା ଲଙ୍କା– ଗୋଟିଏ, ଜିରା ଗୁଣ୍ଡ- ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, ଗରମ ମସଲା ଗୁଣ୍ଡ – ଅଧା ଚାମଚ, ଧନିଆ ପତ୍ର – ଅଳ୍ପ, ଭୃସଙ୍ଗ ପତ୍ର – ଏକ ଡାଳ, ଜିରା - ଏକ ଚାମଚ, ଲୁଣ- ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଶିଳରେ ଚିନାବାଦାମ, ସେଉ, ଅଦା, ରସୁଣ, କଞ୍ଚାଲଙ୍କା, ଜିରାଗୁଣ୍ଡ, ହଳଦୀଗୁଣ୍ଡ, ଲଙ୍କା ଗୁଣ୍ଡ , ଗରମ ସମଲା , ଧନିଆ ପତ୍ର ସହ ଲୁଣ ଦେଇ ଚେଚି ପାତ୍ରରେ ରଖନ୍ତୁ। ଏହାପରେ ଟମାଟୋକୁ ମଝିରୁ ଚାରିଫାଳ କରି କାଟନ୍ତୁ। ଧ୍ୟାନ ଦେବେ ଟମାଟୋ ଯେପରି ପୁରା ନ କଟେ। ଏହାପରେ କଟା ଟମାଟୋ ମଧ୍ୟରେ ଛେଚି ରଖିଥିବା ଷ୍ଟଫିଂକୁ ଦିଅନ୍ତୁ। ଏହାପରେ କଡ଼େଇରେ ତାୱା ବସାଇ ସେଥିରେ ତେଲ ଦେଇ ଜିରା, ପିଆଜ ଏବଂ ଭୃସଙ୍ଗ ପତ୍ର ପକାନ୍ତୁ। ଏହାକୁ ଭାଜି ସେଥିରେ ଟମାଟୋକୁ ଦେଇ ସାମାନ୍ୟ ପାଣି ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ପାଞ୍ଚମିନିଟ୍ ପରେ ଢାଙ୍କୁଣି ଖୋଲି ଏହାକୁ ଏକ ପାତ୍ରକୁ କାଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଟମାଟୋ ତରକାରୀ' ।



# ଆର୍ଜେଣ୍ଟିନା ପାଇଁ ବିଦାୟୀ ମ୍ୟାଚ୍ ଖେଳିଲେ ମେସି



ମେସିଙ୍କ ବିଦାୟୀ ମ୍ୟାଚରେ ଭାବବିହ୍ୱଳ ଆର୍ଜେଣ୍ଟିନା ଖେଳାଳି



ଶେଷ ମ୍ୟାଚ୍ ଅବସରରେ ମେସି

ବୁଏନସ୍ ଆୟର୍ସ, ୭ ।୧୦(ଏଜେନ୍ସି)

ଅନ୍ତର୍ଜାତୀୟ ଫୁଟବଲ୍‌ରେ ନିଜର ଶେଷ ମ୍ୟାଚ୍‌କୁ ସ୍ମରଣୀୟ କରିଛନ୍ତି ଆର୍ଜେଣ୍ଟିନାର ମହାନ ଫୁଟବଲର୍ ଲିଓନେଲ୍ ମେସି । ଗତକାଲି ଏଷ୍ଟାଡିଓ ମୋନୁମେଣ୍ଟାଲ୍ ଷ୍ଟାଡିୟମରେ ପଶ୍ଚିମ ଆଫ୍ରିକୀୟ ଦେଶ ବେନିନ୍ ବିପକ୍ଷ ଆର୍ଜେଣ୍ଟିନା ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲା । ଯାହା ଆର୍ଜେଣ୍ଟିନା ଜର୍ସିରେ ମେସିଙ୍କ ଲାଗି ଅନ୍ତିମ ମ୍ୟାଚ୍ ଥିଲା । ଏହି ମ୍ୟାଚରେ ଆର୍ଜେଣ୍ଟିନା ୩-୦ ଗୋଲ୍‌ରେ ବିଜୟୀ ହୋଇଥିଲା । ଯେଉଁଥିରେ ମେସି ୭୧ତମ ମିନିଟରେ ପେନାଲ୍ଟିରୁ ଗୋଲ୍ କରିଥିଲେ । ସେହିଭଳି ଦୁଇଟି ଗୋଲ୍‌ରେ ସହାୟତା କରି ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପ୍ରଶଂସକମାନଙ୍କୁ ଆନନ୍ଦିତ କରିଥିଲେ । ଅନ୍ତର୍ଜାତୀୟ ଫୁଟବଲରେ ମେସିଙ୍କ ଏହା ୧୨୬ତମ ଗୋଲ୍ ଥିଲା । ମ୍ୟାଚ୍ ଶେଷ ହେବା ପରେ ଖେଳାଳିମାନେ ମେସିଙ୍କୁ ସମ୍ମାନ ଜଣାଇବା ପାଇଁ ହାତ ମିଳାଇ ପରସ୍ପରକୁ ଆଲିଙ୍ଗନ କରିଥିଲେ । ସେହି ସମୟରେ ମେସି ଭାବପ୍ରବଣ ହୋଇ କାନ୍ଦି ପକାଇଥିବା ଦେଖିବାକୁ ମିଳିଥିଲା । ମେସିଙ୍କୁ ପଡ଼ିଆରେ ଦେଖିବାକୁ ଆସିଥିବା ପ୍ରଶଂସକଙ୍କ ଆଖିରେ ମଧ ଲୁହ ଆସିଯାଇଥିଲା । ଏହି ମ୍ୟାଚ୍ ଏକ ଭାବପ୍ରବଣ ବିଦାୟରେ ପରିଣତ ହୋଇଥିଲା ।

ପ୍ରକାଶଯୋଗ୍ୟ ୩୯ ବର୍ଷୀୟ ମେସି ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ସ୍ପେନ୍‌ଠାରୁ ୦-୧ରେ ପରାଜୟର କିଛି ଦିନ ପରେ ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରିଥିଲେ । ତେଣୁ ତାଙ୍କୁ ସ୍ୱତନ୍ତ୍ର ବିଦାୟ ଜଣାଇବା ଲାଗି ବେନିନ୍ ବିପକ୍ଷ ମ୍ୟାଚ୍ ଆୟୋଜନ କରାଯାଇଥିଲା । ମେସିଙ୍କ ସାଥୀ ଖେଳାଳି ନିକୋଲାସ୍ ଓଟାମେଣ୍ଡିଙ୍କର ମଧ ଏହା ଆର୍ଜେଣ୍ଟିନା ପାଇଁ ଶେଷ ମ୍ୟାଚ୍ ଥିଲା ।

### ୨୦୮ ମ୍ୟାଚ୍, ୧୨୬ ଗୋଲ୍

ମେସି ୨୦୦୫ରେ ମାତ୍ର ୧୮ ବର୍ଷ ବୟସରେ ହଙ୍ଗେରୀ ବିପକ୍ଷରେ ଖେଳି ଆର୍ଜେଣ୍ଟିନା ପାଇଁ ପଦାର୍ପଣ କରିଥିଲେ । କ୍ୟାରିୟରରେ ସେ ଆର୍ଜେଣ୍ଟିନା ପାଇଁ ୨୦୮ ଟି ମ୍ୟାଚ୍ ଖେଳି ୧୨୬ଟି ଗୋଲ୍ କରିଛନ୍ତି । ସେହିଭଳି ୬୯ଟି ଗୋଲରେ ସହାୟତା କରିଛନ୍ତି । ସେ ଖେଳିଥିବା ୨୦୮ ଟି ମ୍ୟାଚରୁ ଆର୍ଜେଣ୍ଟିନା ୧୩୫ରେ ବିଜୟ ଓ ୩୦ ପରାଜୟ ଓ ୪୩ଟି ଡ୍ର ରଖିଛି । ଅନ୍ତର୍ଜାତୀୟ ପୁରୁଷ ଫୁଟବଲରେ ସର୍ବାଧିକ ଗୋଲ୍ ଦେବାରେ କ୍ରିଷ୍ଟିଆନୋ ରୋନାଲ୍ଡୋ (୧୪୬)ଙ୍କ ପରେ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ତାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୨୦୨୨ ଫିଫା ବିଶ୍ୱକପରେ ଚାମ୍ପିଅନ ହୋଇଥିଲା । ସେହିଭଳି ୨୦୧୪ ଓ ୨୦୨୬ ବିଶ୍ୱକପ୍ ରନର୍ସଅପ୍ ଆର୍ଜେଣ୍ଟିନା ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ । ୨୦୧୪ ଓ ୨୦୨୨ ବିଶ୍ୱକପରେ ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ 'ଗୋଲ୍ଡେନ ବୁଟ୍' ବିଜୟୀ ହୋଇଥିଲେ । ଏହାବାଦ୍ ମେସି ଦୁଇଥର (୨୦୨୧ ଓ ୨୦୨୪)ରେ କୋପା ଆମେରିକା ଟ୍ରଫି ବିଜୟୀ ଆର୍ଜେଣ୍ଟିନା ଦଳରେ ମଧ ରହିଥିଲେ । ମେସି ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୬ଟି ଫିଫା ବିଶ୍ୱକପ୍ ଓ ୧୮୮ ଜଣ ଆର୍ଜେଣ୍ଟିନା ଖେଳାଳିଙ୍କ ସହ ଏକାଠି ଖେଳିଛନ୍ତି ।

■ ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍

## ଟପ୍-୧୦ରେ ଅକ୍ଷର, ଆୟର



ଦୁବାଇ, ୭ ।୧୦ (ଏଜେନ୍ସି): ଭାରତୀୟ ଦଳର ଅଧିନାୟକ ଶ୍ରେୟସ ଆୟର କ୍ୟାରିୟରର ପ୍ରଥମଥର ଲାଗି ଆଇସିସି ଟି-୨୦ ର୍ୟାଙ୍କିଙ୍ଗର ଟପ୍-୧୦ରେ ପ୍ରବେଶ କରିଛନ୍ତି । ଗତକାଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ଲକ୍ଷ୍ନୌ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଆୟର ୧୦୨ ରନର ଅପରାଜିତ ଶତକୀୟ ପାଳି ଖେଳି ଭାରତକୁ ୮ ୱିକେଟରେ ବିଜୟୀ କରାଇଥିଲେ । ଟି-୨୦ ଫର୍ମାଟରେ ଆୟରଙ୍କ ଏହା ପ୍ରଥମ ଶତକ ଥିଲା । ଏହି ଇନିଂସ ପରେ ଆୟରଙ୍କ ବ୍ୟାଟିଂ ମାନ୍ୟତାରେ ବଡ଼ ଉନ୍ନତି ଘଟିଥିଲା । ଆୟର ଏକାଥରକେ ୧୮ ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୭ ନମ୍ବର ସ୍ଥାନ ହାସଲ କରିଛନ୍ତି । ଫଳରେ ବର୍ତ୍ତମାନ ଟି-୨୦ ବ୍ୟାଟିଂ ତାଲିକାରେ ୪ଜଣ ବ୍ୟାଟର୍ ଟପ୍-୧୦ରେ ରହିଛନ୍ତି । ଇଶାନ କିଶାନ ପୂର୍ବଭଳି ଏକ ନମ୍ବର ସ୍ଥାନରେ ରହିଛନ୍ତି । ସେହିଭଳି ଅଭିଷେକ ଶର୍ମା ଓ ତିଳକ ବର୍ମା ଯଥାକ୍ରମେ ଦ୍ୱିତୀୟ ଓ ୧୦ମ ସ୍ଥାନ ଲାଭ କରିଛନ୍ତି । ୱେଷ୍ଟଇଣ୍ଡିଜର ଶିର୍ଫାନ ରଦରଫୋର୍ଡ ଏକାଥରକେ ୧୦ଟି ପାହାଚ ଉପରକୁ ଉଠି ୩୭ତମ ସ୍ଥାନରେ ପହଞ୍ଚିଛନ୍ତି । ଅପରପକ୍ଷରେ ବୋଲିଂ ତାଲିକାରେ ଅକ୍ଷର ପଟେଲଙ୍କ ମଧ ଆଖିଦୃଶିଆ ଉନ୍ନତି ଘଟିଛି । ଅକ୍ଷର ୨୪ରୁ ଏକାଥରରେ ୭ମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି । ଯଶପ୍ରୀତ୍ ବୁମରା ମଧ ୩ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ପହଞ୍ଚିଛନ୍ତି ।

## ଅବସର ନେଲେ ସ୍ପେନ୍ ଫୁଟବଲର ପେଡ୍ରୋ



ଚେନ୍ନାଇ, ୭ ।୧୦(ଏଜେନ୍ସି): ଫୁଟବଲ୍ ଜଗତକୁ ବିଦାୟ ଜଣାଇଛନ୍ତି ବାର୍ସିଲୋନା ଓ ସ୍ପେନ୍‌ର ପୂର୍ବତନ ତାରକା ପେଡ୍ରୋ ରୋଡ୍ରିଗେଜ୍ । ୩୯ ବର୍ଷୀୟ ପେଡ୍ରୋ ବୁଧବାର ସାମାଜିକ ଗଣମାଧ୍ୟମରେ ଅବସର ଘୋଷଣା କରି ଦୀର୍ଘ ଓ ସଫଳ କ୍ୟାରିୟର୍‌ରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି । ପେଡ୍ରୋ କହିଛନ୍ତି, ଏବେ ତାଙ୍କ ପାଇଁ ଫୁଟବଲ୍‌ରୁ ଆଗକୁ ବଢ଼ି ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାର ସମୟ । ସେ ବାର୍ସିଲୋନା ପକ୍ଷରୁ ୨୦୧୧ ଓ ୨୦୧୫ରେ ଟ୍ରେବଲ୍ ବିଜୟୀ ଦଳର ସଦସ୍ୟ ଥିଲେ । ଲା ଲିଗା, ଚାମ୍ପିଅନ୍ସ ଲିଗ୍ ଓ କୋପା ଡେଲ୍ ରେ'ରେ ଦଳକୁ ସଫଳତା ଦେବାରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ୨୦୧୦ରେ ସ୍ପେନ୍ ପ୍ରଥମଥର ଫିଫା ବିଶ୍ୱକପ୍ ଜିତିବାବେଳେ ମଧ ପେଡ୍ରୋ ଦଳର ଅଂଶ ଥିଲେ । ୨୦୧୨ରେ ୟୁରୋପୀୟ ଚାମ୍ପିଅନ୍‌ସିପ୍ ମଧ ଜିତିଥିଲେ । ଚେଲ୍‌ସିରେ ଖେଳି ପ୍ରିମିୟର ଲିଗ୍ ଟାଇଟଲ୍ ହାସଲ କରିଥିବା ପେଡ୍ରୋଙ୍କ ଶେଷ ପାଞ୍ଚ ଋତୁ ଲାଜିଓରେ କଟିଥିଲା । କ୍ଲବ୍‌ସ୍ତରରେ ସେ ୭୯୪ ମ୍ୟାଚ୍ ଖେଳି ୧୯୭ ଗୋଲ୍ କରିଥିଲେ । ସେହିଭଳି ସେ ସ୍ପେନ୍ ପାଇଁ ୬୫ ମ୍ୟାଚ୍‌ରେ ୧୭ ଗୋଲ୍ ଦେଇଛନ୍ତି ।

## ଆର୍କଟିକ ଓପନ୍ ବ୍ୟାଡ୍‌ମିଣ୍ଟନ: ବିପର୍ଯ୍ୟୟ ଘଟାଇଲେ ତନ୍‌ଭୀ

ହେଲସିଙ୍କି, ୭ ।୧୦ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭୀ ଶର୍ମା ଫିନଲାଣ୍ଡରେ ଚାଲିଥିବା ଆର୍କଟିକ୍ ଓପନ୍‌ରେ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି । ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ତନଭୀ ୨୧-୧୫, ୨୧-୧୭ ସିଧାସଳଖ ଗେମରେ ବିଶ୍ୱର ୧୮ ନମ୍ବର ମାନ୍ୟତା ଖେଳାଳି ତାଇୱାନର ଚିଉ ପିନ୍-ଚିଆନଙ୍କୁ ପରାସ୍ତ କରିଛନ୍ତି । ବିଶ୍ୱ ମାନ୍ୟତାର ୩୭ତମ ସ୍ଥାନରେ ଥିବା ତନଭୀ ବିଜୟ ସହ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଅପରପକ୍ଷରେ ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ମଧ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ୩୧ ବର୍ଷୀୟା ସିନ୍ଧୁ ପ୍ରଥମ ରାଉଣ୍ଡ ମ୍ୟାଚରେ ୨୧-୧୮, ୨୧-୧୧ ଗେମରେ କାନାଡାର ୱେନ ୟୁଝାଙ୍ଗ'ଙ୍କୁ ପରାସ୍ତ କରିଥିଲେ । ଏହି ମ୍ୟାଚ ଜିତିବାକୁ ସିନ୍ଧୁଙ୍କୁ ମାତ୍ର ୨୮ ମିନିଟ ସମୟ ଲାଗିଥିଲା । ତେବେ ଅନ୍ୟ ଦୁଇ ଭାରତୀୟ ସଟଲର୍ ଉନ୍ନତି ହୁଡା ଓ ଅସ୍ମିତା ଚଲିହା ପ୍ରଥମ ରାଉଣ୍ଡରେ ପରାଜୟ ସହ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି ।

## ଆଜି ଭାରତ-ରୁଷିଆ ମହିଳା ଫୁଟବଲ୍ ମ୍ୟାଚ୍

କୋଲକାତା, ୭ ।୧୦ (ଏଜେନ୍ସି): ଭାରତ ଓ ରୁଷିଆ ସିନିଅର ମହିଳା ଫୁଟବଲ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ଗୁରୁବାର ଏଠାରେ ଖେଳାଯିବ । କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଭାରତ ଓ ରୁଷିଆ ମହିଳା ଫୁଟବଲ ଦଳ ମଧ୍ୟରେ ଏହା ତୃତୀୟ ମୁକାବିଲା ହେବ । ଏଥିପୂର୍ବରୁ ୨୦୨୧ ଓ ୨୦୨୫ରେ ଅନୁଷ୍ଠିତ ଦୁଇଟିଯାକ ମ୍ୟାଚକୁ ରୁଷିଆ ଯଥାକ୍ରମେ ୮-୦ ଓ ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା । ତେଣୁ ଭ୍ରମଣକାରୀ ଦଳ ଏହି ବିଜୟଧାରା ବଜାୟ ରଖି ଗୁରୁବାର ହ୍ୟାଟ୍ରିକ ଅର୍ଜନ ଲକ୍ଷ୍ୟରେ ରହିଛି । ଫିଫା ର୍ୟାଙ୍କିଙ୍ଗ ଉପରେ ନଜର ପକାଇଲେ ରୁଷିଆ ୨୭ତମ ଓ ଭାରତ ୬୯ତମ ସ୍ଥାନରେ ରହିଛି । ତେଣୁ ମାନ୍ୟତା ଓ ରେକର୍ଡ ଦୃଷ୍ଟିରୁ ରୁଷିଆର ପଲା ଭାରି ରହିଛି ।

## ପ୍ରମୋଦ, ଭବିନା ଭାରତର ଧ୍ୱଜା ବାହକ





ଏସିଆନ ପାରା ଗେମ୍ସ

ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଏସିଆନ ଗେମ୍ସର ବିଂଶତମ ସଂସ୍କରଣ ସଫଳତାର ସହ ସମାପ୍ତ ହୋଇଯାଇଛି । ଏହି ସମାନ ଭେନ୍ୟୁରେ ଆସନ୍ତା ୧୮ ତାରିଖରୁ ଏସିଆନ ପାରା ଗେମ୍ସ ଆରମ୍ଭ ହେବ । ଏହି ସମ୍ମାନଜନକ ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ପାରାଅଲିମ୍ପିକ୍ ପଦକ ବିଜେତା ପ୍ରମୋଦ ଭଗତ ଏବଂ ଭବିନା ପଟେଲ ଭାରତୀୟ ଦଳର ଧ୍ୱଜାବାହକ ରହିବେ । ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି । ଏସିଆନ ପାରା ଗେମ୍ସ ଇତିହାସରେ ପ୍ରମୋଦ ଓ ଭବିନା ଭାରତର ସବୁଠୁ ସଫଳ କ୍ରୀଡ଼ାବିତ ରହିଛନ୍ତି । ଓଡ଼ିଶାର ପ୍ରମୋଦ ୨୦୧୪ରୁ ୨୦୨୩ ମଧ୍ୟରେ ଏସିଆନ ପାରା ଗେମ୍ସରେ ୬ଟି ପଦକ ଜିତି ଦେଶ ଓ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ସେହିଭଳି ଭବିନା ୨୦୧୮ ଓ ୨୦୨୩ ଏସିଆନ ପାରା ଗେମ୍ସରେ ଯଥାକ୍ରମେ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି । ପିସିଆଇ ପକ୍ଷରୁ ଭାରତୀୟ ପାରା ଆଥଲେଟ ଦଳକୁ ଗୁରୁବାର ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ବିଦାୟୀ ସମ୍ବର୍ଦ୍ଧନା ଦିଆଯିବ । ଉଲ୍ଲେଖଯୋଗ୍ୟ ୨୦୨୩ରେ ହାଙ୍ଗଝୋଉରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସରେ ଭାରତ ମୋଟ୍ ୧୧୧ଟି ପଦକ ବିଜୟୀ ହୋଇଥିଲା । ଯେଉଁଥିରେ ୨୯ଟି ସ୍ୱର୍ଣ୍ଣ, ୩୧ଟି ରୌପ୍ୟ ଓ ୫୧ଟି କାଂସ୍ୟ ପଦକ ରହିଥିଲା । ଓଭରଅଲ୍ ପଦକ ତାଲିକାରେ ଭାରତ ୫ମ ସ୍ଥାନରେ ରହିଥିଲା ।

## ବେଙ୍ଗଲ ରଣଜୀ ଦଳରେ ଭାଇଙ୍କ ସହ ସାମି ସାମିଲ

କୋଲକାତା, ୭ ।୧୦ (ଏଜେନ୍ସି): ରଣଜୀ ଟ୍ରଫିର ୯୨ତମ ସଂସ୍କରଣ ଅକ୍ଟୋବର ୧୧ ତାରିଖରୁ ଆରମ୍ଭ ହେବାକୁଯାଉଛି । ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ବୁଧବାର ବେଙ୍ଗଲ ଦଳ ଘୋଷଣା ହୋଇଛି । ଅଭିଜ୍ଞ ବ୍ୟାଟର୍ ଅଭିମନ୍ୟୁ ଈଶ୍ୱରନଙ୍କୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି । ଈଶ୍ୱରନଙ୍କ ନେତୃତ୍ୱରେ ବେଙ୍ଗଲ ଗତ ସିଜନରେ ସେମିଫାଇନାଲରେ ପ୍ରବେଶ କରିଥିଲା । ସେହିଭଳି ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ମଧ ଘୋଷିତ ଦଳରେ ସ୍ଥାନ ମିଳିଛି । ସାମି ଗତ ସଂସ୍କରଣରେ ୩୭ଟି ୱିକେଟ ନେଇ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ସାମିଙ୍କ ନିଜ ସାନ ଭାଇ ମହମ୍ମଦ କୈଫଙ୍କୁ ମଧ ଦଳରେ ସୁଯୋଗ ମିଳିଛି । ଅକ୍ଟୋବର ୧୧ରୁ ଦିଲ୍ଲୀ ବିପକ୍ଷରେ ଖେଳି ବେଙ୍ଗଲ ରଣଜୀ ଟ୍ରଫିର ୨୦୨୬-୨୭ ସିଜନ ଆରମ୍ଭ କରିବ । କଲ୍ୟାଣୀସ୍ଥିତ ବେଙ୍ଗଲ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ । **ଘୋଷିତ ବେଙ୍ଗଲ ଦଳ** : ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ସୁଦୀପ ଘରାମୀ (ଉପ-ଅଧିନାୟକ), ସୁଦୀପ ଚାଟାର୍ଜୀ, ଅଭିଷେକ ପୋରେଲ, ଶାକିର ଗାନ୍ଧୀ (ଉଭୟ ୱିକେଟକିପର), ଶୁଭମ ଚାଟାର୍ଜୀ, ମହମ୍ମଦ ସାମି, ଆକାଶଦୀପ୍, ମୁକେଶ କୁମାର, ସୁରଜ ଜୟସ୍ୱାଲ, ପ୍ରଦୀପ୍ତ ପାରମାଣିକ, ଆମିର ଗାନି, ମହମ୍ମଦ କୈଫ ଓ ସୌମ୍ୟଦୀପ୍ ମଣ୍ଡଳ ।

## ଭାରତ- ଅଷ୍ଟ୍ରେଲିଆ ମ୍ୟାଚ୍ ସମୟରେ ବୋମା ଧମକ

ଅହମଦାବାଦ, ୭ ।୧୦(ଏଜେନ୍ସି): ଭାରତ-ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ମଧ୍ୟରେ ମ୍ୟାଚ୍ ଚାଲିଥିବାବେଳେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌କୁ ବୁଧବାର ବୋମା ଧମକ ମିଳିବାରୁ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା । ତେବେ ପରେ ପୁଲିସ ଏହି ଧମକକୁ ମିଛ ବୋଲି ସ୍ପଷ୍ଟ କରିଛି । ଷ୍ଟାଡିୟମ୍ ବ୍ୟତୀତ ଅହମଦାବାଦ ହାଇକୋର୍ଟ ଏବଂ ସହରର ଏକାଧିକ ସ୍କୁଲ ଓ କଲେଜକୁ ମଧ ପ୍ରାୟ ସକାଳ ୧୧ଟା ସମୟରେ ଇ-ମେଲ୍ ମାଧ୍ୟମରେ ବୋମା ଧମକ ଦିଆଯାଇଥିଲା । ଧମକପୂର୍ଣ୍ଣ ଇ-ମେଲ୍ ମିଳିବା ପରେ ଷ୍ଟାଡିୟମ୍‌ରେ ସାଇବର ସେଲ୍‌ର ଏକ ଟିମ୍ ପହଞ୍ଚି ତଦନ୍ତ କରିଥିଲା । ଗୁଜରାଟ କ୍ରିକେଟ୍ ସଂଘର ସମ୍ପାଦକ ଅନିଲ ପଟେଲ କହିଛନ୍ତି ଯେ ଇ-ମେଲ୍ ମିଳିବା ପରେ ତୁରନ୍ତ ସ୍ଥାନୀୟ ପୁଲିସକୁ ସୂଚନା ଦିଆଯାଇଥିଲା । ଆସନ୍ତା ନଭେମ୍ବର ୨୧ରେ ଷ୍ଟାଡିୟମ୍‌ରେ ହେବାକୁ ଥିବା ଦିଲଜିତ ଦୋସାଞ୍ଜଙ୍କ କାର୍ଯ୍ୟକ୍ରମକୁ ବାଧା ଦେବା ନେଇ ମଧ ଇ-ମେଲ୍‌ରେ ଧମକ ଥିଲା । ଧମକ ମିଳିବା ସମୟରେ ଉଭୟ ଦଳ ଷ୍ଟାଡିୟମ୍‌ରେ ଥିଲେ । ମ୍ୟାଚ୍ ପ୍ରାୟ ୧୧ଟା ୧୫ରେ ଶେଷ ହୋଇଥିଲା । ପରେ ନିରାପତ୍ତା ପ୍ରୋଟୋକଲ୍ ଅନୁଯାୟୀ ଦୁଇ ଦଳକୁ ଷ୍ଟାଡିୟମ୍‌ରୁ ବାହାର କରାଯାଇଥିଲା । ପୁଲିସ ଯାଞ୍ଚ ପରେ ଧମକଟି ମିଛ ବୋଲି ଜଣାପଡ଼ିଛି ।

ଦ୍ୱିତୀୟ ୟୁଥ୍ ଟେଷ୍ଟରେ ତନ୍ମୟଙ୍କୁ ୧୪ ୱିକେଟ୍

## ଅଷ୍ଟ୍ରେଲିଆକୁ ହରାଇ ସିରିଜ କ୍ଲିନ୍‌ସୁଇପ୍ କଲା ଭାରତ



ଅହମ୍ମଦାବାଦ, ୭ ।୧୦ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ମ୍ୟାଚକୁ ଭାରତ ୧୦ ୱିକେଟରେ ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି । ଅଷ୍ଟ୍ରେଲିଆ ଯୁବ ଦଳ ପକ୍ଷରୁ ମାତ୍ର ୧୧ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହାକୁ ପିଛା କରିଥିବା ଘରୋଇ ଭାରତୀୟ ୟୁଥ୍ ଦଳ ବୁଧବାର ତୃତୀୟ ଦିବସରେ ମାତ୍ର ୫ଟି ବଲ୍ ଖେଳି କୌଣସି ୱିକେଟ ନ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ବାମହାତୀ ସ୍ପିନର ତନ୍ମୟ ବାଲୋଦା ମ୍ୟାଚରେ ମୋଟ୍ ୧୪ଟି ୱିକେଟ ନେଇ ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୂର୍ବରୁ ପ୍ରଥମ ୟୁଥ୍ ଟେଷ୍ଟକୁ ଭାରତ ଏକ ପାଳି ଓ ୪୮ ରନରେ ବିଜୟୀ ହୋଇଥିଲା । ଫଳରେ ଯଶବର୍ଦ୍ଧନ ଚୌହାନଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି । ପୂର୍ବରୁ ଦିନିକିଆ ସିରିଜକୁ ମଧ ଭାରତ ୩-୦ରେ ପୋଛିନେଇଥିଲା । ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଅଷ୍ଟ୍ରେଲିଆ ଦଳ ପ୍ରଥମ ପାଳିରେ ମାତ୍ର ୧୭୪ ରନରେ ସୀମିତ ରହିଥିଲା । ତନ୍ମୟ ୨୫ ଓଭର ବୋଲିଂ କରି ୧୧ଟି ମେଡେନ ସହ ୩୨ ରନ ବ୍ୟୟରେ ୬ଟି ୱିକେଟ ନେଇଥିଲେ । ଏହାପରେ ଭାରତ ପ୍ରଥମ ପାଳିରେ ୩୧୫ ରନ କରିଥିଲା । ୧୪୧ ରନରେ ପଛୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ମଧ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୧ ରନରେ ଅଲଆଉଟ୍ ହୋଇଥିଲା । ଏହି ପାଳିରେ ମଧ ତନ୍ମୟ ୮ ଟି ୱିକେଟ ନେଇଥିଲେ ।

ଅଗରକରଙ୍କୁ ଗମ୍ଭୀରଙ୍କ ଭାବପ୍ରବଣ ବିଦାୟୀ ବାର୍ତ୍ତା

## 'ଇତିହାସ ସବୁବେଳେ ତୁମକୁ ମନେ ରଖିବ'



ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି)

ଭାରତୀୟ ସିନିଅର ଚୟନ କମିଟିର ଅଧ୍ୟକ୍ଷ ଭାବରେ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି । ଏହି ଅବସରରେ ଅଗରକରଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏକ ଭାବପ୍ରବଣ ବିଦାୟ ବାର୍ତ୍ତା ଲେଖିଛନ୍ତି । ଗମ୍ଭୀର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଅଗରକରଙ୍କ ସହିତ ଏକ ଫଟୋ ସେୟାର କରି ଲେଖିଛନ୍ତି ଯେ ପ୍ରିୟ ଅଜିତ ଭାଇ, ଆପଣଙ୍କ ସହିତ କାମ କରିବା ଏକ ବଡ଼ ସମ୍ମାନର କଥା । ସେହି ତିନୋଟି ଆଇସିସି ଟ୍ରଫି ଆପଣଙ୍କ ଦୃଢ଼ ବିଶ୍ୱାସର ପ୍ରମାଣ ଯେ ଦଳ ସର୍ବଦା ପ୍ରଥମ ଏବଂ ସର୍ବୋପରି ଆଗରେ ରହିଥାଏ । ମୁଁ କହିବାକୁ ଚାହୁଁଛି ଯେ ଇତିହାସ ସର୍ବଦା ଆପଣଙ୍କୁ ସକାରାତ୍ମକ ନଜରରେ ଦେଖିବ । ସବୁକିଛି ପାଇଁ ଧନ୍ୟବାଦ । ତୁମର ଭବିଷ୍ୟତର ସମସ୍ତ କାର୍ଯ୍ୟ ତଥା ପ୍ରୟାସ ପାଇଁ ମୋର ଆନ୍ତରିକ ଶୁଭକାମନା ।' ଉଲ୍ଲେଖଯୋଗ୍ୟ ଅଗରକରଙ୍କ କାର୍ଯ୍ୟକାଳ ସମୟରେ, ଦଳ ଚୟନକୁ ନେଇ ଏକାଧିକଥର ପ୍ରଶ୍ନ ଉଠିଥିଲା । ଏହି ପରିପ୍ରେକ୍ଷୀରେ, ଗମ୍ଭୀରଙ୍କ ବିଦାୟୀ ପୋଷ୍ଟରେ ଗୋଟିଏ ଧାଡ଼ି ସ୍ପଷ୍ଟ ଭାବରେ ଦେଖାଯାଇଛି । ଯାହା ସୂଚାଇ ଦେଉଛି ଯେ ଭବିଷ୍ୟତରେ ଯେତେବେଳେ ଅଗରକରଙ୍କ ବିଷୟରେ ଆଲୋଚନା କରାଯିବ, ତାଙ୍କୁ ସମ୍ମାନର ସହିତ ବ୍ୟବହାର କରାଯିବ ।

ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ଚୟନ ବୈଠକରେ ଉପସ୍ଥିତ ରହିବେ ଲକ୍ଷ୍ମଣ



ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ଲାଗି ଦଳ ଚୟନ ଅବସରରେ ବିସିସିଆଇ ଚୟନ କମିଟିର ସଦସ୍ୟ

ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏକ ବଡ଼ ନିଷ୍ପତ୍ତି ନେଇଛି । ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ମୁଖ୍ୟ ଭିଭିଏସ ଲକ୍ଷ୍ମଣ ଏବେ ଟିମ୍ ଇଣ୍ଡିଆର ଚୟନ ବୈଠକରେ ଉପସ୍ଥିତ ରହିବେ । ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହା କହିଛନ୍ତି । ସାଇକିଆ କହିଛନ୍ତି ଯେ ସିଓଇ ମୁଖ୍ୟ ଲକ୍ଷ୍ମଣଙ୍କ ସିନିଅର ପୁରୁଷ ଜାତୀୟ ଚୟନ କମିଟି ବୈଠକରେ ଅଂଶଗ୍ରହଣ ଏବେ ସାଧାରଣ ହୋଇଯିବ । ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ଗତ ମାସରେ ମୁମ୍ବଇର ମୁଖ୍ୟାଳୟରେ ଅନୁଷ୍ଠିତ ଏକ ବ୍ୟାପକ ସମୀକ୍ଷା ବୈଠକ ସମୟରେ ନିଆଯାଇଥିଲା । ଦଳ ଚୟନ କରିବା ସମୟରେ ଚୟନକର୍ତ୍ତା ଏବଂ ସିଓଇ ମଧ୍ୟରେ କୌଣସି ଭୁଲ ବୁଝାମଣା ନ ହେବା ନିଶ୍ଚିତ କରିବା ପାଇଁ ଲକ୍ଷ୍ମଣ ଗତକାଲି ନ୍ୟୁଜିଲାଣ୍ଡ ଟି-୨୦ ସିରିଜ ଲାଗି ଅନୁଷ୍ଠିତ ଚୟନ ବୈଠକରେ ଉପସ୍ଥିତ ଥିଲେ । ସେ ବେଙ୍ଗାଲୁରୁରେ ବିସିସିଆଇ ସିଓଇରେ କ୍ରିକେଟ୍ ମୁଖ୍ୟ । ବର୍ତ୍ତମାନ ସିନିଅର ପୁରୁଷ ଦଳର ସମସ୍ତ ଚୟନ ବୈଠକରେ ସେ ଯୋଗଦେବେ । ଲକ୍ଷ୍ମଣ ପ୍ରତ୍ୟେକ ଖେଳାଳିଙ୍କ ଆଘାତ ବିଷୟରେ ସମ୍ପୂର୍ଣ୍ଣ ଅବଗତ । କୌଣସି ଭୁଲ ବୁଝାମଣା ଏଡ଼ାଇବା ପାଇଁ, ତାଙ୍କୁ ଏବେଠୁ ପ୍ରତ୍ୟେକ ଦଳ ଚୟନ ବୈଠକରେ ସାମିଲ କରାଯିବ । ପ୍ରକାଶଯୋଗ୍ୟ, ସାମ୍ପ୍ରତିକ ସମୟରେ ଏକାଧିକ ଖେଳାଳିଙ୍କୁ ଦଳରେ ସାମିଲ ହେବାପରେ ସେମାନଙ୍କୁ ବାଦ ଦେବାକୁ ପଡିଥିଲା । କାରଣ ସେମାନେ ଗସ୍ତ ପୂର୍ବରୁ ସମ୍ପୂର୍ଣ୍ଣ ଫିଟ୍ ନଥିଲେ । ଏହାକୁ ଦୃଷ୍ଟିରେ ରଖି, ବିସିସିଆଇ ଏବେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY